

◀ ଆଜିର 'ସକାଳ' ସହ 'ସିନ୍ଦୁରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-339 ◆SUNDAY ◆7 JUNE 2026 ◆PAGE-12+4 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୩୩୯ ◆ରବିବାର ◆୭ ଜୁନ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୁରା) ◆ଟ.୭.୦୦



Laxmi Vikash Group of Institutions
Bargarh | Bhawanipatna | Jharsuguda
Jeypore | Kantabanji

# VIKASH
## Higher Educational Institutions
24 Glorious Years of Excellence in Education



"Best Higher Educational Institutions of Western Odisha"
(Awarded by OTV for the 2nd Consecutive year)

## The Legacy of GOLD Continues ...

UNIV. RANK 1 (BCA)



Aradhana Pradhan
9.62 CGPA

UNIV. RANK 1 B.A. PSY. (H.)



Sanskruti Hota
9.42 CGPA

UNIV. RANK 1 (BBA)



N. Jhansi Rani
8.97 CGPA

### BCA Final Sambalpur University Results 2026

- 1st Rank 9.62 CGPA — ARADHANA PRADHAN
- 2nd Rank 9.48 CGPA — ADYASHA RANA
- 5th Rank 9.10 CGPA — TANMAYA MAHARANA
- 8th Rank 8.87 CGPA — K SAI MANISHA
- 9th Rank 8.84 CGPA — KHUSI KUMARI

### BBA Final Sambalpur University Results 2026

- 1st Rank 8.97 CGPA — N. JHANSI RANI
- 4th Rank 8.76 CGPA — ANISHA GUPTA
- 5th Rank 8.59 CGPA — SIMRAN GUPTA
- 7th Rank 8.23 CGPA — PALLAVI SHARMA
- 7th Rank 8.23 CGPA — ROHIT SHARMA
- 8th Rank 8.17 CGPA — SHRUTI AGRAWAL
- 9th Rank 8.12 CGPA — PRACHI PANDA

### +3 Final Sambalpur University Results 2026

- 1st Rank Psychology Hons 9.42 CGPA — SANSKRUTI
- 2nd Rank Botany Hons 9.35 CGPA — SMITA
- 2nd Rank Physics Hons 9.25 CGPA — SWAPNIL
- 4th Rank Zoology Hons 9.39 CGPA — SAYANA
- 5th Rank Botany Hons 9.17 CGPA — SHRABANI
- 5th Rank Chemistry Hons 9.25 CGPA — JAYASHREE
- 5th Rank Comp. Sc. Hons 9.21 CGPA — PREETI
- 5th Rank Education Hons 8.91 CGPA — BANITA
- 5th Rank Math. Hons 8.95 CGPA — UMESH
- 6th Rank Comp. Sc. Hons 9.12 CGPA — TANISHA
- 7th Rank Commerce Hons 9.02 CGPA — BARSHA
- 7th Rank Zoology Hons 9.30 CGPA — PUNAM
- 8th Rank Commerce Hons 8.98 CGPA — RAJNANDINI
- 8th Rank Comp. Sc. Hons 9.08 CGPA — ARZOO
- 8th Rank English Hons 8.30 CGPA — GARIMA
- 8th Rank Physics Hons 9.08 CGPA — PRIYANKA
- 10th Rank Comp. Sc. Hons 8.97 CGPA — AYUSH
- 10th Rank English Hons 8.20 CGPA — ANWESHA

### B.Tech Final University Result 2026

- Branch Topper 8.73 CGPA — Namrata Nayak — CSE
- Branch Topper 8.29 CGPA — Seikh Salimuddin — EEE
- Branch Topper 8.29 CGPA — Rahul Deep — Mech.
- Branch Topper 8.10 CGPA — Saraswati Bariha — Civil

M.Com (2024-26)
Univ. Rank 6
8.64 CGPA
Priyaranjan Bhoi

VIKASH
THE GOLD Standards in Higher Education

MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A. | BBA | BCA
B.A. LL.B | M.Sc. (N) | P.B. B.Sc. (N) | B.Sc. (N) | GNM | ANM | DMLT | DMRT | B. Pharm | D. Pharm

Celebrating 25th Year of EXCELLENCE IN EDUCATION

## ADMISSIONS OPEN 2026-27

94393 49333 / 82800 08111
92372 70045 / 94380 85817

Visit us @ www.odishavikash.com | Email: vheicampus@gmail.com
Vikash Knowledge Hub, Barahaguda, Bargarh

# ଦନ୍ତା ପାଦତଳେ ଗଲା ୨ ଜୀବନ

## ଶୌଚ ପାଇଁ ଯାଇଥିବାବେଳେ ଦଳିଦେଲା

ଲହୁଣୀପଡ଼ା, ୬।୬(ସମିସ): ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଅଧୀନ ବାଙ୍କି ବନାଞ୍ଚଳ ଲହୁଣୀପଡ଼ା ବିଟ୍ ଓ ରାଜାମୁଣ୍ଡା ସେକ୍ସନ ଅଧୀନ ସାଲେଇଡିହି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଶୌଚ ପାଇଁ ଯାଇଥିବା ବେଳେ ଜଣେ ବୃଦ୍ଧାଙ୍କୁ ଏକ ଦନ୍ତା ହାତୀ ଦଳି ମାରିଦେଇଛି। ମୃତ ବୃଦ୍ଧାଜଣଙ୍କ ହେଲେ, ସାଲେଇଡିହି (କଚ୍ଛୁପଡା) ଗ୍ରାମର ଯମୁନା ମାହାନ୍ତ (୬୫)।

ସୂଚନାନୁଯାୟୀ, ଶୁକ୍ରବାର ଭୋର୍ ପ୍ରାୟ ୫ଟାରେ ଯମୁନା ମାହାନ୍ତ ଶୌଚ ପାଇଁ ଘର ନିକଟସ୍ଥ ବିଲମାଳକୁ ଯାଇଥିଲେ। ସେହି ସମୟରେ ହଠାତ୍ ଏକ ଦନ୍ତା ଆସି ତାଙ୍କୁ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ବୃଦ୍ଧାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟଲୋକେ ପାଟିତୁଣ୍ଡ କରିବା ପରେ ହାତୀଟି ଗ୍ରାମ ସଂଲଗ୍ନ ଜଙ୍ଗଲକୁ ପଳାଇ ଯାଇଥିଲା। ହାତୀଟି ଏବେ ମଧ୍ୟ ନିକଟସ୍ଥ ଜଙ୍ଗଲରେ ଥିବା ସୂଚନା ମିଳିଥିବାରୁ ସାଲେଇଡିହି ସମେତ ଆଖପାଖ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ, ଉକ୍ତ ହାତୀ ଶୁଖାବନ୍ଧ ଗ୍ରାମର ଜାନକୀ ମାହାନ୍ତ ଓ ଶିବ ମାହାନ୍ତଙ୍କ ଘରେ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଲହୁଣୀପଡ଼ା ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ହାତୀର ଗତିବିଧି ସମ୍ପର୍କରେ ବନ ବିଭାଗ ପକ୍ଷରୁ କୌଣସି ପୂର୍ବ ସତର୍କ ସୂଚନା ଦିଆଯାଇ ନଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶଥାଉକି, ବଣାଇଁ ବନଖଣ୍ଡ ଅଞ୍ଚଳରେ ୬ଟିକିଆ ଏକ ହାତୀପଲ ଆସି ଆତଙ୍କ ଚଳାଇଥିବା ବେଳେ ଦନ୍ତାଟି ଗୋଠଛଡ଼ା ହୋଇଥିବା ଅନୁମାନ କରାଯାଉଛି। ଏଣୁ, ଅଞ୍ଚଳରେ ତୁରନ୍ତ ହାତୀ ନିରୀକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ଜୋରଦାର କରିବାକୁ ସାଧାରଣଲୋକ ଦାବି କରିଛନ୍ତି।

## କଚାଡ଼ି ମାରିଲା ଗୋଠଛଡ଼ା ହାତୀ



ଆନନ୍ଦପୁର, ୬।୬ (ସମିସ): ଆନନ୍ଦପୁର ସହରର କଲେଜ ପାଖ ଆମ୍ବ ବଗିଚାରେ ଏକ ଗୋଠଛଡ଼ା ଦନ୍ତା ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ଫକୀରପୁର ଗାଁର ମଞ୍ଜୁଲତା ନାଥ। ଭୋର୍ ପ୍ରାୟ ୪ଟାରେ ମଞ୍ଜୁଲତା ଆମ୍ବ ବଗିଚାକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଦନ୍ତାଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ହାତୀଟି ରାତିରେ ସିଆଡିମାଳିଆରୁ ଉତ୍ତରେଶ୍ୱର ମନ୍ଦିର ରାସ୍ତା ଦେଇ ଏହି ଆମ୍ବ ବଗିଚାରେ ପଶିଥିବା ଅନୁମାନ କରାଯାଉଛି। ସକାଳେ ଅନ୍ୟ ଜଣେ ମହିଳା ଯଶୋଦା ମଲ୍ଲିକ ସକାଳୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। କିନ୍ତୁ ସେ ହାତୀ କବଳରୁ ଖସି ଆସିଥିଲେ। ଏହି ଖବର ପ୍ରଘଟ ହେବା ପରେ ବନ ବିଭାଗ ସହାୟତାରେ ଗ୍ରାମବାସୀ ହାତୀକୁ ଘଉଡ଼ାଇ ଦେଇଥିଲେ। କିନ୍ତୁ ମଞ୍ଜୁଙ୍କ ମୃତ୍ୟୁ ସମ୍ପର୍କରେ କେହି ଜାଣିପାରିନଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକେ ଖୋଜାଖୋଜି କରିବାରୁ ତୋଟାରେ ମଞ୍ଜୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ।

ଖବର ପାଇ ଡିଏଫ୍ଓ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ବନବିଭାଗ କର୍ମଚାରୀ ହାତୀର ଗତିବିଧି ଲକ୍ଷ୍ୟ କରିବା ସହ ହାତୀକୁ ସ୍ଥାନୀୟ ଜଙ୍ଗଲକୁ ଘଉଡ଼ାଇ ଦେଇଥିବା ସୂଚନା ମିଳିଛି। ମୃତକଙ୍କ ପରିବାରକୁ ବନବିଭାଗ ପକ୍ଷରୁ ୧୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବା ନିମନ୍ତେ ବନାଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଗୋଠଛଡ଼ା ଏହି ଦନ୍ତାଟି ବର୍ତ୍ତମାନ ବାଉଁଶଗଡ଼ ଦେଇ ସାତକୋଶିଆ ଜଙ୍ଗଲମୁହାଁ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବାଘଛାଲ ଜବତ; ୮ ଗିରଫ

## ଗ୍ରାହକ ଅପେକ୍ଷାରେ ଥିଲେ, ମାଡ଼ି ବସିଲା ବନ ବିଭାଗ



ରାୟଗଡ଼/କଲ୍ୟାଣସିଂପୁର, ୬।୬(ସମିସ): ରାୟଗଡ଼ା ଡିଭିଜନ୍ ବନଖଣ୍ଡ ଅନ୍ତର୍ଗତ କଲ୍ୟାଣସିଂପୁର ରେଞ୍ଜ ଅଧୀନ ରିଭଲକଣା ଛକରେ ଚଢ଼ଉ କରି ବନ ବିଭାଗ ଗୋଟିଏ କଲରାପତରିଆ ବାଘଛାଲ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ୮ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଗ୍ରାହକ ଅପେକ୍ଷାରେ ଥିବା ବେଳେ କଲ୍ୟାଣସିଂପୁର

### କଲରାପତରିଆଶୂନ୍ୟ କର୍ଲାପାଟ ରିଜର୍ଭ ଫରେଷ୍ଟ!

ଓ ରାୟଗଡ଼ ରେଞ୍ଜ ଅଧିକାରୀ ସଚ୍ଚିଦାନନ୍ଦ ପରିଡ଼ା, ଅନୀଲ ପାଣିଗ୍ରାହୀ, ଫରେଷ୍ଟର୍ ଶିବପ୍ରସାଦ ମହାପାତ୍ର, ଗୌରୀଶଙ୍କର ସାହୁ, ରବିଚନ୍ଦ୍ର ପାତ୍ରଙ୍କ ସମେତ ଭବାନୀପାଟଣା ଦକ୍ଷିଣ ରେଞ୍ଜ ଟିମ୍ ଚଢ଼ଉ କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୩ଜଣ କଳାହାଣ୍ଡି ଓ ୫ଜଣ ରାୟଗଡ଼ା ଜିଲ୍ଲାର। ସେମାନେ ହେଲେ, କଳାହାଣ୍ଡି ଜିଲ୍ଲା ରାକସି ଗାଁର ମୁନୁଗା ମାଝି, ଟିଟିଝୋଲାର ଇଜେ ରାଓ ସାହୁ ଓ ପାହାଡ଼ପଦର ଗ୍ରାମର ଇନ୍ଦ୍ରେ ବେନିଆ ଏବଂ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଥାନା ଅନ୍ତର୍ଗତ ରଭିଲକଣା ଗ୍ରାମର ଭରତ ନାଚିକା, କୌଳସ ଜାନି, ଚାନ୍ଦିଲି ଥାନା ଅନ୍ତର୍ଗତ ବଡ଼ଚାନ୍ଦିଲି ଗ୍ରାମର ସୀମାଦ୍ରି ତାଡିଙ୍ଗି, ବଡ଼ଚମ୍ପିଆ ଗ୍ରାମର ପ୍ରଶାନ୍ତ କାଦ୍ରକା ଓ କାର୍ତ୍ତିପାଡୁ ଗ୍ରାମର ଧର୍ମା ପାତିକା।

ପାଖାପାଖି ୪ ମାସ ତଳେ ଭବାନୀପାଟଣାଠାରୁ ମାତ୍ର ୧୦ କିମି ଦୂର ଜଙ୍ଗଲରେ ଏହି କଲରାପତରିଆ ବାଘଟି ଶିକାର ହୋଇଥିବା ଅନୁମାନ କରାଯାଉଛି। ସେତେବେଳେ ବନ ବିଭାଗ ଜଣେ ଶିକାରୀକୁ ଗିରଫ କରିଥିଲେ ହେଁ ତା' ଠାରୁ ବାଘଛାଲ ଜବତ ହୋଇପାରିନଥିଲା। ସହଯୋଗୀମାନେ ଉକ୍ତ ବାଘଛାଲ ବିକ୍ରି କରିବାକୁ କଲ୍ୟାଣସିଂପୁର ବ୍ଲକ୍‌ର ରିଭଲକଣାକୁ ଆସିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ରାୟଗଡ଼ା ଜିଲ୍ଲାରୁ ଗତ ୨ବର୍ଷ ମଧ୍ୟରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ କଲରାପତରିଆ ବାଘଛାଲ ଜବତ ହେବା ବନ୍ୟପ୍ରାଣୀପ୍ରେମୀଙ୍କ ଚିନ୍ତା ବଢ଼ାଇଛି। ପୂର୍ବରୁ ଜିଲ୍ଲାର ଗୁମ୍ମା ରିଜର୍ଭ ଫରେଷ୍ଟ ଏବଂ ମୁନିଗୁଡ଼ା ରେଞ୍ଜ ଅନ୍ତର୍ଗତ ଚନ୍ଦ୍ରପୁର ବନାଞ୍ଚଳରେ ବହୁସଂଖ୍ୟକ କଲରାପତରିଆ ବାଘ ଦେଖାଯାଉଥିଲା। କିନ୍ତୁ, ନିକଟରେ ବନବିଭାଗ ଦ୍ୱାରା ହୋଇଥିବା ବାଘଗଣନା ସମୟରେ ଗୋଟିଏ ବି ବାଘ ଟ୍ରାପ୍ କ୍ୟାମେରାରେ କଏଦ୍ ହୋଇନଥିଲା। ଗତ ଡିସେମ୍ବରରେ ଶେଷଥର ପାଇଁ ଟ୍ରାପ୍ କ୍ୟାମେରାରେ ଗୋଟିଏ ବାଘର ସୂଚନା ମିଳିଥିଲା। ତେଣୁ, ବର୍ତ୍ତମାନ ଜବତ ହୋଇଥିବା ବାଘଛାଲଟି କଳାହାଣ୍ଡି ଜିଲ୍ଲା କର୍ଲାପାଟ ରିଜର୍ଭ ଫରେଷ୍ଟ ଅଞ୍ଚଳର ବୋଲି ବନ ବିଭାଗ ସନ୍ଦେହ କରୁଛି।

# ଭାଇ ସହ ମିଶି ପୁଲିସ୍ ସ୍ୱାମୀକୁ ପୋଡ଼ି ମାରିବାକୁ ଉଦ୍ୟମ!



ବ୍ରହ୍ମପୁର, ୬।୬ (ସମିସ): ପ୍ରେମ ବିବାହ କରିଥିଲେ। ସାତଜନ୍ମର ସାଥୀ ହେବା ପାଇଁ ଅଗ୍ନିକୁ ସାକ୍ଷୀ ରଖିଥିଲେ। କିନ୍ତୁ, ସାତଜନ୍ମ ଦୂରେ ଥାଉ, ଦୁଇ ବର୍ଷ ବି ତିଷ୍ଠି ପାରିଲା ନାହିଁ ସେମାନଙ୍କ ଦାମ୍ପତ୍ୟ। ପରିସ୍ଥିତି ଏମିତି ହେଲା ଯେ ସ୍ୱାମୀ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ। ପାରିବାରିକ କଳହକୁ କେନ୍ଦ୍ର କରି ଗତ ରାତିରେ ବ୍ରହ୍ମପୁର ଟାଉନ୍ ଥାନା ଅଞ୍ଚଳରେ ଏଭଳି ଏକ ଘଟଣା ଘଟିଛି। ଗୁରୁତର ସ୍ୱାମୀ ହେଲେ, ବିଜିପୁର ପୁଲିସ୍ କଲୋନୀ ନିବାସୀ କନେଷ୍ଟବଳ ଆଶୁତୋଷ ମୃଦଙ୍ଗିଆ। ତାଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ଆଶୁତୋଷଙ୍କ ପରିବାରଲୋକ ସାଂଘାତିକ ଅଭିଯୋଗ କରିଛନ୍ତି। ଆଶୁତୋଷଙ୍କ ମା' ଦୀପା ମୃଦଙ୍ଗିଆଙ୍କ ଅଭିଯୋଗ ଅନୁଯାୟୀ, ଆଶୁତୋଷକୁ ବୋହୂ ସଂଧ୍ୟା ନାୟକ ଓ ତା' ଭାଇ ମିଳିମିଶି ହତ୍ୟା କରିବାକୁ ଉଦ୍ୟମ କରିଛନ୍ତି।

ଆଶୁତୋଷ ଓ ସନ୍ଧ୍ୟା ଦୀର୍ଘବର୍ଷ ଧରି ପରସ୍ପରକୁ ଭଲ ପାଉଥିଲେ। ୨୦୨୫ ଫେବ୍ରୁଆରିରେ ଦୁହେଁ ବିବାହ କରିଥିଲେ। କିନ୍ତୁ, ବିବାହ ପରେ ବିଭିନ୍ନ କାରଣରୁ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ଆଶୁତୋଷଙ୍କ ବିରୋଧରେ ପତ୍ନୀ ସନ୍ଧ୍ୟା ମହିଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଆଶୁତୋଷଙ୍କୁ ଗିରଫ କରିଥିଲା। ଦୀର୍ଘ ଦିନ ଧରି ଆଶୁତୋଷ ଜେଲରେ ରହିବା ପରେ ୩ ଦିନ

### ଗୁରୁତର କନେଷ୍ଟବଳ ଏମ୍ସରେ ଭର୍ତ୍ତି

ତଳେ ସେ ଜେଲରୁ ଜାମିନରେ ମୁକୁଳିଥିଲେ। ଶୁକ୍ରବାର ସନ୍ଧ୍ୟାରେ ପୁଲିସ କ୍ୱାର୍ଟର୍ସରେ ସନ୍ଧ୍ୟାଙ୍କ ଉପସ୍ଥିତିରେ ଆଶୁତୋଷ ସେଠାକୁ ଯାଇଥିଲେ। ଏହି ସମୟରେ ସନ୍ଧ୍ୟା ଓ ତାଙ୍କ ଭାଇ ମିଶି ଆଶୁତୋଷଙ୍କ ଉପରେ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଆଶୁତୋଷଙ୍କ ମା' ଦୀପା। ଆଶୁତୋଷଙ୍କୁ ପ୍ରଥମେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ତାଙ୍କୁ ଭେଟି ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରିଥିଲେ। ଏହାସହ ଆଶୁତୋଷଙ୍କ ପରିବାରଲୋକଙ୍କ ସହ ମଧ୍ୟ ଘଟଣାକୁ ନେଇ ଅଧିକ ଖୋଳତାଡ଼ କରିଛନ୍ତି।

ଆଶୁତୋଷଙ୍କ ଭଉଣୀ ନିବେଦିତା ଦେବୀ ଭାଉଜ ସନ୍ଧ୍ୟା ଓ ତାଙ୍କ ଭାଇଙ୍କ ବିରୋଧରେ ଅଭିଯୋଗ ଆଣିଥିବା ବେଳେ ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜଣାପଡ଼ିଛି। ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି କହିଛନ୍ତି।

## ଏସ୍‌ଆଇଆର୍‌ରେ ବିଏଲ୍‌ଓଙ୍କୁ ସହଯୋଗ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅପିଲ୍

ଭୁବନେଶ୍ୱର, ୬।୬(ସମିସ): ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ଜାରି ରହିଥିବାବେଳେ ଭୋଟର ତାଲିକାକୁ ସଂଶୋଧନ କରି ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁଦୃଢ଼ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ବିଶେଷ କରି ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଥିବା ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଯେଉଁ ଯୋଗ୍ୟ ନାଗରିକମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ବିଏଲ୍‌ଓଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରନ୍ତୁ। ବିଏଲ୍‌ଓଙ୍କ ପାଖକୁ ନଯାଇ ସିଧାସଳଖ ଅନଲାଇନ୍‌ରେ ମଧ୍ୟ ନିଜର ଫର୍ମ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟରେ ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି। ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ରାଜ୍ୟର ସମୁଦାୟ ୧କୋଟି ୯୮ ଲକ୍ଷ ୯୭ ହଜାର ୩୩୧ଜଣ ଅର୍ଥାତ ମୋଟ ୫୯.୫୭ ପ୍ରତିଶତ ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଣ୍ଟାଯାଇଛି। ଏହାବ୍ୟତୀତ ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍‌ରୁ ମଧ୍ୟ ଏହି ଫର୍ମ ଡାଉନଲୋଡ୍ କରି, ତଥ୍ୟ ପୂରଣ ପରେ ନିଜେ ଅପଲୋଡ୍ କରିପାରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଅନ୍ୟ ସହାୟତା ପାଇଁ ହେଲ୍ପଲାଇନ ନମ୍ବର ୧୯୫୦ କୁ ଯୋଗାଯୋଗ କରିବାକୁ କମିସନ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ମାଗଣା ୟୁପିଏସ୍‌ସି କୋଚିଂ ପାଇଁ ବିଜ୍ଞପ୍ତି ପ୍ରକାଶିତ

ଭୁବନେଶ୍ୱର, ୬।୬(ସମିସ): ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ଶିକ୍ଷାବର୍ଷ ୟୁପିଏସ୍‌ସି ସିଭିଲ ସର୍ଭିସେସ୍ ପରୀକ୍ଷା ପାଇଁ ମାଗଣା ଆବାସିକ କୋଚିଂ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଏହି ଯୋଜନାରେ ଓଡ଼ିଶାର ୨୦୦ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଶୁଳ୍କ କୋଚିଂ ସହିତ ଖାଇବା ଓ ରହିବା ସୁବିଧା ଯୋଗାଇ ଦିଆଯିବ। ପ୍ରାର୍ଥୀ ଚୟନ ପାଇଁ ଆସନ୍ତା ଜୁନ ୨୮ ତାରିଖରେ ଏକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଆସନ୍ତା ୮ ତାରିଖ ସକାଳ ୧୧ଟାରୁ ସାମ୍ସ ପୋର୍ଟାଲରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଆଶାୟୀ ପ୍ରାର୍ଥୀମାନେ ୧୯ ରାତି ୧୧ଟା ୪୫ ମିନିଟ୍ ସୁଦ୍ଧା ଆବେଦନ କରିପାରିବେ। ୨୪ ତାରିଖରେ ଆଡମିଟ୍ କାର୍ଡ ପ୍ରକାଶ ପାଇବା ପରେ ୨୮ରେ ପରୀକ୍ଷା ହେବ। ୨୯ ତାରିଖରେ ଏହାର ପ୍ରୋଭିଜିନାଲ୍ ଆନ୍‌ସାର କି ପ୍ରକାଶ ପାଇବ। ଉତ୍ତର କି' କୁ ନେଇ ପରୀକ୍ଷାର୍ଥୀଙ୍କ କୌଣସି ଆପତ୍ତି ଥିଲେ ଜୁଲାଇ ୩ ତାରିଖ ଯାଏଁ ଆପତ୍ତି ଦାଖଲ କରିପାରିବେ। ଏହାପରେ ୮ ତାରିଖରେ ଚୂଡ଼ାନ୍ତ ଆନ୍‌ସାର୍ କି' ପ୍ରକାଶ ପାଇବ। ଏହାପରେ ମେଧା ତାଲିକା ସହ ନାମଲେଖା ପାଇଁ ସମୟ ସୂଚୀ ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଆବେଦନ ଶୁଳ୍କ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ୟୁପିଏସ୍‌ସି ପ୍ରିଲିମ୍ସ ଓ ମେନ୍ସ ପରୀକ୍ଷା ପାଇଁ ୧୧ ମାସ ଧରି କୋଚିଂ ପ୍ରଦାନ କରାଯିବ।

# ୩,୭୯୩ କୋଟିର ପୁଞ୍ଜିନିବେଶକୁ ଅନୁମୋଦନ

ଭୁବନେଶ୍ୱର,୬।୬ (ସମିସ): ରାଜ୍ୟରେ ବ୍ୟାପକ ଶିଳ୍ପାୟନ ଓ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟରେ ରାଜ୍ୟ ସରକାର ଆଜି (ଶନିବାର) ୧୪ଟି ଜିଲ୍ଲାରେ ୨୪ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରାୟ ୩, ୭୯୩ କୋଟି ଟଙ୍କାର ଏହି ପୁଞ୍ଜିନିବେଶ ଦ୍ୱାରା ୧୯, ୯୨୪ଟି ନିଯୁକ୍ତି ସୃଷ୍ଟି ହେବା ନେଇ ସରକାର ଆଶାବାଦୀ ଅଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୭ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଅନୁମୋଦିତ ଏହି ପ୍ରକଳ୍ପଗୁଡ଼ିକ ଇସ୍ପାତ ଓ ଧାତୁ-ଭିତ୍ତିକ ଡାଉନଷ୍ଟ୍ରିମ୍ ଶିଳ୍ପ, ନବୀକରଣଯୋଗ୍ୟ ଶକ୍ତି, ଉନ୍ନତ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ଓ ବୈଦ୍ୟୁତିକ ଯାନ (ଇଭି) ଉପକରଣ, ବସ୍ତ୍ର ଓ ପୋଷାକ ଶିଳ୍ପ, ପର୍ଯ୍ୟଟନ ଓ ଆତିଥେୟତା, ଭିତ୍ତିଭୂମି ଓ ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ଉପଭୋକ୍ତା ସାମଗ୍ରୀ, ରସାୟନ ଶିଳ୍ପ ଏବଂ ଉଦୀୟମାନ ପ୍ରଯୁକ୍ତି ଭଳି ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି।

ରାଜ୍ୟ ସରକାରଙ୍କ ଅନୁମୋଦନ ଲାଭ କରିଥିବା ଏହି ପ୍ରକଳ୍ପଗୁଡ଼ିକ ଖୋର୍ଦ୍ଧା, ଢେଙ୍କାନାଳ, ଝାରସୁଗୁଡ଼ା, କୋରାପୁଟ, ଯାଜପୁର, ସମ୍ବଲପୁର, କେନ୍ଦୁଝର, ବଲାଙ୍ଗୀର, ପୁରୀ, କଟକ, ସୁନ୍ଦରଗଡ଼, ଗଞ୍ଜାମ, ଜଗତସିଂହପୁର ଏବଂ ମୟୂରଭଞ୍ଜ ସମେତ ରାଜ୍ୟର ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ। ପ୍ରମୁଖ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଶକ୍ତି ସଞ୍ଚୟ ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରରେ, ସିଇଏସସି ଗ୍ରିନ୍ ପାୱାର ଲିଃ ଢେଙ୍କାନାଳ ଜିଲ୍ଲାରେ ୬୮୩.୮୩ କୋଟି ଟଙ୍କାର ବିନିଯୋଗରେ ଏକ ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ପ୍ରକଳ୍ପ ସ୍ଥାପନ କରିବ। ଏହି ପ୍ରକଳ୍ପ ମାଧ୍ୟମରେ ୧୫୩ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଏଭିପି ଷ୍ଟାର ପ୍ରା.ଲିଃ. ଖୋର୍ଦ୍ଧା ଜିଲ୍ଲାରେ ୫୦୦ କୋଟି ଟଙ୍କାର ବିନିଯୋଗରେ ଏକ ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ (ହୀରା) ଉତ୍ପାଦନ କାରଖାନା ସ୍ଥାପନ କରିବ। ଏହି ପ୍ରକଳ୍ପ ଦ୍ୱାରା ୫୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବସ୍ତ୍ର ଓ ପୋଷାକ ଶିଳ୍ପ କ୍ଷେତ୍ରରେ ନନ୍ଦରାଜ ଟେକ୍ସଟାଇଲ୍ସ ପ୍ରା.ଲିଃ. ଖୋର୍ଦ୍ଧା ଜିଲ୍ଲାରେ ୧୬୮.୬୪

### ୧୪ ଜିଲ୍ଲାରେ ୨୪ଟି ପୁଞ୍ଜିନିବେଶ ପ୍ରସ୍ତାବ
### ସୃଷ୍ଟି ହେବ ୧୯, ୯୨୪ଟି ନିଯୁକ୍ତି ସୁଯୋଗ

କୋଟି ଟଙ୍କାର ବିନିଯୋଗରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହା ମାଧ୍ୟମରେ ୧୦,୩୦୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସାହି ଏକ୍ସପୋର୍ଟସ୍ ପ୍ରାଇଭେଟ୍ ଲିଃ. ସମ୍ବଲପୁର ଜିଲ୍ଲାରେ ୧୪୫.୫୦ କୋଟି ଟଙ୍କାର ବିନିଯୋଗରେ ଏକ ନିଟେଡ୍ ଗାର୍ମେଣ୍ଟସ୍ (ବୁଣା ପୋଷାକ) ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହାଦ୍ୱାରା ୧,୮୪୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମା' ତାରାତାରିଣୀ ଟେକ୍ସଟାଇଲ୍ ପାର୍କ ପ୍ରା. ଲିଃ. ଗଞ୍ଜାମ ଜିଲ୍ଲାରେ ୭୦ କୋଟି ଟଙ୍କାର ବିନିଯୋଗରେ ଏକ ସମନ୍ୱିତ ବସ୍ତ୍ର ଶିଳ୍ପ ପ୍ରକଳ୍ପ ବିକଶିତ କରିବାକୁ ଥିବାବେଳେ ଏହାଦ୍ୱାରା ୩୫୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସ୍ୱସ୍ତି ପ୍ରିମିୟମ ଲିମିଟେଡ୍ କୋରାପୁଟ ଜିଲ୍ଲାରେ ୨୫୦ କୋଟି ଟଙ୍କାର ବିନିଯୋଗରେ ଏକ ପଞ୍ଚତାରକା (୫-ଷ୍ଟାର) ରିସୋର୍ଟ ସ୍ଥାପନ କରିବ, ଯାହାଦ୍ୱାରା ୪୮୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏସ୍‌ଏନ୍‌ଏମ୍ ହୋଟେଲ୍ ଆଣ୍ଡ ରିସୋର୍ଟ ପ୍ରା.ଲି. କୋରାପୁଟରେ ୧୩୩.୩୪ କୋଟି ଟଙ୍କାର ବିନିଯୋଗରେ ଏକ ରିସର୍ଟ ସ୍ଥାପନ କରି ୧୭୩ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଶ୍ରୀ ଇକୋ ରିସେର୍ଟ କେନ୍ଦୁଝର ଜିଲ୍ଲାରେ ୧୦୫.୬୦ କୋଟି ଟଙ୍କାର ବିନିଯୋଗରେ ଏକ ଇକୋ-ରିସର୍ଟ ଓ ଜଳ ମନୋରଞ୍ଜନ ପାର୍କ ସ୍ଥାପନ କରିବ, ଯାହାଦ୍ୱାରା ୨୪୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶୈଳବାଳା ଇନଫ୍ରାଷ୍ଟ୍ରକ୍‌ଚର ପ୍ରା.ଲି. ପୁରୀ ଜିଲ୍ଲାରେ ୯୨.୮୦ କୋଟି ଟଙ୍କାର ବିନିଯୋଗରେ ଏକ ରିସର୍ଟ ସ୍ଥାପନ କରି ୧୭୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଅପରପକ୍ଷେ ଲେହର୍ସ ଏକ୍ସପୋର୍ଟସ୍ ସର୍ଭିସେସେ ପ୍ରା.ଲି. ସୁନ୍ଦରଗଡ଼ ଜିଲ୍ଲାରେ ୬୦ କୋଟି ଟଙ୍କାର ବିନିଯୋଗରେ ଏକ ରିସର୍ଟ ସ୍ଥାପନ କରି ୨୦୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଇସ୍ପାତ, ଧାତୁ-ଭିତ୍ତିକ ଡାଉନଷ୍ଟ୍ରିମ୍ ଏବଂ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଜେଏସଡବ୍ଲୁ ସିଭରଫିଲ୍ଡସ୍ ଷ୍ଟ୍ରକ୍‌ଚର୍ସ ଲି. ଯାଜପୁର ଜିଲ୍ଲାରେ ୨୧୫ କୋଟି ଟଙ୍କାର ବିନିଯୋଗରେ ଏକ ଇସ୍ପାତ ଫ୍ୟାବ୍ରିକେସନ୍ ୟୁନିଟ୍ ସ୍ଥାପନ କରିବ। ଏହା ଦ୍ୱାରା ୧୪୦୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି କୋଶାଲ ସେରାମିକ୍ସ ପ୍ରା.ଲି. ଝାରସୁଗୁଡ଼ା ଜିଲ୍ଲାରେ ୨୭୫.୦୭ କୋଟି ଟଙ୍କାର ବିନିଯୋଗରେ ରିଫ୍ରାକ୍ଟୋରି ଇଟା ଏବଂ ମୋନୋଲିଥିକ୍ ଉତ୍ପାଦନ କାରଖାନାର ସମ୍ପ୍ରସାରଣ କରିବ, ଯାହାଦ୍ୱାରା ୧,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଲଜିଷ୍ଟିକ୍ସ ଓ ଭିତ୍ତିଭୂମି କ୍ଷେତ୍ରରେ ଏମ ଏସ ଇନଫ୍ରା ଇଂଜିନିୟର୍ସ ପ୍ରା. ଲି. ସମ୍ବଲପୁର ଜିଲ୍ଲାରେ ୧୧୨.୫୨ କୋଟି ଟଙ୍କା ବିନିଯୋଗରେ ଏକ ଗୋଦାମ ଗୃହ ସହ ଲଜିଷ୍ଟିକ୍ ପାର୍କ ସ୍ଥାପନ କରିବ। ଏହି ପ୍ରକଳ୍ପ ଦ୍ୱାରା ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଇନେକ୍ସ ଇକୋ ଲଜିଷ୍ଟିକ୍ସ ବଲାଙ୍ଗୀର ଜିଲ୍ଲାରେ ୧୦୩.୨୦ କୋଟି ଟଙ୍କାର ବିନିଯୋଗରେ ମଧ୍ୟ ଲଜିଷ୍ଟିକ୍ ଏବଂ ଗୋଦାମ ଭିତ୍ତିଭୂମି ବିକାଶ କରିବ ଏବଂ ଏହା ଦ୍ୱାରା ୨୨୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଶିଳ୍ପ କ୍ଷେତ୍ର ପାଇଁ ସଂଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଯୋଗାଣ ଶୃଙ୍ଖଳା (ସପ୍ଲାଏ ଚେନ୍) ର କାର୍ଯ୍ୟଦକ୍ଷତା ଓ ଦକ୍ଷ ପରିଚାଳନା ବୃଦ୍ଧି କରିବ। ହିନ୍ଦୁସ୍ଥାନ କୋକା-କୋଲା ବିଭରେଜେସ୍ ପ୍ରା.ଲି. ଖୋର୍ଦ୍ଧା ଜିଲ୍ଲାରେ ୩୦୦ କୋଟି ଟଙ୍କାର ବିନିଯୋଗରେ ଏହାର ଏରେଟେଡ୍ ଡ୍ରିଙ୍କ୍ସ (କାର୍ବୋନେଟେଡ୍ ପାନୀୟ) ଉତ୍ପାଦନ କ୍ଷମତାର ସମ୍ପ୍ରସାରଣ କରିବ। ଏହାଦ୍ୱାରା ୯୯୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଜୟ ଭବାନୀ ଫୁଡ୍ ପ୍ରା.ଲି. କଟକ ଜିଲ୍ଲାରେ ୯୨ କୋଟି ଟଙ୍କାର ବିନିଯୋଗରେ ଏକ ବାର୍ ସୋପ୍ (ସାବୁନ୍ ଖଣ୍ଡ) ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ଦ୍ୱାରା ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି।

# ଏଆଇ ପୋଷ୍ଟରରେ ବିକୃତ ହେଉଛି ଓଡ଼ିଆ ଲିପି

ଭୁବନେଶ୍ୱର, ୬।୬(ସମିସ): କୃତ୍ରିମ ବୁଦ୍ଧିମତା ବା ଏଆଇର ଲୋକପ୍ରିୟତା ସାଙ୍ଗକୁ ବ୍ୟବହାର ମଧ୍ୟ ବଢ଼ିଛି। ଖୁବ୍ ସ୍ୱଳ୍ପ ସମୟରେ ଆଖିଖୋସିଲା ପରି ପୋଷ୍ଟର ବ୍ୟାନର୍ ଯୁବବର୍ଗଙ୍କୁ ଆକୃଷ୍ଟ କରିଛି। ରାଜନୀତି ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ ଏହା ମହୌଷଧି ସାଜିଥିବାବେଳେ ଆବାଳବୃଦ୍ଧବନୀତା ଏହାକୁ ଦୈନନ୍ଦିନ ଜୀବନରେ ଉପଯୋଗ କରୁଛନ୍ତି। ମାତ୍ର ଏଆଇ ଦ୍ୱାରା ପ୍ରସ୍ତୁତ ପୋଷ୍ଟରରେ ଓଡ଼ିଆ ଭାଷା ମାତ୍ରାଧିକ ବିକୃତ ହେଉଛି। ଓଡ଼ିଆ ଲିପିର କଦର୍ଥ ରୂପ ସାମାଜିତ ଗଣମାଧ୍ୟମରେ କ୍ରମାଗତ ଭାବେ

- ସାମାଜିକ ଗଣମାଧ୍ୟମରେ ମାଳମାଳ ତ୍ରୁଟି
- ବଢୁଛି ବ୍ୟବହାର; ହେୟଜ୍ଞାନ କରୁଛନ୍ତି ସରକାର
- ଓଡ଼ିଆ ଭାଷାକୁ କ୍ଲାଉଡ୍‌ରେ ସମୃଦ୍ଧ କରିବା ପାଇଁ ଦାବି

ବଢୁଥିବାବେଳେ ଓଡ଼ିଆ ଭାଷାର ସୁରକ୍ଷିତ ଭବିଷ୍ୟତ ନେଇ ପ୍ରଶ୍ନ ଉଠିଛି।

ସାଧାରଣତଃ ଲୋକଙ୍କ ନିକଟରୁ ସଂଗୃହିତ ତଥ୍ୟକୁ ନେଇ ଏଆଇ ସମୃଦ୍ଧ ହେଉଛି। ଇଂରାଜୀ ଭାଷାରେ ମିଳୁଥିବା ବହୁ କଣ୍ଟେଣ୍ଟ ଓଡ଼ିଆ ଭଷାରେ ଉପଲବ୍ଧ ହେଉନାହିଁ। ଇଣ୍ଟରନେଟ୍‌ରେ ଓଡ଼ିଆ ତଥ୍ୟକୁ ପର୍ଯ୍ୟାୟକ୍ରମେ ଏକତ୍ର କରି ଏଆଇ ଶିଖୁଛି ଓ ଉତ୍ତର ରଖୁଛି। ଏହି ପ୍ରକ୍ରିୟା ମଧ୍ୟରେ ବ୍ୟାପକ କଦର୍ଥ ଓଡ଼ିଆ ଲିପି ବ୍ୟବହାର ହେବା ଦ୍ୱାରା ତାହାକୁ ମଧ୍ୟ ଏଆଇ ସଂଗ୍ରହ କରି ନିଜ ଡାଟାବେସ୍ ଗଚ୍ଛିତ ରଖୁଛି। ଏପରିଧାରା ଜାରି ରହିଲେ ପ୍ରକୃତ ଓଡ଼ିଆ ଲିପି ନିଶ୍ଚିହ୍ନ ହେବା ସହ ବିକୃତ ଲିପିର ବ୍ୟବହାର ବଢ଼ିବ। ଯାହାଦ୍ୱାରା ସ୍ୱତନ୍ତ୍ର ପରିଚୟ ରଖିଥିବା ଓଡ଼ିଆ ଭାଷା ଓ ସଂସ୍କୃତି ଏହାର ସତ୍ତା ହରାଇବାର ଆଶଙ୍କା ସୃଷ୍ଟି ହୋଇଛି। ବିଶେଷଜ୍ଞଙ୍କ ମତରେ ଏଆଇ ବ୍ୟବହାର କରିବାର ଉତ୍କଣ୍ଠା ମଧ୍ୟରେ ଭାଷା ସୁରକ୍ଷାକୁ ସମସ୍ତେ ଭୁଲି ଯାଉଛନ୍ତି। ଲୋକେ ଏହାକୁ ଛୋଟଛୋଟ ଭୁଲ୍ ଭାବି ହେୟଜ୍ଞାନ କରୁଥିବାବେଳେ ସରକାର ମଧ୍ୟ କୈଣସି ତତ୍ପରତା ପ୍ରକାଶ ପାଉନାହିଁ। ଭାଷା ଆନ୍ଦୋଳନକାରୀ ପବିତ୍ର ମହାରଥା କହିଛନ୍ତି ଯେ, ଓଡ଼ିଆ ଭଷାକୁ କ୍ଲାଉଡ୍ ବା ଇଣ୍ଟରନେଟ୍‌ରେ ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ଭର୍ଚୁଆଲ୍ ଏକାଦେମୀ (ଓଭିଏ) ଗଠନ କରିଛନ୍ତି। ମାତ୍ର ଏହା ଆଖିଦୃଶିଆ ସଫଳତା ହାସଲ କରିପାରିନାହିଁ। ଅନୁରୂପ ଭାବେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ମଧ୍ୟ ଭାଷାକୁ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ଏହା ଆଇଟି ବିଭାଗ ଅଧୀନରେ କାର୍ଯ୍ୟରତ ଥିବାବେଳେ ଏହି ଦୁଇ ବିଭାଗ ସହ ସମନ୍ୱୟ ରଖୁନାହିଁ। ଫଳରେ ଓଡ଼ିଆ ଭାଷା ସମୃଦ୍ଧ ହେବା ପରିବର୍ତ୍ତେ ଏଆଇ ଦ୍ୱାରା କଦର୍ଥ ହେଉଛି। ସରକାର ଏହାକୁ ଗୁରୁତର ସହ ବିଚାର କରି ଓଭିଏ ଦ୍ୱାରା ଓଡ଼ିଆ ଶବ୍ଦ ଭଣ୍ଡାରକୁ ବିକଶିତ କରିବା ସହ ତ୍ରୁଟିଶୂନ୍ୟ ବନାନ୍ କ୍ଲାଉଡ୍‌ରେ ଉପଲବ୍ଧ କରିବାକୁ ତ୍ୱରିତ ପଦକ୍ଷେପ ନେଲେ ଏହାର ସମାଧାମ ହୋଇପାରିବ ବୋଲି ଶ୍ରୀ ମହାରଥା କହିଛନ୍ତି।

## କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦଳିତ ଯୁବକଙ୍କ ଆତ୍ମହତ୍ୟା ଘଟଣା

# ସରକାରଙ୍କ ଚରମ ଅବହେଳାରୁ ଚାଲିଗଲା ନିରୀହ ଜୀବନ: ବିଜେଡି

ଭୁବନେଶ୍ୱର,୬।୬(ସମିସ): ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ଦଳିତ ଯୁବକଙ୍କ ଆତ୍ମହତ୍ୟା ଘଟଣା ସରକାରଙ୍କ ସମ୍ବେଦନହୀନତା ଓ ପ୍ରଶାସନିକ ବିଫଳତାର ନଗ୍ନ ଉଦାହରଣ। ସରକାରଙ୍କ ଚରମ ଅବହେଳାରୁ ଏକ ନିରୀହ ଜୀବନ ଚାଲିଗଲା ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ନ୍ୟାୟ ନ ମିଳିବାରୁ ଶ୍ରୀଚନ୍ଦନ ଦାସ ନାମକ ଜଣେ ଦଳିତ ଯୁବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆତ୍ମହତ୍ୟା କରିବା ଦୁର୍ଭାଗ୍ୟଜନକ। ସ୍ପଷ୍ଟ ଦିବାଲୋକରେ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟରେ ଏଭଳି ଅଘଟଣ ଘଟିବା ସରକାରଙ୍କ ସମ୍ବେଦନହୀନତାର ପରିଚୟ। ମୃତ ଯୁବକ ଜଣକ ନିଜର ବ୍ୟକ୍ତିଗତ ଅଭିଯୋଗର ଶୁଣାଣି ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହେଲା ପରେ ଏଭଳି ଚରମ ପଦକ୍ଷେପ ନେଲେ। ଲୋକଙ୍କ ସରକାର କହି ଡିଣ୍ଡିମ ପିଟୁଥିବା ବିଜେପି ସରକାର ସାଧାରଣ ଜନତାଙ୍କ ସମସ୍ୟା ପ୍ରତି କିଭଳି ଆଖି ବୁଜି ଦେଇଛନ୍ତି, ତାହା ଗତକାଲିର ଘଟଣାରୁ ପ୍ରମାଣିତ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀମାନଙ୍କ



ଉପସ୍ଥିତିରେ ଜଣେ ଯୁବକ ଆତ୍ମହତ୍ୟା କରିବା ପର୍ଯ୍ୟନ୍ତ କେହି କେମିତି ଜାଣିପାରିଲେ ନାହିଁ, ତାହା ପ୍ରଶାସନିକ ଓ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେହିପରି ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି ଯେ ୨ ବର୍ଷ ଭିତରେ ଅଭିଯୋଗ ଶୁଣାଣି କରି ୯୬ ପ୍ରତିଶତ ଲୋକଙ୍କ ସମସ୍ୟା ସମାଧାନ କରିଥିବା ମୁଖ୍ୟମନ୍ତ୍ରୀ କହୁଛନ୍ତି। ହେଲେ ଶ୍ରୀଚନ୍ଦନ ଦାସଙ୍କ ମୃତ୍ୟୁ ମୁଖ୍ୟମନ୍ତ୍ରୀଙ୍କ କଥାକୁ ଅଟ୍ଟହାସ୍ୟ କରୁଛି। ସରକାରଙ୍କ ପ୍ରତିନିଧି ରୂପେ ଜିଲ୍ଲାପାଳଙ୍କ ନିକଟକୁ ନ୍ୟାୟ ପାଇବା ପାଇଁ ଜନସାଧାରଣ ଯାଇଥା'ନ୍ତି। ସରକାରୀ ବ୍ୟବସ୍ଥା ଉପରୁ ସମ୍ପୂର୍ଣ୍ଣ ଭରସା ତୁଟିଗଲା ପରେ ହିଁ ଜଣେ

- ଧରାପଡ଼ିଲା ସରକାରଙ୍କ ଜନ ଅଭିଯୋଗ ଶୁଣାଣିର ବାସ୍ତବତା କେତେ
- ଉଚ୍ଚସ୍ତରୀୟ ତଦନ୍ତ ସହ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ମୃତ ଯୁବକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଅନ୍ତୁ ସରକାର

ଏମିତି ଚରମ ପଦକ୍ଷେପ ନିଏ। ଶ୍ରୀଚନ୍ଦନ ଦାସଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରନ୍ତୁ। ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ସରକାର ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ନଚେତ ବିଜେଡି ରାଜରାସ୍ତାକୁ ଓହ୍ଲାଇ ତୀବ୍ର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-339 ♦SUNDAY ♦7 JUNE 2026 ♦PAGE-12+4 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୩୯ ♦ରବିବାର ♦୭ ଜୁନ୍ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


# କ୍ରିକେଟ ଜଗତର ନୂଆ ବିସ୍ମୟ



■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଆଗାମୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ସିରିଜ ଓ ଏସୀୟ କ୍ରୀଡ଼ା ଲାଗି ଶନିବାର ଭାରତୀୟ ଟି-୨୦ ଦଳ ଘୋଷଣା କରାଯାଇଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଭାରତୀୟ ସିନିଅର ଚୟନ କମିଟି ଏକ ସାହସିକ ନିଷ୍ପତ୍ତିକ୍ରମେ ବିହାରର ବିସ୍ମୟ କ୍ରିକେଟର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ସିନିଅର ଦଳରେ ସୁଯୋଗ ଦେଇଛି। ଫଳରେ ଆଇପିଏଲ୍ ଓ ଜୁନିଅରବର୍ଗରେ ପ୍ରଦର୍ଶନର ଛାପ ଛାଡ଼ି ସାରିଥିବା ୧୫ ବର୍ଷୀୟ ଏହି ବାମହାତୀ ବିଧ୍ୱଂସୀ ବ୍ୟାଟର୍ ପ୍ରଥମଥର ଲାଗି ଟିମ୍ ଇଣ୍ଡିଆର ସିନିଅର ଦଳରେ ସ୍ଥାନ ପାଇଛନ୍ତି। ନିକଟରେ ଶେଷ ହୋଇଥିବା ଆଇପିଏଲ୍‌ରେ ସୂର୍ଯ୍ୟବଂଶୀ ୧୬ଟି ମ୍ୟାଚରେ ୪୮.୫୦ ହାରରେ ୭୭୬ ରନର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ▶ପୃଷ୍ଠା-୭

**ଜାତୀୟ ଦଳରେ ବୈଭବ ସୂର୍ଯ୍ୟବଂଶୀ**

# ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ସକ୍ରିୟ

## ଦୁର୍ବଳ ହେବ ମୌସୁମୀ; ମରୁଡ଼ି ଆଶଙ୍କା

■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ପ୍ରଶାନ୍ତ ମହାସାଗରର ଗରମ ପବନ ଏବଂ ଜଳରାଶି ଏବେ ସାରା ପୃଥିବୀର ଜଳବାୟୁକୁ ବିପଦରେ ପକାଇବାକୁ ଯାଉଛି। ୟୁରୋପୀୟ ପାଣିପାଗ ପୂର୍ବାନୁମାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଶାନ୍ତ ମହାସାଗରରେ 'ଏଲ୍ ନିନୋ' ପ୍ରକ୍ରିୟା ସମ୍ପୂର୍ଣ୍ଣ ସକ୍ରିୟ ହୋଇଯାଇଛି। ସାଗରର ସୀମା ବାହାରେ ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଚଳିତ ବର୍ଷ ଭାରତରେ ମୌସୁମୀ ବାୟୁ ଦୁର୍ବଳ ହେବାର ଆଶଙ୍କା ଦେଖାଦେଇଛି। ଏହାଦ୍ୱାରା ଦେଶରେ ସ୍ୱଳ୍ପ ବୃଷ୍ଟିପାତ ଏବଂ କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ଘଟିବାର ସମ୍ଭାବନା ସୃଷ୍ଟି ହୋଇଛି।

ସାଧାରଣ ଭାଷାରେ ବୁଝିବାକୁ ଗଲେ, ପ୍ରଶାନ୍ତ ମହାସାଗର ପୃଥିବୀର ଏକ ବଡ଼ ତାପମାତ୍ରା ନିୟନ୍ତ୍ରକ ଇଞ୍ଜିନ ଭଳି କାର୍ଯ୍ୟ କରିଥାଏ। ସ୍ୱାଭାବିକ ସ୍ଥିତିରେ ପୂର୍ବରୁ ପଶ୍ଚିମକୁ ବହୁଥିବା ପବନ ଗରମ ଜଳକୁ ଏସିଆ ଏବଂ ଅଷ୍ଟ୍ରେଲିଆ ଆଡ଼କୁ ନେଇଥାଏ। ଏହାଫଳରେ ଦକ୍ଷିଣ ଆମେରିକା ଉପକୂଳରୁ ଥଣ୍ଡା ଏବଂ ପୋଷକ ତତ୍ତ୍ୱଭରା ଜଳ ଉପରକୁ ଆସିଥାଏ। ତେବେ ଏଲ୍ ନିନୋ ସମୟରେ ଏହି ପ୍ରକ୍ରିୟା ଓଲଟା ହୋଇଯାଏ। ପବନ ଦୁର୍ବଳ ହୋଇଯିବା ଯୋଗୁଁ ଗରମ ଜଳ ପୁଣି ▶ପୃଷ୍ଠା-୭

## ରଜରେ ଭିଜିବ ଓଡ଼ିଶା

### ଭୁବନେଶ୍ୱରରେ କାଳବୈଶାଖୀର ତାଣ୍ଡବ
### ଦିନରେ ୪୦ ଡିଗ୍ରୀ, ସନ୍ଧ୍ୟାରେ ୨୬କୁ ଖସିଲା

■ ଭୁବନେଶ୍ୱର, ୬।୬ (ସମିସ): ଆଗାମୀ ୬ରୁ ୮ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାର କିଛି ଅଂଶକୁ ଛୁଇଁପାରେ। ଏଥିପାଇଁ ପାଣିପାଗର ସ୍ଥିତି ଅନୁକୂଳ ଥିବା ନେଇ ପୂର୍ବାନୁମାନ କରିଛନ୍ତି ଭାରତୀୟ ପାଣିପାଗ ବିଭାଗର ବିଜ୍ଞାନୀ।

ସୂଚନାଯୋଗ୍ୟ ଯେ କେରଳମ୍‌ରେ ମୌସୁମୀ ବାୟୁ ପ୍ରବେଶ ପରେ ଏବେ ଦକ୍ଷିଣ ଭାରତର ଅନ୍ୟ କେତେକ ଅଂଶକୁ ଅତିକ୍ରମ କରି ଧିରେ ଧିରେ ଆଗକୁ ବଢ଼ୁଛି।





ବର୍ତ୍ତମାନର ପାଣିପାଗ ସ୍ଥିତି ଅନୁକୂଳ ଥିବାବେଳେ ସବୁକିଛି ଠିକ୍ ରହିଲେ ଏହା ଆସନ୍ତା ୬ରୁ ୮ ଦିନ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳ ଛୁଇଁବ। ଏପରି ହେଲେ ରଜ ମୌସୁମୀର ପହିଲି ବର୍ଷାରେ ଭିଜିବ ବୋଲି ଆଶା କରାଯାଉଛି। ▶ପୃଷ୍ଠା-୭

# ଘାରିଲା ଅର୍ଥନୀତି ଚିନ୍ତା

## ପରାମର୍ଶଦାତାଙ୍କ ବୈଠକ ଡାକିଲେ ପ୍ରଧାନମନ୍ତ୍ରୀ

### ରିଜର୍ଭ ବ୍ୟାଙ୍କ ମାନିଲା; ଭାରତୀୟ ଅର୍ଥନୀତି ଲାଇନଚ୍ୟୁତ
### ଆଗକୁ ବିସ୍ଫୋରକ ରୂପ ନେଇପାରେ ଦରଦାମ୍ ସ୍ଥିତି



■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ଥମିବାର ନାମ ଧରୁନାହିଁ। ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ବୁଝାମଣା ଏ ପର୍ଯ୍ୟନ୍ତ ହୋଇନଥିବାରୁ ସଙ୍କଟ ଟଳିନାହିଁ। ଏହାର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ପଡ଼ିବା ଆରମ୍ଭ କଲାଣି। ଭାରତୀୟ ଅର୍ଥନୀତି ଲାଇନଚ୍ୟୁତ ହୋଇଥିବା ଖୋଦ୍ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସ୍ୱୀକାର କଲେଣି। ଆଗକୁ ପରିସ୍ଥିତି ଆହୁରି ଗୁରୁତର ଆକାର ଧାରଣ କରିବାକୁ ଯାଉଥିବାର ସୂଚନା ମିଳିବା ଆରମ୍ଭ କଲାଣି। ଏହାକୁ ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି କେନ୍ଦ୍ର ସରକାର। ଏଥିରୁ ରକ୍ଷା ପାଇବା ଲାଗି କ'ଣ କରାଯାଇପାରିବ, ସେସଂପର୍କରେ ପ୍ରଧାନମନ୍ତ୍ରୀ ଅର୍ଥନୈତିକ ପରାମର୍ଶଦାତାମାନଙ୍କ ସହିତ ବିଚାର ଆଲୋଚନା କରିଛନ୍ତି।

ତିନି ମାସରୁ ଅଧିକ ସମୟ ଧରି ଇରାନ-ଆମେରିକା ଉତ୍ତେଜନା ଲାଗି ରହିଥିବାରୁ ତେଲ ଯୋଗାଣର ମୁଖ୍ୟ ରାସ୍ତା ହର୍ମୁଜ ସମୁଦ୍ର ପଥ ବନ୍ଦ ପଡ଼ିଛି। ତୈଳ ସଙ୍କଟର ପ୍ରଭାବ, ସାରା ବିଶ୍ୱକୁ ପ୍ରଭାବିତ କରିଛି। ଭାରତ ମଧ୍ୟ ଏଥିରୁ ବର୍ତ୍ତି ପାରିନାହିଁ। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପାଇବାକୁ ଲାଗିଥିବା ବେଳେ ସମସ୍ତ ସମାଗ୍ରୀ ମହଙ୍ଗା ହେବାକୁ ▶ପୃଷ୍ଠା-୭

## ଯନ୍ତ୍ରୀଙ୍କ ଲକର୍‌ରେ ନଗଦ ୨ କୋଟି

■ ଭୁବନେଶ୍ୱର/ଫୁଲବାଣୀ/ବାଲିଗୁଡ଼ା, ୬।୬ (ସମିସ): ଯନ୍ତ୍ରୀଙ୍କ ବ୍ୟାଙ୍କ ଲକର୍‌ରେ ନଗଦ ୨ କୋଟି ଟଙ୍କା। ଖାଲି ସେତିକି ନୁହେଁ; ଭୁବନେଶ୍ୱର ଓ ଯାଜପୁରର ପ୍ରମୁଖ ଜାଗାରେ ୫ଟି ବହୁତଳ ବିଲ୍ଡିଂ ସାଙ୍ଗକୁ ଭୁବନେଶ୍ୱର, ଯାଜପୁର ଧର୍ମଶାଳା ଓ ବାରିପଦାକୁ ମିଶାଇ ୧୩ଟି ଦାମୀ ଫ୍ଲାଟ୍। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ କରୁକରୁ ଭିଜିଲାନ୍ସ ଜାଲରେ ପୁଣିଥରେ ଏକ ବଡ଼ ମାଛ ପଡ଼ିଛି। ୧୯୯୯ ମସିହାରେ କନିଷ୍ଠ ଯନ୍ତ୍ରୀ ଭାବେ ମାତ୍ର ୬ ହଜାର ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିବା ଜଣେ ସରକାରୀ ବାବୁଙ୍କର ଏପରି ଅଚଳାଚଳ ସଂପତ୍ତି ଠାବ କରିଛି। ସେ ହେଲେ, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ବୈକୁଣ୍ଠନାଥ ବେହେରା। ଭିଜିଲାନ୍ସ ଆଜି ସକାଳେ ତାଙ୍କ ଘର ଓ କାର୍ଯ୍ୟାଳୟ ସମେତ ମୋଟ ୯ଟି ସ୍ଥାନରେ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ▶ପୃଷ୍ଠା-୭



**୯ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ**
**୫ ବିଲ୍ଡିଂ, ୧୩ଟି ଦାମୀ ଫ୍ଲାଟ୍ ଠାବ**

# ଦିଲ୍ଲୀରେ ଗର୍ଜିଲା 'କକ୍ରୋଚ୍ ଜନତା ପାର୍ଟି'




### ଯନ୍ତରମନ୍ତରରେ ଏକାଠି ହେଲେ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ ସମେତ ହଜାର ହଜାର ଛାତ୍ରଛାତ୍ରୀ

■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ସାମାଜିକ ଗଣମାଧ୍ୟମର ଚର୍ଚ୍ଚିତ ସଂଗଠନ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଆଜି ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜଧାନୀ ଦିଲ୍ଲୀର ଜନ୍ତରମନ୍ତରରେ ଆୟୋଜିତ ଏକ ନିଆରା ପ୍ରତିବାଦ ସଭାରେ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଭିଭାବକ ସାମିଲ ହୋଇଥିଲେ। ସିବିଏସ୍‌ଇ, 'ନିଟ୍' ବିଭ୍ରାଟର ପ୍ରତିବାଦ କରିବା ସହିତ ସେମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ଶ୍ରୀ ପ୍ରଧାନଙ୍କୁ ବହିଷ୍କାର କରିବା ଲାଗି ସେମାନେ କେନ୍ଦ୍ର ସରକାରଙ୍କୁ ୭ଦିନର ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ତାଙ୍କୁ ବିଦା ନକଲେ କକ୍ରୋଚ୍ ଜନତା ପାର୍ଟି ଦେଶବ୍ୟାପୀ ବିକ୍ଷୋଭ କରିବ ବୋଲି ଚେତାବନୀ ଦେଇଛି। ଶନିବାର ସକାଳେ ଦିଲ୍ଲୀ ପୋଲିସ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ ପାଇଁ ଆନୁଷ୍ଠାନିକ ଭାବେ ଅନୁମତି ପ୍ରଦାନ କରାଯାଇଥିଲା। ଏହି ଆନ୍ଦୋଳନର ନେତୃତ୍ୱ ନେବା ପାଇଁ 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଆମେରିକାରୁ ଆସି ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସିଧାସଳଖ ଜନ୍ତରମନ୍ତର ଯାଇଥିଲେ। ▶ପୃଷ୍ଠା-୭

# ପୁଣି ଚାକିରିରେ ଯୋଗଦେଲେ ଆଇଏଏସ୍ ଚକମା

■ ଭୁବନେଶ୍ୱର, ୬।୬ (ସମିସ): ଲାଞ୍ଚ ନେବା ଅଭିଯୋଗରେ ଗିରଫ ସହ ନିଲମ୍ବିତ ହୋଇଥିବା ୨୦୨୧ ମସିହା ବ୍ୟାଚର ଆଇଏଏସ ଅଧିକାରୀ ଧିମାନ ଚକମା ପୁଣିଥରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ରାଜସ୍ୱ ବିଭାଗର ଉପସଚିବ ଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ବର୍ଷ ଜୁନ ୯ ତାରିଖରେ ଏହି ଆଇଏଏସ ଅଧିକାରୀ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। କଳାହାଣ୍ଡି ଜିଲ୍ଲା ଧର୍ମଗଡର ସବ କଲେକ୍ଟର ଥିବା ବେଳେ ତାଙ୍କ ସରକାରୀ ବାସଭବନରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ଏପରିକି ସର୍ଚ୍ଚ ବେଳେ ତାଙ୍କ ଘରୁ ୪୭ ଲକ୍ଷ ଟଙ୍କା ନଗଦ ଅର୍ଥ ବି ଜବତ ହୋଇଥିଲା। ଭିଜିଲାନ୍ସ ହାତରେ ଗିରଫ ହେବା ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ ରାଜ୍ୟ ସରକାର। ଏପରିକି କିଛି ଦିନ ଜେଲରେ ରହିବା ପରେ ତାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ୍ ମିଳିଥିଲା। ତେବେ ଏବେ ପୁଣି ସେ ଚାକିରିରେ ଯୋଗ ଦେଇଛନ୍ତି। ରାଜସ୍ୱ ବିଭାଗରେ ଉପ ସଚିବ ଭାବେ ତାଙ୍କୁ ମେ ମାସ ୨୧ ତାରିଖରେ ନିଯୁକ୍ତି ମିଳିବା ପରେ ଏବେ ସେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡ଼ିଛି।

ଶ୍ରୀ ଚକମାଙ୍କ ନିଯୁକ୍ତିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜେଲ୍‌ଦଣ୍ଡକୁ ମାତ୍ର ବର୍ଷଟେ ନ ପୂରୁଣୁ ସରକାର ତାଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବାକୁ ନେଇ ବିଭିନ୍ନ ମହଲରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି।



**ଗତ ବର୍ଷ ଜୁନରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଜେଲ ଯାଇଥିଲେ**

**ହାଇକୋର୍ଟରୁ ମିଳିଥିଲା ଜାମିନ**

## ପ୍ଲାଟଫର୍ମ ଭେଣ୍ଡରଙ୍କଠାରୁ ବଟି ଆଦାୟ

# ସିବିଆଇ ପଞ୍ଝାରୁ ଖସିଗଲେ ଆରପିଏଫ୍ ଇନ୍ସପେକ୍ଟର୍

■ ରାଉରକେଲା, ୬।୬ (ସମିସ): ରାଉରକେଲା ରେଳ ଷ୍ଟେସନ୍‌ରେ ପ୍ଲାଟଫର୍ମ ଭେଣ୍ଡରଙ୍କଠାରୁ ମାସିକିଆ ବଟି ନେଉଥିବା ରାଉରକେଲା ଆରପିଏଫ୍ ଇନ୍ସପେକ୍ଟର୍ କମଳେଶ ସମାଦାରଙ୍କ ନାମରେ ସିବିଆଇ ମାମଲା ରୁଜୁ କରିଛି। ସିବିଆଇ ପକ୍ଷରୁ ଆଜି ଷ୍ଟେସନ୍‌ରେ ଚଢ଼ଉ ବେଳେ ଆଗୁଆ ସୂଚନା ପାଇ କମଳେଶ ଫେରାର୍ ହୋଇଯାଇଥିଲେ। ତେବେ ତାଙ୍କୁ ଖବର ଦେଇଥିବା ଦଲାଲ ଅଜୟ ମିଶ୍ରଙ୍କୁ ସିବିଆଇ ଗିରଫ କରିଛି।



**ଦଲାଲକୁ କୋର୍ଟ ଚାଲାଣ**

ଆଜି ତାଙ୍କୁ ଗିରଫ ପରେ ଭୁବନେଶ୍ୱର ସିବିଆଇ କୋର୍ଟରେ ହାଜର କରାଯାଇଥିବା ସୂଚନା ମିଳିଛି। ଏହାସହ ଅନ୍ୟ ଜଣେ ଦଲାଲକୁ ଅଟକ ରଖି ସିବିଆଇ ପକ୍ଷରୁ ପଚରାଉଚରା ଜାରି ରହିଛି।

ସୂଚନାଯୋଗ୍ୟ, ରାଉରକେଲା ଷ୍ଟେସନ୍‌ର ପ୍ଲାଟଫର୍ମରେ ନିୟୋଜିତ ଭେଣ୍ଡରମାନଙ୍କଠାରୁ ଆରପିଏଫ ଇନ୍ସପେକ୍ଟର କମଳେଶ ଦଲାଲଙ୍କ ଜରିଆରେ ମାସିକିଆ ବଟି ଆଦାୟ କରୁଥିଲେ ବୋଲି ସିବିଆଇ ନିକଟରେ ଅଭିଯୋଗ ହୋଇଥିଲା। ବଟି ଆଦାୟ ପାଇଁ ଇନ୍ସପେକ୍ଟର ଶ୍ରୀ ସମାଦାର ଦୁଇ ଜଣ ଦଲାଲ ଗୋପବନ୍ଧୁପାଲ୍ଲୀର ଅଜୟ ମିଶ୍ରା ଏବଂ ଡିଲକ୍ସ ଗଳିର ▶ପୃଷ୍ଠା-୭




### ଏମ୍ଆଇ ବିଭାଗର ଜଗନ୍ନାଥ ସାଗର ପାର୍ଶ୍ୱ ଡ୍ରେନ୍ କାମ ଅସମ୍ପୂର୍ଣ୍ଣ

# ଅଧା କାମ କରି ଠିକାଦାର ଛୁ'; ବର୍ଷା ଆଣିବ ବଡ଼ ବିପଦ

ଜୟପୁର, ୬।୬(ସମିସ)

ଜୟପୁର ସହରର ଐତିହାସିକ ଜଗନ୍ନାଥସାଗର ପାର୍ଶ୍ୱ ବାଇପାସ ରୋଡ୍‌ର ପାର୍କସାହି ଛକଠାରୁ ପଞ୍ଚାନନ ମନ୍ଦିର ଛକ ପର୍ଯ୍ୟନ୍ତ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ବଡ଼ ଡ୍ରେନ କାମ ଅସମ୍ପୂର୍ଣ୍ଣ ରହିଛି। କାମ କରୁଥିବା ଠିକାଦାର ଅଧା କାମ କରି ଛାଡ଼ି ପଳାଇଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ଅଧା ଗଢ଼ା ଏହି ଡ୍ରେନ୍‌କୁ ଦେଖି ସ୍ଥାନୀୟ ଲୋକେ ଛାନିଆଁ ହେଉଛନ୍ତି।

କାର୍ଯ୍ୟ ଆରମ୍ଭ ହୋଇ ଦୀର୍ଘ ୩ ବର୍ଷ ହୋଇଥିଲେ ସୁଦ୍ଧା କାର୍ଯ୍ୟ ଅସମ୍ପୂର୍ଣ୍ଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପୌରସଂସ୍ଥା ଅଧ୍ୟକ୍ଷ ଲଗାତାର ୩ଟି ଚିଠି ମାଧ୍ୟମରେ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ରହିଥିବା କ୍ଷୁଦ୍ର ଜଳସେଚନ ବିଭାଗକୁ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରିଥିଲେ ସୁଦ୍ଧା ବିଭାଗ ପକ୍ଷରୁ ପଦକ୍ଷପ ଗ୍ରହଣ କରାଯାଉନାହିଁ। ଏହିପରି ଆଗାମୀ ଦିନରେ ବର୍ଷା ହେଲେ ନୂଆସାହିର ୫ମ ଲାଇନ, ପାର୍କ ଲାଇନ ଏବଂ ଅନ୍ୟାନ୍ୟ ତଳି ଅଞ୍ଚଳରେ ବନ୍ୟାଜଳ ନିଷ୍କାସିତ ହେବାରେ ସମସ୍ୟା ସୃଷ୍ଟି ହେବା ସହିତ ଏକ କୃତ୍ରିମ ବନ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି। ଏହିପରି ଅର୍ଦ୍ଧନିର୍ମିତ ଏହି ଡ୍ରେନର ବହୁସ୍ଥାନରେ ପାଚେରୀ ଏବଂ କଂକ୍ରିଟ ଚଟାଣ (ବେଡ୍) ନିର୍ମାଣ ହୋଇନଥିବା ଯୋଗୁଁ ଜଗନ୍ନାଥ ସାଗରରେ ଅଳିଆ ଆବର୍ଜନା ପାଣି ପ୍ରବେଶ କରିବା ସହିତ ଜଳାଶୟର ଜଳ ପ୍ରଦୂଷିତ ହେଉଛି। ତେଣୁ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ଜିଲ୍ଲାପାଳ ମଧ୍ୟ କ୍ଷୁଦ୍ର ଜଳସେଚନ ବିଭାଗକୁ ଗତ ମାସ ଜୟପୁର ଜନଶୁଣାଣିରେ ତାଗିଦ କରିଥିଲେ। କିନ୍ତୁ ବିଭାଗ ଏକପ୍ରକାର ନୀରବଦ୍ରଷ୍ଟା ସାଜିଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କା ନିର୍ମାଣ ନାମରେ ବରବାଦ କରାଯାଇଛି। ତେଣୁ ତୁରନ୍ତ





ନିର୍ମାଣ କରାଯାଉ କିମ୍ବା ନିର୍ମାଣ କାର୍ଯ୍ୟର ମାନ ଏବଂ କେତେ ପରିମାଣର କାର୍ଯ୍ୟଶେଷ କରାଯାଇଛି ଏବଂ ଠିକାଦାରଙ୍କୁ କେତେ ଟଙ୍କା ପୈଠ କରାଯାଇଛି। ସମସ୍ତ ବିଷୟକୁ ନେଇ ଭିଜିଲାନ୍ସ ତଦନ୍ତ ପାଇଁ ପରିବେଷବିତ୍ କୃଷ୍ଣ କେଶବ ଷଡଙ୍ଗୀ ଦାବି କରିଛନ୍ତି।

ପ୍ରକାଶ ଯେ, ବାଇପାସ ରୋଡ ପାର୍କ ସାହି ଛକ ଠାରୁ ପଞ୍ଚାନନ ମନ୍ଦିର ଛକ ପର୍ଯ୍ୟନ୍ତ ସମୁଦାୟ ୧୩୫୦ ମିଟର ଦୈର୍ଘ୍ୟ ଏବଂ ୫ ମିଟର ଓସାର ଏବଂ ୪ ମିଟରରୁ ଉିଟର ଗଭୀର ଏହି ଡ୍ରେନର ନିର୍ମାଣ ନେଇ ୪ କୋଟି ୯୮ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ ମାଧ୍ୟମରେ ଠିକାସଂସ୍ଥା କାର୍ଯ୍ୟ ଆରମ୍ଭ ଗତ ୨୦୨୩ ମସିହା ମାର୍ଚ୍ଚ ମାସରେ ଆରମ୍ଭ ହୋଇ ୧୧ ମାସ ଅବଧିରେ ଶେଷ କରିବା ନେଇ ୨୦୨୪ ମସିହା ମାର୍ଚ୍ଚ ମାସକୁ ଧାର୍ଯ୍ୟ କରାଯାଥିଲା। କିନ୍ତୁ ଅବଧି ସମୟର ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହୋଇଯାଇଥିଲେ ସୁଦ୍ଧା ଏହାର ସମାପ୍ତ ହୋଇପାରିଲା ନାହିଁ। ପାଲଟା ଠିକାଦାର ମାତ୍ର ୧୧୨୭ ମିଟର ପର୍ଯ୍ୟନ୍ତ ବେଡ ନିର୍ମାଣ କରିଥିବା ବେଳେ ବଳକା ୨୨୩ ମିଟର କଂକ୍ରିଟ ବେଡ୍ ନିର୍ମାଣ କରାଯାଇନାହିଁ। ନିର୍ମାଣ ହୋଇଥିବା ବେଡ୍ ଗୁଡିକର ଅଧିକାଂଶ ସ୍ଥାନରେ ଫାଙ୍କା ଛାଡ଼ିଦିଆଯାଇଛି।

ସେହିପରି ପାଚେରି ମଧ୍ୟ ନିର୍ମାଣ ହୋଇପାରିନାହିଁ। ନୂଆସାହି ୫ମ ଲାଇନ ନିକଟରେ ଗୋଟିଏ ପାର୍ଶ୍ୱର ପ୍ରାୟ ୨୦ ମିଟର କଂକ୍ରିଟ ପାଚେରୀ ଆଦୌ ନିର୍ମାଣ ହୋଇନାହିଁ। ସେଠାରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ଯୋଗୁଁ ଏହାର ନିର୍ମାଣ କରିବାକୁ ଭାଙ୍ଗିଲେ ଉକ୍ତ କେନ୍ଦ୍ର ଭୁଶୁଡ଼ି ପଡ଼ିବାର ଭୟ ରହିଛି ବୋଲି କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଏହିପରି ପାଚେରି ଗୁଡିକ ରାସ୍ତା ଉଚ୍ଚତାରେ ଏବଂ ଅପରପକ୍ଷରେ ଜଗନ୍ନାଥ ସାଗର ହୁଡା ଉଚ୍ଚତାରେ ନିର୍ମାଣ ହୋଇନଥିବା ଯୋଗୁଁ ମାଟି ଗୁଡିକ ଭୁଶୁଡ଼ି ପଡ଼ିବାର ଭୟ ରହିଛି। ତେଣୁ କ୍ଷୁଦ୍ର ଜଳ ସେଚନ ବିଭାଗର ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବୈଷୟିକ ତ୍ରୁଟି ଏବଂ ବେପରୁଆ ଭାବେ କରାଯାଇଥିବା ଯୋଗୁଁ ଆଗାମୀ ଦିନରେ ଜଗନ୍ନାଥ ସାଗରର ଜଳାଶୟ ପ୍ରତି ବ୍ୟାପକ ପ୍ରଦୂଷଣ ଏବଂ ତଳି ଅଞ୍ଚଳରେ ପ୍ରବଳ ବର୍ଷା ହେଲେ ବନ୍ୟା ଆଶଙ୍କା ରହିଛି ବୋଲି ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି। କିନ୍ତୁ ଏନେଇ ଜୟପୁର କ୍ଷୁଦ୍ର ଜଳସେଚନ ବିଭାଗର ଭାରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ ମତାମତ ମିଳିପାରିନାହିଁ।

### ● ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ

## ସମ୍ମାନିତ ହେଲେ ମାଲକାନଗିରିର ୨ ସ୍ୱାସ୍ଥ୍ୟକର୍ମୀ



ମାଲକାନଗିରି, ୬।୬(ସମିସ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଷ୍ଠାପର ଓ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ଦୁଇଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନୀତ କରାଯାଇଛି।

ହିନ୍ଦୀ ଚଳଚ୍ଚିତ୍ର ଭାରତ ଭାଗ୍ୟ ବିଧାତା' ର ସ୍ୱତନ୍ତ୍ର ସ୍କ୍ରିନିଂ ଅବସରରେ ଆୟୋଜିତ ଏହି ସମ୍ମାନ ପ୍ରଦାନ ଉତ୍ସବରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସମାଜ ପାଇଁ ଉଲ୍ଲେଖନୀୟ ସେବା ଯୋଗାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେଥିରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମ୍ୟାଟ୍ରନ୍ ସଂଯୁକ୍ତା ସେଠୀ ଏବଂ ଶିଖପାଲ୍ଲୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍‌ଓ) ସ୍ୱର୍ଣ୍ଣପ୍ରଭା ରାମଙ୍କୁ ସମ୍ମାନୀତ କରାଯାଇଥିଲା। ଆଦିବାସୀ ଅଧ୍ୟୁଷିତ ଏବଂ ଦୁର୍ଗମ ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଏହି ଦୁଇ ଅଧିକାରୀଙ୍କ ଅବଦାନକୁ ସ୍ୱୀକୃତି ମିଳିଛି।

ଭୁବନେଶ୍ୱରରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ ଉପସ୍ଥିତ ରହି ସମ୍ମାନ ପ୍ରଦାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱର୍ଣ୍ଣପ୍ରଭା ରାମ ମୁଖ୍ୟମନ୍ତ୍ରୀ ଓ ଅଭିନେତ୍ରୀଙ୍କ ହସ୍ତରୁ ସମ୍ମାନ ଗ୍ରହଣ କରିଥିଲେ।

ମେଟ୍ରୋନ ସଂଯୁକ୍ତା ସେଠୀ ପୂର୍ବରୁ ମଧ୍ୟ ନିଜର ଉତ୍କୃଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କଠାରୁ ସମ୍ମାନିତ ହୋଇଥିବାବେଳେ, ସ୍ୱର୍ଣ୍ଣପ୍ରଭା ରାମ ନିଜ କାର୍ଯ୍ୟକ୍ଷେତ୍ରରେ ଅନେକ ସଫଳତା ହାସଲ କରିଛନ୍ତି।

### ● ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ

## ସ୍କୁଲକୁ 'ପ୍ରକୃତି ମିତ୍ର' ଓ ପ୍ରଧାନଶିକ୍ଷକଙ୍କୁ 'ପ୍ରକୃତି ବନ୍ଧୁ' ସମ୍ମାନ

ସେମିଳିଗୁଡା, ୬।୬(ସମିସ): ସେମିଳିଗୁଡା ବ୍ଲକ ଅନ୍ତର୍ଗତ ପାଖଝୋଲା ପଞ୍ଚାୟତ ଅଧିନସ୍ଥ ଉପରମାନିଆ ସ୍ଥିତ ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କୋରାପୁଟ ଜିଲ୍ଲା ଓଷ୍ଟା ସମ୍ପାଦକ ଶ୍ରୀ ଅଶୋକ କୁମାର ପଟ୍ଟନାୟକଙ୍କୁ ଚଳିତ ବର୍ଷ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନୀତ କରାଯାଇଛି। ସେ କାର୍ଯ୍ୟରତ ଥିବା ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ପ୍ରକୃତିମିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଶ୍ରୀ ପଟ୍ଟନାୟକ ଓ ତାଙ୍କ ଅନୁଷ୍ଠାନର ପରିବେଶ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା କରିବାରେ ବିଶେଷ ଭୂମିକା ନିର୍ବାହ କରିଥିବା ହେତୁ ଓଡ଼ିଶା ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ସମ୍ମାନଜନକ 'ପ୍ରକୃତି ମିତ୍ର' ଓ 'ପ୍ରକୃତି ବନ୍ଧୁ' ପୁରସ୍କାରରେ ସମ୍ମାନିତ କରାଯାଇଛି। ଗତକାଲି ବିଶ୍ୱପରିବେଶ ଦିବସ ଅବସରରେ କୋରାପୁଟ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ପଟ୍ଟନାୟକ ଦୀର୍ଘଦିନ ଧରି ବିଦ୍ୟାଳୟ ତଥା ପାଖଝୋଲା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପରିବେଶ ସଚେତନତା, ବୃକ୍ଷରୋପଣ ଅଭିଯାନ, ପରିଚ୍ଛନ୍ନତା କାର୍ଯ୍ୟକ୍ରମ ଓ ପ୍ଲାଷ୍ଟିକ ବର୍ଜନ ସମ୍ପର୍କିତ ଜନସଚେତନତା ସୃଷ୍ଟି କରି ଆସୁଛନ୍ତି। ସଫଳତା ପରେ ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ ପରିବାର, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ, ପାଖଝୋଲା ପଞ୍ଚାୟତ ତଥା ସମଗ୍ର ସେମିଳିଗୁଡା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।



## କୋଟପାଡ଼ କୋର୍ଟରେ ଚାରା ରୋପଣ

କୋଟପାଡ଼, ୬।୬(ସମିସ): ଗୋଟପାଡ଼ କୋର୍ଟ ପରିସରରେ କୋଟପାଡ଼ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତ୍ରିଜୀବ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂତନ ଭାବରେ ଯୋଗ ଦେଇଥିବା ରେଞ୍ଜର ମାନସ ରଞ୍ଜନ ନାୟକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ମୁକ୍ତେଶ୍ୱର ନାୟକ, ଜିତେନ୍ଦ୍ର ନାଥ ମହାପାତ୍ର, ପଙ୍କଜ ପାତ୍ର, ପ୍ରଦୀପ ବକ୍ସି, ଶଙ୍କର ପଣ୍ଡା, ଅଜିତ ପଟ୍ଟନାୟକ, ନିମି ପଟ୍ଟନାୟକ, ସଂଗ୍ରାମ ଜେନା, ଚିନୁ ଷଡ଼ଙ୍ଗୀ, ଅଜିତ୍ ପାତ୍ର, ଘନ ବିଶୋଇ, ଲିଙ୍ଗରାଜ ନାୟକ, ଖଗପତୀ ପାତ୍ର, କିଶୋର ମିଶ୍ର, ସହ କୋର୍ଟ ର ସମସ୍ତ କର୍ମଚାରି ଓ ପୋଲିସ ବାହିନୀ ପ୍ରମୁଖ ଯୋଗ ଦେଇଥିଲେ।ଇତି ମଧ୍ୟରେ କୋର୍ଟ ପରିସରର ବିଭିନ୍ନ ଗଛର ଗଣନା ମଧ୍ୟ କରାଯାଇଥିଲା।



## ପୋଡ଼ାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରସ୍କୃତ

ପୋଡ଼ାଗଡ଼, ୬।୬(ସମିସ): ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତ ସଦରମହକୁମା ସ୍ଥିତ ପିମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ବନବିଭାଗ ଦ୍ୱାରା ପୁରସ୍କୃତ ହୋଇଛି। ପୋଡ଼ାଗଡ଼ ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୁଳପତି ସୁରେଶ କୁମାର ନାଗଙ୍କ ସୂଚନା ମୁତାବକ ଆଜି ବିଶ୍ୱ ପରିବେଶ ଦିବସରେ ପରିବେଶ ସୁରକ୍ଷାରେ ପୁରସ୍କୃତ ହୋଇଥିବା କହିଛନ୍ତି। ବିଦ୍ୟାଳୟରେ ପନିପରିବା ଗଛ ସହ ଅନେକ ଔଷଧୀୟ ଗଛ ଲଗାଇଥିବା ସହ ସବୁଜ ସୁନ୍ଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଠନ କରି ଥିବାରୁ ଜିଲ୍ଲାସ୍ତରରେ ପୁରସ୍କୃତ ହୋଇଛନ୍ତି। ବଙ୍ଗଳାଗୁଡ଼ା ବନପାଳ ଚିତ୍ତରଞ୍ଜନ ନାୟକଙ୍କ ପ୍ରୟାସ କ୍ରମେ ଉକ୍ତ ବିଦ୍ୟାଳୟ ସବୁଜ ରହୁଥିବା କୁଳପତି ସୁରେଶ କୁମାର ନାଗ କହିଛନ୍ତି। ଆଗାମୀ ଦିନରେ ବିଦ୍ୟାଳୟ ପରିସର ଛଡ଼ା ଅନ୍ୟ ଅନୁଷ୍ଠାନ ସହ ଗ୍ରାମ ମାନଙ୍କରେ ସବୁଜ ସୁନ୍ଦର କରାଯିବ ବୋଲି ବନପାଳ ଶ୍ରୀ ନାୟକ କହିଛନ୍ତି।

## ନାଲ୍‌କୋ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଦାମନଯୋଡି, ୬।୬(ସମିସ): ଆଜିର ଅତ୍ୟାଧୁନିକ ଯୁଗରେ ବିଶ୍ୱ ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବା ସହ ଜୀବଜଗତ ଉପରେ ତା'ର କୁ-ପ୍ରଭାବ ବିସ୍ତାର କରି ଚାଲିଛି। ତେବେ ଏହାର ସୁରକ୍ଷା ସମସ୍ତଙ୍କର ମୌଳିକ ଦାୟିତ୍ୱ ହେବା ଆବଶ୍ୟକ ବୋଲି ନାଲକୋ ପକ୍ଷରୁ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଅଧିକାରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଛନ୍ତି। ବିଶ୍ୱ ପରିବେଶ ଦିବସ ଅବସରରେ ନାଲକୋ ପରିବେଶ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ସମ୍ମାନୀତ ଅତିଥି ଭାବରେ ନାଲକୋର ବିଭିନ୍ନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଓ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର ବରିଷ୍ଠ କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଏହାସହ ସମସ୍ତେ ପରିବେଶ ସୁରକ୍ଷା କରିବା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍ୟାନ ବିଭାଗ ଅଧିକାରୀ ମନୋରଞ୍ଜନ ରଥ ଓ ସଞ୍ଜୀବ କୁମାର କରଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ଏହାପରେ ନାଲକୋ ପ୍ରେକ୍ଷାଳୟର ପରିବେଶ ସୁରକ୍ଷା ସଚେତନ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ନାଲକୋ କର୍ମଚାରୀଙ୍କ ପରିବାର, କର୍ମଚାରୀ ସଂଘର ନେତୃବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ବର୍ଜନ, ଅନାବଶ୍ୟକ ବ୍ୟକ୍ତିଗତ ଯାନବାହନ ନ ଚଳାଇବା, ଜଳ ଅପଚୟ ନ କରିବା, ବିଦ୍ୟୁତ୍ ଚାଳିତ ଯାନ ବ୍ୟବହାର ବା ସାଇକଲ ଚାଳନାକୁ ଗୁରୁତ୍ୱ ଦେବା ସହ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷ ରୋପଣ କରିବା ଦିଗରେ ପ୍ରୟାସ ଜାରି ରଖିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।



## ସିବିଏସ୍ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

ଦାମନଯୋଡ଼ି, ୬।୬(ସମିସ): କୋରାପୁଟ ଜିଲ୍ଲା ସଦର ମହକୁମା ହସ୍ପିଟାଲ(ଜୟପୁର) ର ସମନ୍ୱିତ ପରାମର୍ଶ ଓ ପରୀକ୍ଷଣ କେନ୍ଦ୍ର (ଆଇସିଟିସି) ଓ କୋରାପୁଟ ସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ 'ଏକତା'ର ଟିଆଇ ପ୍ରକଳ୍ପ ପକ୍ଷରୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଏକ ଗୋଷ୍ଠୀ ସ୍ତରୀୟ ନିରୀକ୍ଷଣ (ସିବିଏସ) ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସ୍ଥାନୀୟ କଳାହାଣ୍ଡି କଲୋନୀରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଏଚଆଇଭି, ଟିବି, ଯୌନ ସଂକ୍ରମଣ ଆଦି ପରୀକ୍ଷା ହୋଇଥିଲା। ପଜିଟିଭ ରିପୋର୍ଟ ଆସିଥିବା ରୋଗୀଙ୍କୁ ମାଗଣାରେ ପରବର୍ତ୍ତୀ ଚିକିତ୍ସା ଓ ପରାମର୍ଶ ବ୍ୟବସ୍ଥା ରହିଛି। ଭୁବନେଶ୍ୱର ସ୍ଥିତ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, ନବରଙ୍ଗପୁର ଜିଲ୍ଲା ମହକୁମାର 'ଦିଶା' ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମାଥାଲପୁଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ତଥା ଡା. ଶିବ ପ୍ରସାଦ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଡାକ୍ତର ଅବିନାଶ ଚିନୋରା, ପିଏଚଇଓ ବିଜୟ ଖିଲ, ସୁପରଭାଇଜର ମକର ଜାନି, ସିଏଚଓ ଅବିନାଶ ଦାସ, ଏନସିଡି କାଉନସେଲର ତାପସୀ କୁମାରୀ ଜେନା, ଆଇସିଟିସି ସୁପରଭାଇଜର ଯଶସ୍ୱିନୀ ରଥ, ଏଲଟି ପୂଜାରାଣୀ ଖଟୋଇ, ସ୍ୱାସ୍ଥ୍ୟକର୍ମୀ ବେବି ସ୍ୱାଇଁ ଓ ଆଶାକର୍ମୀ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।



## ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର

ରାୟଗଡ଼, ୬।୬(ସମିସ): ରାୟଗଡ଼ ସହରର ଏସବିଆଇ ମୁଖ୍ୟ ଶାଖା ସମ୍ମୁଖ ମୁଖ୍ୟ ରାସ୍ତାର ବିପରୀତ ପାର୍ଶ୍ୱରେ ଥିବା ସରୋଜିନୀ କ୍ଲିନିକ୍ ଏବଂ ଡାଇଗ୍ନୋଷ୍ଟିକସ୍ ପକ୍ଷରୁ ଶନିବାର ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। କ୍ଲିନିକ୍ କର୍ତ୍ତୃପକ୍ଷଙ୍କ ସମେତ ଜେନେରାଲ ମେଡିସିନ (ଏମଡି), ଡାକ୍ତର ଏ.ଗୌରୀ ଶଙ୍କରଙ୍କ ନେତୃତ୍ୱରେ ଡାକ୍ତର କେ.ନବୀନ ଏବଂ ଡାକ୍ତର ପବନ ସେନାପତି ଓ ଅନ୍ୟ ଡାକ୍ତରୀ ଷ୍ଟାଫମାନେ ଉପସ୍ଥିତ ରହି ଲୋକଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଶିବିରରେ ହିମୋଗ୍ଲୋବିନ, ଆରବିଏସ, ଏଚବିଏ୧ସି, କ୍ରିଏଟିନାଇନ, ୟୁରିକ ଏସଡି, ବିଲିରୁବିନ, ଲିପିଡ ପ୍ରୋଫାଇଲ, ଇସିଜି, ପିଏଫଟି, ନ୍ୟୁରୋପାଥି ଟେଷ୍ଟିଙ୍ଗ, ବୋନ ମିନେରାଲ ଡେନସିଟି, ୟୁରିନ ମାଇକ୍ରୋଲବୁମିନ ଭଳି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ରାୟଗଡ଼ ସହର ସମେତ ସଦର ବ୍ଲକ, କଲ୍ୟାଣସିଙ୍ଗପୁର, ବିଷମକଟକ ବ୍ଲକ ଓ ଅନ୍ୟାନ୍ୟ ଆଖପାଖ ଅଞ୍ଚଳରୁ ୩ଶହରୁ ଊର୍ଦ୍ଧ୍ୱ ଲୋକେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିଥିଲେ। ସେହିପରି ସହରର ସାମ୍ବାଦିକ ଓ ପୁଲିସ କର୍ମଚାରୀମାନେ ମଧ୍ୟ ଅପରାହ୍ନରେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସରୋଜିନି କ୍ଲିନିକ ଏବଂ ଡାଇଗ୍ନୋଷ୍ଟିକସ ତରଫରୁ 'ସୁସ୍ଥ ରୁହନ୍ତୁ, ସୁଖୀ ରୁହନ୍ତୁ, ସମ୍ବଳ ରୁହନ୍ତୁ' ବାର୍ତ୍ତା ନେଇ ପ୍ରତ୍ୟେକ ମାସରେ ଏଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଥିବା କ୍ଲିନିକ୍ କର୍ତ୍ତୃପକ୍ଷ କହିଛନ୍ତି।



## ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଦାମନଯୋଡ଼ି, ୬।୬(ସମିସ): କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଅପରାହ୍ନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ କାର୍ଯ୍ୟରତ ଥାଇ ବିଭିନ୍ନ ପର୍ଯ୍ୟାୟରେ ଅନ୍ୟତ୍ର ବଦଳି ହୋଇଥିବା ଫାର୍ମାସୀ ଅଧିକାରୀ ଆଶିଷ କୁମାର ସାହୁ, ସିଏଚଓ ରେସୁ ଖରାଙ୍କ ସହିତ ସ୍ୱାସ୍ଥ୍ୟକର୍ମୀ କେ.ସୁଗୁଣା, ସୁଶୋଭିତା ରାଣୀ କୋଟିମ୍, ଭବାନୀ ଦେବୀ, ସଞ୍ଜୁବାଳା ପ୍ରଧାନୀ, ମନୋରମା ପାଢ଼ୀ, ତନୁଜା ବେହେରା, ପଦ୍ମଜା ନାୟକ, ୟୁସିଏଚ୍ ଗରଡ଼ା ଓ ସରୋଜ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମେ' ଶେଷରେ ଅବସର ଗ୍ରହଣ କରିଥିବା ଡ୍ରାଇଭର ପୂର୍ବ କିର୍ସାନୀଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟ ଡାକ୍ତର, ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ବିଦାୟୀ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା, ରୋଗୀ ଓ ଲୋକ ସମ୍ପର୍କ, ବନ୍ଧୁ ବତ୍ସଳତା ଆଦି ଗୁଣର ବର୍ଣ୍ଣନା କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦାୟୀ କର୍ମଚାରୀ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ ସମୟର ନିଜ ନିଜ ଅନୁଭୂତି ବଖାଣିଥିଲେ।

### ନୂତନ ପ୍ରାଣୀ ଚିକିତ୍ସାଳୟ କୋଠା ଉଦ୍‌ଘାଟିତ

# ନିମନ୍ତ୍ରଣ କରାଯାଇ ନ ଥିବାରୁ ତାତିଲେ ସରପଞ୍ଚ, ସମିତି ସଭ୍ୟ

କୁନ୍ଦୁରା, ୬।୬(ସମିସ)

ନିଜ ପଞ୍ଚାୟତରେ ହେଉଥିବା ପ୍ରାଣୀ ଚିକିତ୍ସାଳୟ ନୂତନ କୋଠା ଉଦଘାଟନୀ ଉତ୍ସବରେ ସରପଞ୍ଚଙ୍କୁ ନିମନ୍ତ୍ରଣ ନଥିବା ଅଭିଯୋଗରେ ଉଦଘାଟନ କାର୍ଯ୍ୟକ୍ରମକୁ ବିରୋଧ କଲେ ସରପଞ୍ଚ ଏବଂ ସମିତିସଭ୍ୟ। କୁନ୍ଦୁରା ସଦର ମହକୁମାଠାରେ କିଛି ଏଭଳି ପ୍ରତିବାଦ ଦେଖିବାକୁ ମିଳିଛି। ଆଜି କୁନ୍ଦୁରା ଠାରେ ନୂତନ ପ୍ରାଣୀ ଚିକିତ୍ସାଳୟ ଉଦଘାଟନ କାର୍ଯ୍ୟକ୍ରମ ଥିଲା। ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ତତ୍ତ୍ୱାବଧାନରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ମୁଖ୍ୟ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଧା ବିନୋଦ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, କୋଷାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଡିଆ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ କୋରାପୁଟ ଡ. ସୁଦର୍ଶନ ସାହୁ, ସାଂସଦ ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ମଣ୍ଡଳ ସଭାପତି ପଦ୍ମନାଭ ବିଶୋୟୀ, ଧନପତି ପରଜା, ସମ୍ପାଦକ ତ୍ରିନାଥ ନାୟକ, ସାଂସଦଙ୍କ ଅଭିଯୋଗ ପ୍ରତିନିଧି ପ୍ରକାଶ ପଟ୍ଟନାୟକ, ସୁମିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ରିବନ କଟାଯିବା ପରେ ଫଳକ ଉଦଘାଟନ କରିଥିଲେ ମୁଖ୍ୟ ଅତିଥି। ଏହାପରେ ଆରମ୍ଭ ହେଲା ଯୁକ୍ତିତର୍କ, ହଟ୍ଟଗୋଳ। ବ୍ଲକ ସଦର ପଞ୍ଚାୟତର ସରପଞ୍ଚ ଲବ ପରଜା ଏବଂ ସମିତି ସଭ୍ୟ ଦାମୋଦର ଗଣ୍ଡା ଆଜିର ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇନଥିବା ଅଭିଯୋଗ କରିଥିଲେ। ବିଧାୟକ ସନ୍ତୋଷଜନକ ଉତ୍ତର ଦେଇପାରିନ ଥିଲେ। ଫଳରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିଲା। ବୁଦ୍ଧିଜୀବୀଙ୍କ ହସ୍ତକ୍ଷେପ କରି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ




ବୈପାରୀଗୁଡା, ୬।୬(ସମିସ): ବୈପାରୀଗୁଡା ବ୍ଲକର ବିଭିନ୍ନ ସ୍ଥାନରେ 'ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବୈପାରୀଗୁଡା ବନାଞ୍ଚଳ ତରଫରୁ ସ୍ଥାନୀୟ ବିରଖମ୍ବ ପୀଠ ନିକଟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବୈପାରୀଗୁଡା ଥାନା ଅଧିକାରୀ ଡମ୍ବରୁ ବର୍ତ୍ତିଆ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ରେଞ୍ଜର ସନ୍ଦୀପ ପାଣିଗ୍ରାହୀ ଉପସ୍ଥିତ ରହି କିଛି ଫଳ ଚାରା ରୋପଣ କରିଛନ୍ତି। ଏଥିସହ ବନ ବିଭାଗ କର୍ମଚାରୀ ଏବଂ ପରା ଷ୍ଟାଫ ସମସ୍ତେ ଉପସ୍ଥିତ ରହି ପୀଠ ସଫେଇ କରିଥିଲେ।

ସେହିଭଳି ଗୁପ୍ତେଶ୍ୱର ବନାଞ୍ଚଳ ରେଞ୍ଜର ଛବି ରନ୍ଧାରୀଙ୍କ ନେତୃତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଚିପାକୁର ପଞ୍ଚାୟତ କାର୍ଯ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାଜୁ ଖିଲ ଉପସ୍ଥିତ ରହି ଫଳ ଚାରା ଏବଂ ଔଷଧୀୟ ଚାରା ରୋପଣ କରିଥିଲେ। ସେହିପରି ଦଣ୍ଡାବାଡ଼ି ହାଇସ୍କୁଲ, ଗେଲାଗୁଡା ପ୍ରାଥମିକ ବିଦ୍ୟାଳୟ ଭଳି ଅନ୍ୟାନ୍ୟ ସ୍ଥାନରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁପ୍ତେଶ୍ୱର ବନ ବିଭାଗର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୌରପରିଷଦ ପକ୍ଷରୁ ଚାରା ରୋପଣ



ଉମରକୋଟ, ୬।୬(ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଉମରକୋଟ ପୌର ପରିଷଦ ପକ୍ଷରୁ ବିର୍ସା ମୁଣ୍ଡା ପାର୍କଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌର ଅଧ୍ୟକ୍ଷା ରାଧା ଭତ୍ରା, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାତ୍ରୀ, ଆଇନଜୀବୀ ରାମ ନାୟକ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ସମସ୍ତ କାଉନସିଲର, ଡାକ୍ତରୀ କର୍ମଚାରୀ ଓ ପୌର ପାଳିକାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରତ୍ୟକ ବ୍ୟକ୍ତି ଗୋଟିଏ ଲେଖାଏଁ ବୃକ୍ଷ ଲଗାଇବା ନିହାତି ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ପ୍ରାୟ ୫୦ଟି ବିଭିନ୍ନ ପ୍ରକାରର ଚାରାରୋପଣ କରାଯିବା ସହ ପରିବେଶ ସୁରକ୍ଷା ପାଇଁ ଉପସ୍ଥିତ ଲୋକେ ଶପଥ ନେଇଥିଲେ। ସହିଭଳି ଉମରକୋଟ ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ୱାର୍ଡ, ସାର୍ବଜନୀନ ସ୍ଥାନ ରାସ୍ତା ପାର୍ଶ୍ୱ ଏବଂ ଅନ୍ୟାନ୍ୟ ଉପଯୁକ୍ତ ଅଞ୍ଚଳରେ ଆଗାମୀ ୭ ଦିନ ମଧ୍ୟରେ ମୋଟ ୨୫ଶହଟି ଚାରା ରୋପଣ କରିବାକୁ ଯୋଜନା ରହିଛି ବୋଲି କହିଛନ୍ତି ନିର୍ବାହୀ ଅଧିକାରୀ।

# ଭରଣପୁର ଗ୍ରାମରେ ଜଳ ସଂକଟ; ଟ୍ୟାଙ୍କର ଭରସା

ତେନ୍ତୁଳିଖୁଣ୍ଟି, ୬।୬(ସମିସ)




ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ଭରପୁର ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ଅଚଳ ନଳକୂପ ମରାମତି ହେଉନି। ଫଳରେ ଗ୍ରାମବାସୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ପାଣି ମିଳୁନି। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳଗୁମ୍ମା ପଞ୍ଚାୟତ ସରପଞ୍ଚ କୁସୁମା ପୂଜାରୀ ଟ୍ୟାଙ୍କର ଯୋଗେ ସମ୍ପୃକ୍ତ ଗ୍ରାମବାସୀଙ୍କୁ ପାଣି ଯୋଗାଇବା ବ୍ୟବସ୍ଥା କରିଛନ୍ତି।

ଭରଣପୁର ଗ୍ରାମରେ ସୌରାସାହି ଓ ହରିଜନ ସାହିରେ ୬୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ହେଲେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ହରିଜନ ସାହିରେ ପହଞ୍ଚୁ ଥିବା ବେଳେ ସୌରା ସାହିରେ ପହଞ୍ଚି ପାରୁନି। ଅନ୍ୟପଟେ କିଛି ନଳକୂପ ଅଚଳ ହୋଇପଡ଼ିଛି। ମରାମତି କରିବା ଦିଗରେ କେହି ଆଗ୍ରହ ଦେଖାଉ ନାହାନ୍ତି। ଫଳରେ ସୌରାସାହି ବାସିନ୍ଦା ପାଣି ପାଇଁ ନାନା ହଇରାଣ ହେଉଛନ୍ତି। ଏହାକୁ ଦେଖି ଅଞ୍ଚଳଗୁମ୍ମା ସରପଞ୍ଚ କୁସୁମ ପୂଜାରୀ ଗତ ପାଞ୍ଚ ଦିନ ହେଲା ଭରଣପୁର ଗ୍ରାମର ସୌରାସାହିରେ ଟ୍ୟାଙ୍କର ଯୋଗେ ପାଣି ନେଇ ସାହିବାସିନ୍ଦାଙ୍କୁ ଯୋଗାଉଛନ୍ତି।

**● ମରାମତି ହେଉନି ଅଚଳ ନଳକୂପ**
**● ଟ୍ୟାଙ୍କର ଯୋଗେ ପାଣି ଯୋଗେଇଲେ ସରପଞ୍ଚ**

ସେହିପରି ହିର୍ମିମୁଣ୍ଡା ନିକଟସ୍ଥ ଝଡିଆଗୁଡାରେ ମଧ୍ୟ ମେଗା ପାଣି ପହଞ୍ଚି ପାରୁନି। ସେହିପରି ଦୁଇଟି ନଳକୂପରୁ ପାଣି ବାହାରୁନି। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ ଦିଗରେ କୌଣସିସ୍ତରରୁ ଉଦ୍ୟମ କରାଯାଉନି। ଏଣୁ ଗତ ଦୁଇଦିନ ହେଲା ଝଡ଼ିଆଗୁଡ଼ାରେ ମଧ୍ୟ ସରପଞ୍ଚ ଟ୍ୟାଙ୍କର ପାଣି ଯୋଗେଇ ଲୋକଙ୍କ ଜଳ ସମସ୍ୟା ଦୂର କରିବା ପ୍ରୟାସ ଆରମ୍ଭ କରିଛନ୍ତି। କିନ୍ତୁ ଏହା ଚିରସ୍ଥାୟୀ ସମାଧାନ ବ୍ୟବସ୍ଥା ନୁହଁ। ଏଣୁ ଭରଣପୁର ସୌରାସାହି ଏବଂ ଝଡିଆଗୁଡାରେ ଥିବା ଅଚଳ ନଳକୂପ ମରାମତି ସାଙ୍ଗକୁ ମେଗା ପାଣି ଯୋଗାଇ ଦେବାକୁ ଉଭୟ ଗ୍ରାମବାସୀ ଦାବି କରିଛନ୍ତି।

## ଜଙ୍ଗଲ ବିଭାଗ ପକ୍ଷରୁ ପର୍ବତାରୋହଣ କାର୍ଯ୍ୟକ୍ରମ



ସେମିଳିଗୁଡା, ୬।୬(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଜଙ୍ଗଲ ବିଭାଗ ପକ୍ଷରୁ ପର୍ବତାରୋହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେମିଳିଗୁଡ଼ା ବ୍ଲକ ପୁଟସିଲସ୍ଥିତ ଗିର୍ଲିମାଳି ପର୍ବତ ଶିଖରରେ ବିଶ୍ୱ ପରିବେଶ ଦିବସ ଶୁକ୍ରବାର ପାଳିତ ହୋଇଛି। ଏହି ଉପଲକ୍ଷେ ପର୍ବତାରୋହଣ କରାଯାଇଛି। ଏଥିରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜଙ୍ଗଲ ସୁରକ୍ଷା ହେଲେ ପରିବେଶ ସୁରକ୍ଷିତ ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ସୁସ୍ଥ ପରିବେଶ ପାଇଁ ସମସ୍ତେ ଗଛ ଲଗାଇବା ଜରୁରୀ ବୋଲି ସେ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ଆରସିସିଏଫ୍ ଯଜ୍ଞଦତ୍ତ ପତି, ଡିଏଫଓ ସିଦ୍ଧାର୍ଥ ଜୈନ, ଏସିଏଫ ଜଗନ୍ନାଥ ପ୍ରସାଦ ବିଶୋୟୀ, ଜୟପୁର ବନଖଣ୍ଡ ବିଭାଗ ଏସିଏଫ୍ ଶ୍ୟାମା ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ। ପୁଟସିଲଠାରୁ ଦେଓମାଳି ପର୍ବତ ଶିଖର ଯାଏ ପ୍ରାୟ ସାଢ଼େ ୩ କିମି ପର୍ବତାରୋହଣ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବନାଞ୍ଚଳ ଅଧିକାରୀ ଏସ୍.କେ.ପାହାଡ଼ ସିଂ, ସେମିଳିଗୁଡା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର କୁମ ଦଳେଇ, ବିଏସଏଫ୍ ଯବାନ ଓ ସ୍ଥାନୀୟ ଯୁବତୀ ଯୁବକମାନେ ସାମିଲ ହୋଇଥିଲେ। ଅନେକ ଲୋକ ଉତ୍ସବରେ ଯୋଗ ଦେଇଥିଲେ। ବିଧାୟକ ରାମଚନ୍ଦ୍ର କାଡାମ ମଧ୍ୟ ପର୍ବତାରୋହଣରେ ସାମିଲ ହୋଇଥିଲେ।



## କାଠ ସହ ସାଇକଲ ଜବତ



ବୈପାରୀଗୁଡା, ୬।୬(ସମିସ): ବୈପାରୀଗୁଡା ବ୍ଲକ ଗୁପ୍ତେଶ୍ୱର ବନାଞ୍ଚଳ ଅଧିନସ୍ଥ ରାମଗିରି ଠାରେ ୧୩ଟି ଶାଳ କାଠ ସହ ୨ ଟି ସାଇକଲ ଜବତ କରାଯାଇଛି। ବନ ବିଭାଗ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ବନ ବିଭାଗ ପକ୍ଷରୁ ରାମଗିରି ଅଞ୍ଚଳରେ ନାଇଟ ପାଟ୍ରୋଲିଂ ବେଳେ ରାମଗିରି ଖେଳ ପଡ଼ିଆ ନିକଟରେ ଅଭିଯୁକ୍ତମାନେ ସାଇକଲ ଯୋଗେ ୧୩ ଖଣ୍ଡ ଶାଳକାଠ ଚୋରା ଚାଲାଣ କରୁଥିଲେ। ଅଭିଯୁକ୍ତମାନେ ଦୂରରୁ ବନ କର୍ମଚାରୀଙ୍କୁ ଦେଖି ଅନ୍ଧାରର ସୁଯୋଗ ନେଇ ସାଇକଲ ସହ କାଠ ଛାଡି ଜଙ୍ଗଲକୁ ଦୌଡ଼ି ଚାଲିଯାଇଥିଲେ। ବନ ବିଭାଗ କାଠ ସହ ସାଇକେଲ ଜବତ କରିଛି। ଏହି ଚଢ଼ଉ ସମୟରେ ଗୁପ୍ତେଶ୍ୱର ବନାଞ୍ଚଳ ବନପାଳ ରବୀନ୍ଦ୍ର ହନ୍ତାଳ, ବନରକ୍ଷୀ ସୌମ୍ୟ ରଞ୍ଜନ ସୁବୁଦ୍ଧି, ଫରେଷ୍ଟ ପାରା ସ୍କ୍ୱାଡ୍ କାର୍ତ୍ତିକ ଦଣ୍ଡସେନା, ରମେଶ ପୂଜାରୀ, ପଦ୍ମନାବ ଦାନୀ, ଭୁବନ ବାଗଦିରିଆ, ମୋହନ ଓଡ଼ିଆ, ଦୌତାରୀ ପ୍ରଧାନ, ଭାସ୍କର ଦଳେଇ, ରାମଚନ୍ଦ୍ର ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।

**ମୁଖ୍ୟ ମନ୍ତ୍ରୀ ଟ୍ରଫି-୨୦୨୬**

## ଫାଇନାଲ୍‌ରେ ନବରଙ୍ଗପୁର ବାଳକ ଦଳ



ନବରଙ୍ଗପୁର, ୬।୬(ସମିସ): ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଜୋନାଲ୍‌ସ୍ତରୀୟ ୧୪ ବର୍ଷରୁ କମ୍ ଅନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ ଚାମ୍ପିଅନ୍‌ସିପ୍‌ରେ ନବରଙ୍ଗପୁର ଜିଲ୍ଲା ବାଳକ ଦଳ ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଗଞ୍ଜାମକୁ ୫-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଦଳର କୋଚ ଭାବେ ସପନ ବୈରାଗି, ଫିରୋଜ ହିଆଲ ଓ ଲାଲୁ ହରିଜନ ଦାୟିତ୍ୱ ନେଉଥିବା ବେଳେ ମ୍ୟାନେଜର ଭାବେ ଶଶାଙ୍କ ଶେଖର ବେହେରା ଏବଂ ଦୁର୍ଯ୍ୟ ହରିଜନ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଏହି ଖବର ପାଇଲାପରେ ନବରଙ୍ଗପୁର କ୍ରୀଡା ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ.ବାଲା କୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରୀଡା ସମ୍ପାଦକ ଜ୍ୟୋତି ପରିଛା, ଇନ୍‌ଡୋର ସମ୍ପାଦକ କୃଷ୍ଣ ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ, ମହିଳା ସମ୍ପାଦିକା ଇଂ. ଚନ୍ଦନା ମଲ୍ଲିକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକଙ୍କ ସମେତ କ୍ରୀଡା ସଂଘର ଅନ୍ୟ ସଦସ୍ୟମାନେ ବାଳକ ଦଳକୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ନବରଙ୍ଗପୁର ଜିଲ୍ଲା ଦଳ କନ୍ଧମାଳ ଜିଲ୍ଲା ଦଳ ସହ ଭେଟିବ। ଏଥି ପୂର୍ବରୁ ଜିଲ୍ଲା ବାଳିକା ଦଳ ମଧ୍ୟ ଫାଇନାଲରେ ପ୍ରବେଶ କରିସାରିଛନ୍ତି।

## ଦୁଇ ଦିନିଆ ଖ୍ରୀଷ୍ଟିୟ ଆତ୍ମିକ ମହୋତ୍ସବ

ନନ୍ଦପୁର, ୬।୬(ସମିସ): ନନ୍ଦପୁର ଜଇଲୁମ ମଣ୍ଡଳୀ ପକ୍ଷରୁ ନନ୍ଦପୁର ବ୍ଲକ ପାଳକ ସମ୍ମିଳନୀର ସହଯୋଗରେ ଦୁଇ ଦିନିଆ ଖ୍ରୀଷ୍ଟୀୟ ଆତ୍ମିକ ମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ନନ୍ଦପୁର, ସେମିଳିଗୁଡା ଓ ଲମତାପୁଟ ଅଞ୍ଚଳରୁ ୭ ଶହରୁ ଅଧିକ ଖ୍ରୀଷ୍ଟ ବିଶ୍ୱାସୀ ଏକତ୍ରିତ ହୋଇ ଆରାଧନା, ପ୍ରାର୍ଥନା ଓ ସୁସମାଚାର ଶ୍ରବଣ କରିଥିଲେ। ମହୋତ୍ସବରେ ଆମନ୍ତ୍ରିତ ବକ୍ତାମାନେ ଖ୍ରୀଷ୍ଟୀୟ ଆତ୍ମିକ ମହୋତ୍ସବର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଆତ୍ମିକ ଭାବେ ଦୁର୍ବଳ ହୋଇପଡ଼ିଥିବା ବିଶ୍ୱାସୀମାନଙ୍କୁ ପୁନର୍ବାର ପ୍ରଭୁଙ୍କ ନିକଟକୁ ଫେରାଇ ଆଣିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ପାଳକ ନିରଞ୍ଜନ ତୁରୁକ୍ ଓ ପାଳକ ସାମୁଏଲ ଲିମା ବିଶେଷ ବକ୍ତା ଭାବେ ଯୋଗ ଦେଇଥିଲେ।





ଏହି ଅବସରରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ମୋହନ ରାଓ ସ୍ମିଥ, ସଞ୍ଜୟ ଡଙ୍ଗାୟତ, ଅମିତ ଖରା, କମାଲ ରାଓ ସ୍ମିଥ, ଶାନ୍ତିଲତା ଖେମୁଣ୍ଡୁ, ଅଞ୍ଜଳି ନାୟକ, ସ୍ନେହଲତା ସ୍ମିଥ, ଧାନମତି ଲେୟା, ଶାଲୋମି ଖେମୁଣ୍ଡୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ପାଳକ ବିମଳ ରାଓ ସ୍ମିଥ ଉପସ୍ଥିତ ସମସ୍ତ ଭାଇ ଭଉଣୀ ଓ ସ୍ଥାନୀୟ ପୁଲିସ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ବିଶ୍ୱ ପରିବେଶ ଦିବସରେ ଗଣ ସମାବେଶ**

## ନୂଆ ବକ୍ସାଇଟ୍ ଖଣି ଖନନ ଉପରେ ନିଷେଧାଦେଶ ଦାବି




ସେମିଳିଗୁଡା, ୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ କୋରାପୁଟିଆ ଜନସୁରକ୍ଷା ସଂଘ ଓ ସେଣ୍ଟର ଫର୍ କ୍ଲାଇମେଟିକ ଜଷ୍ଟିସ୍ ପକ୍ଷରୁ ସେମିଳିଗୁଡା ନିକଟସ୍ଥ ବଙ୍ଗୁରୁଗୁଡ଼ ମିଲ ଛାକଠାରେ ପ୍ରାକୃତିକ ସମ୍ପଦ ସୁରକ୍ଷା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ମାଳି ପର୍ବତ ସମେତ ସମଗ୍ର ରାଜ୍ୟରେ ନୂଆ ବକ୍ସାଇଟ ଖଣି ଖନନ ଉପରେ ନିଷେଧାଦେଶ ଜାରି କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ସମ୍ମିଳନୀରେ ଆଦିବାସୀ ଓ ଜଙ୍ଗଲ ନିର୍ଭରଶୀଳ ଲୋକଙ୍କ ଜୀବନ ଓ ଜୀବିକାକୁ ପ୍ରଭାବିତ କରି କର୍ପୋରେଟ ସଂସ୍ଥାଙ୍କୁ ଖଣି ଲିଜ୍ ପ୍ରଦାନ କରାଯାଉଛି। ରାଜ୍ୟର ପ୍ରାକୃତିକ ସମ୍ପଦକୁ ବେସରକାରୀ କମ୍ପାନୀ ହାତରେ ଟେକି ଦେବା ରାଜ୍ୟର ସ୍ୱାର୍ଥ ବିରୋଧୀ ବୋଲି ବକ୍ତାମାନେ କହିଥିଲେ। ଦେଶର ପ୍ରାୟ ୬୦ ପ୍ରତିଶତ ବକ୍ସାଇଟ ସମ୍ପଦ ଓଡ଼ିଶାର କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ବରଗଡ଼ ଜିଲାରେ ଥିବା ସେଣ୍ଟର ଫର୍ କ୍ଲାଇମେଟିକ ଜଷ୍ଟିସ୍‌ର ସଂସ୍ଥାପକ ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି।

ଅବିଭକ୍ତ କୋରାପୁଟ ଜିଲ୍ଲାର ଖଣିଗୁଡ଼ିକର ନିଲାମ ପ୍ରକ୍ରିୟା ବାତିଲ କରିବା, ବିଭିନ୍ନ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ପରିବାରକୁ ଠିକ୍ କ୍ଷତିପୂରଣ ପ୍ରଦାନ ଓ ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକଙ୍କୁ ଶିଳ୍ପାନୁଷ୍ଠାନରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବାକୁ ଦାବି କରାଯାଯାଇଛି। ୨୦୨୧ ପରଠାରୁ ପ୍ରଦାନ କରାଯାଇଥିବା ବକ୍ସାଇଟ ଖଣି ଲିଜ୍ ଗୁଡ଼ିକୁ ପ୍ରତ୍ୟାହାର କରିବା, ପ୍ରାକୃତିକ ସମ୍ପଦ ସୁରକ୍ଷା ଆନ୍ଦୋଳନ ସହ ଜଡ଼ିତ କର୍ମୀଙ୍କ ବିରୋଧରେ ରୁଜୁ ମାମଲା ହଟାଇବା, ୩ ଜନ ଆନ୍ଦୋଳନ ଉପରେ ଦମନ ବନ୍ଦ କରିବାକୁ ଦାବି ହୋଇଥିଲା। ମାଳି ପର୍ବତ ସୁରକ୍ଷା ସମିତିର ନେତା ନିରଞ୍ଜନ ଖିଲଙ୍କ ସଂଯୋଜନାରେ ନିୟମଗିରି ସୁରକ୍ଷା ସମିତି, ମା' ମାଟି ମାଳି ସୁରକ୍ଷା ମଞ୍ଚ, ସେତୁବନ୍ଧ ସୁରକ୍ଷା ସମିତି, ନାଗେଶ୍ୱରୀ ମାଳି ଡଙ୍ଗର ମହାଗ୍ରାମସଭା ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ସମିତି ଓ ବିଭିନ୍ନ ଜନ ଆନ୍ଦୋଳନର ପ୍ରତିନିଧି ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ ରାଜ୍ୟର ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଜନ ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ଥିବା କହିଛନ୍ତି।

**ମହିଳା ଓ ଅବକାରୀ ବିଭାଗର ମିଳିତ ଚଢ଼ଉ**

# ବିପୁଳ ପରିମାଣର ଦେଶୀମଦ ଓ ପୋଚ ଜବତ

ନନ୍ଦାହାଣ୍ଡି, ୬।୬(ସମିସ)



ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଡ୍ରି ଗ୍ରାମରେ ବ୍ୟାପକ ମଦ କାରବାରକୁ ସମ୍ପୂର୍ଣ ବନ୍ଦ କରିବା ବା ମଦମୁକ୍ତ ଗାଁ ପାଇଁ ସ୍ଥାନୀୟ ମହିଳାମାନେ ଚଳିତ ମାସ ୧ ତାରିଖରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ନବରଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ମେଣ୍ଡ୍ରି ଗ୍ରାମରେ ମହିଳାଙ୍କ ସହାୟତାରେ ମିଳିତ ଚଢ଼ଉ କରାଯାଇଥିଲା। ପୃଥକ୍ ପୃଥକ୍ ତିନୋଟି ସ୍ଥାନରୁ ମଦ ଓ ମହୁଲି ପୋଚ ଜବତ କରାଯାଇଛି। ସଦାଶିବ ବିଷୋୟୀଙ୍କ ନିକଟରୁ ୨୦ ଲିଟର ଦେଶୀ ରନ୍ଧା ମଦ ଓ ୮୦ ଲିଟର ପୋଚ ଜବତ କରିବା ସହ ନଷ୍ଟ କରିଥିଲେ। ନେତ୍ରାନନ୍ଦ ସାହୁଙ୍କ ନିକଟରୁ ୩୪.୬୫୦ ଲିଟର ବିୟର ଓ ୪.୬୨୦ ଲିଟର ଠିପି ବନ୍ଦ ବିଦେଶୀ ମଦ ଜବତ କରାଯାଇଥିଲା। ଅନ୍ୟଜଣେ ବ୍ୟକ୍ତିଙ୍କ ଠାରୁ ୨୫୦୦ ଲିଟର ପୋଚ ଓ ୩୦୦ ଲିଟର ହାତରନ୍ଧା ମଦ ଜବତ କରିଥିଲେ।

ସଦାଶିବ ବିଷୋୟୀ ଓ ନେତ୍ରାନନ୍ଦ ସାହୁଙ୍କୁ ମାମଲା ନଂ.୯୧/୨୬-୨୭, ୯୨/୨୬-୨୭ ଓ ୯୩/୨୬-୨୭ରେ ମାମଲା ରୁଜୁ କରାଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା ୩୫(୩) ଅନୁସାରେ ଉଭୟଙ୍କୁ ଘଟଣାସ୍ଥଳରେ ଛାଡ଼ି ଦିଆଯାଇଥିଲା। ସ୍ଥାନୀୟ ଶତାଧିକ ମହିଳାଙ୍କ ସହଯୋଗରେ ନବରଙ୍ଗପୁର ଅବକାରୀ ରେଞ୍ଜ ଅଧିକାରୀ ଦିଲୀପ କୁମାର ରଥ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ନେଇଥିଲେ। ଅବକାରୀ ଥାନା ଅଧିକାରୀ ଉଷାବତୀ ଗୌଡ଼ ଓ ଟିମ୍ ସହଯୋଗ କରିଥିଲେ।

**● ପରିବେଶ ସୁରକ୍ଷା ପାଇଁ କନ୍ୟାକୁମାରୀରୁ ନେପାଳ ସାଇକଲ ଯାତ୍ରା**

## ନନ୍ଦପୁରରେ ଏ. ଭଲ୍ଲା ଆନନ୍ଦଙ୍କୁ ସ୍ୱାଗତ




ନନ୍ଦପୁର, ୬।୬(ସମିସ): ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ତାମିଲନାଡୁର ଜଣେ ଯୁବକ କନ୍ୟାକୁମାରୀରୁ ନେପାଳ ପର୍ଯ୍ୟନ୍ତ ସାଇକଲ ଯାତ୍ରା ଆରମ୍ଭ କରିଛନ୍ତି। ନନ୍ଦପୁରରେ ପହଞ୍ଚିଥିବାବେଳେ ପ୍ରେସ କ୍ଲବ ସହ ସାକ୍ଷାତ କରି ନିଜ ଅଭିଯାନ ବିଷୟରେ ସୂଚନା ଦେଇଥିଲେ। ତାମିଲନାଡୁ କନ୍ୟାକୁମାରୀ ଜିଲ୍ଲାର କନ୍ନମଙ୍ଗଲମ ଗ୍ରାମର ବାସିନ୍ଦା ଏ. ଭଲ୍ଲା ଆନନ୍ଦ କୃଷିରେ ସ୍ନାତକୋତ୍ତର ଡିଗ୍ରୀଧାରୀ ଓ ଜୈବିକ ଚାଷ କରୁଛନ୍ତି। ସେ କହିଛନ୍ତି ଯେ, ପରିବେଶ ପ୍ରଦୂଷଣ କମାଇବା ଏବଂ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବା ହିଁ ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ। ସେ କନ୍ୟାକୁମାରୀରୁ ମେ' ୧ ତାରିଖରୁ ନିଜ ଗ୍ରାମରୁ ଯାତ୍ରା ଆରମ୍ଭ କରି ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ ଦେଇ ନେପାଳ ଅଭିମୁଖେ ଯାଉଛନ୍ତି। ପ୍ରତିଦିନ ପ୍ରାୟ ୬୦ରୁ ୮୦ କିଲୋମିଟର ସାଇକଲ ଚଳାଇ ସେ ନିଜ ଗନ୍ତବ୍ୟ ପଥରେ ଅଗ୍ରସର ହେଉଛନ୍ତି। ସେ କହିଛନ୍ତି, ଯାତ୍ରା ସମୟରେ ଯେଉଁଠାରେ ରାତି ହୁଏ ସେଠାରେ ବିଶ୍ରାମ ନେଇ ଲୋକମାନଙ୍କୁ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ହ୍ରାସ ପାଇଁ ସଚେତନ କରୁଛନ୍ତି। ଗନ୍ତବ୍ୟ ପଥରେ ଆଜି ନନ୍ଦପୁରରେ ରାତ୍ରି ଯାପନ ସମୟରେ ତାଙ୍କୁ ନନ୍ଦପୁର ପ୍ରେସ କ୍ଲବ ସଭାପତି ତ୍ରିନାଥ ଖରା ଓ ସମ୍ପାଦକ ରମେଶ କୁମାର ଅଧିକାରୀ ସ୍ୱାଗତ ଜଣାଇ ତାଙ୍କ ରାତ୍ରି ରହଣି, ଖାଦ୍ୟ ବ୍ୟବସ୍ଥା କରିଥିଲେ। ଏହି ଅବସରରେ ସଂସ୍ଥା ପକ୍ଷରୁ ଆନନ୍ଦଙ୍କୁ ସମ୍ମାନିତ ଓ ତାଙ୍କ ସାହସିକତାକୁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା।

# ଯମ ମୁହଁ




ସ୍ୱାଗତିକା ସ୍ୱାଇଁ

: କାଳୀ! ଆଉ ବସିଲୁ କାହିଁକି? ଦେଖୁଚୁ ତ' ରୋଷେଇବାସ ନାହିଁ। ନହେଲେ ତତେ ତୋରାଣି ମୁନ୍ଦିଏ ଦେଇଥା'ନ୍ତି। ମିଛଟାରେ ବସି ରହିବ ନା'। ଯାଆ, ପଳା ଯାଆ।

ପର୍ବତ ପ୍ରମାଣ ଦୁର୍ଭାଗ୍ୟ, ଦାରିଦ୍ର୍ୟ, ଅକାଳ, ଅନାହାର - ଏମାନେ ସମସ୍ତେ ମିଶିମାଶି ସୁଦ୍ଧା କାଳୀକୁ ଭାଙ୍ଗି ପକେଇବା କେହି କେବେ ଦେଖିନଥିବେ। ଦୁବାଇରେ ରଙ୍ଗ ମିସ୍ତ୍ରୀ ଖଟୁଥିବା ବାପାର ଚାରି ଝିଅଙ୍କ ଭିତରୁ ଜଣେ ଭାବରେ ତାକୁ ଯେତେବେଳେ ମାଆ ବରାଳ ଦେବୀ କ୍ୟାଣ୍ଟର ବସ୍ କ୍ଲିନର୍ ମହାଦେବ ସହିତ ହଁ କି ନାଁ ନପଚାରି ହାତକୁ ଦି ହାତ କରି ଦିଆଯାଇଥିଲା, ସେତେବେଳେ ନୁହେଁ। କିମ୍ବା ବସ୍ ଡ୍ୟୁଟିରେ ଭାରି ପରିଶ୍ରମ, ବରଂ ଫ୍ୟାକ୍ଟ୍ରି କାମ ଭଲ ଏକଥା କହି ନୂଆ ସ୍ତ୍ରୀ ସହିତ ସଂସାର ଗଢ଼ିବ ବୋଲି ମହାଦେବ ଯେତେବେଳେ ତାମିଲନାଡୁ ଚାଲିଯାଇଥିଲା ସେତେବେଳେ ବି ନୁହେଁ। କାଳୀକୁ କେହି କେବେ ଭାଙ୍ଗି ରୁଜି ଯିବାର ଦେଖିନି। ବରଂ ଆପଣା ଶିଖା ତେଜରେ ତରଳି ଯାଉଥିବା ମହମ ପରି ସେ ନିଜ ମୁଣ୍ଡ ଉପର ବିଷାଦମାନଙ୍କୁ ସମୟ ସୁଅରେ ପାଣି ପରି ବହେଇ ଦେଇଚି। କଷ୍ଟ ଭିତରେ ନିଜ ଭାଗର ବଳକା ସହଜ ଦିନ ଆଡ଼କୁ ନିସ୍ତି କରି ରାଜରାସ୍ତାକୁ ଓହ୍ଲେଇ ପଡ଼ିଚି। ଆଉ ଦମ୍ଭରେ ଅଣ୍ଟା ମୁହଁ, ଛାତି ମୁଣ୍ଡ ସଳଖ କରି ଛିଡ଼ା ହେଇଚି।

ନହେଲେ ନାକାରେ କ'ଣ ରେଜା ଅଭାବ? କିନ୍ତୁ ଯୋଡ଼େଇରେ କ'ଣ ଢଳେଇରେ କେତେ; କ'ଣ ନିମଟାଲ କି ପଲସ୍ତରା ମସଲାର ଭାଗମାପ ତାହା କାଳୀ ଠୁଁ କିଏ ଅଧିକା କହିପାରିବ? ସେତିକି ବୋଲି ନୁହେଁ ଓଳମ ଧରିବାରେ, କରଣି ହେଉ କି ଗଜ, ଓଷା ଏସବୁ ଚଳେଇବାରେ ସେ ଗୋଟିଏ ଅଧା ରାଜମିସ୍ତ୍ରୀ ଜାଣ। ତା'ର ସେ କଳା ଯିଏ ଦେଖିଚି ସିଏ ଜାଣିଚି। ଯେ' କାମ ପାଇଁ ତା' ପରି ସୁଠାମ ଚେହେରାର, ପାରିବାର ସ୍ତ୍ରୀ ଲୋକ ଜଣକୁ ପାଇବା କେତେ କଷ୍ଟ।



ହେଲେ ଜଣେ ହତଭାଗ୍ୟ ସ୍ତ୍ରୀ ଲୋକ ପାଇଁ ସବୁକିଛି କୋଉଠି ଏତେ ସହଜ! କାରଣ ଗୋଦର ଯେ ଏକ ନଛୋଡ଼ବନ୍ଧା ଦାଉ ସାଧିବାର ରୋଗ! ଯାହା ଗ୍ରାସି ଯିବ ତ ତମକୁ ଅଚଳ କରିପକେଇବ। ତମେ ଯେତେ କର୍ମଠ ହେଇଥାଅ, କ୍ଷଣିକେ ତମକୁ ଛାଟି ଦେଲା ଭଳି ଅଥର୍ବ କରି ଘରେ ବସେଇ ଦବ।

ସେଇଟା ଥିଲା 'ଭଗବାନ ଭରସା' କ୍ୟାନ୍‌ସର ହାସପାତାଲ ସମ୍ମୁଖ ରାସ୍ତା କଡ଼ର ଅରାଏ ସରକାରୀ ଅପନ୍ତରା। ଏମିତିରେ ତ' ଡାକ୍ତରଖାନାଟା ଅରଖ ନୂଆ। କିନ୍ତୁ ଏଠିକି ବହୁ ଦୂରଦୂରାନ୍ତରୁ ଏପରିକି ରାଜ୍ୟ ବାହାରୁ ରୋଗୀମାନେ କେମିତି ଆସି ପହଞ୍ଚିଥାନ୍ତି ତାହା ଅଜଣା। ଯଦି ତମ ହାତରେ ଅଳ୍ପ ସମୟ ଥିବ ଏବଂ ଆଗ୍ରହ!

ତେବେ ଏଠି ଆସି ଦାଖଲ ହେଉଥିବା ରୋଗୀ ଏବଂ ତାଙ୍କ ନିଜ ଲୋକଙ୍କୁ ଦଣ୍ଡେ ଚାହିଁବ। ଘଡ଼ିଏ ଚାହିଁ ଦେଖିବ ସେମାନଙ୍କର ମଳିନ ମୁହଁ, ଲୋଚାକୋଚା ଲୁଗାପଟାକୁ ମଧ୍ୟ। ଆଉ ପଚାରି ବୁଝିବ ତ ଭିତର କଥାଟି ବି ଜାଣିଯିବ।

"ଅମୁକ ଡାକ୍ତର କହିଲେ, ସମୁକ ଆମକୁ ଏଠି ଆଣି ପହଞ୍ଚେଇଲେ"- ଏଇ ଧାଡ଼ିକ ଆପ୍ତବାକ୍ୟ ତମକୁ ଦୋହରେଇ ଦୋହରେଇ ଶୁଣିବାକୁ ମିଳିବ।

ତେବେ ସେ ଯାହା ହଉ ନା କାହିଁକି ପଶାପାଲିମୟ ଏଇ ମିଛ ମାୟା ସଂସାରରେ କଠଉ ସାହୁ ଛାତିତଳେ ସତ କଳିଜାଟିଏ ଅଛି। ଯୋଉଥି ପାଇଁ ସେ' ଏଠା ତଳତଳିଆଙ୍କ ପାଇଁ ଆଉ କିଛି କରିପାରୁ ନପାରୁ ଶସ୍ତା ଦରବାଲା ଭାତ ଡାଲମା ହୋଟେଲ ଗୋଟିଏ ଖୋଲିଚି। ପିଞ୍ଚାଏ ତତଲା ଭାତ, ଦେଢ଼ ଚଟୁ ଡାଲମା ଆଉ ଚାମୁଚେ ରାମେୟା ଲୁଣି ଆଚାର। ମୂଲ୍ୟ ଚାଳିଶ ଟଙ୍କା ମାତ୍ର।

କାଳୀ ପ୍ରତିଦିନ ବଡ଼ି ଭୋଅରୁ ନିଜ ଗୋଦର ଗୋଡ଼ରେ ଧୀରେ ଧୀରେ ଚାଲି ଚାଲି ଆସି ହୋଟେଲ ପାଖରେ ପହଞ୍ଚେ। ପରିବାବୁହା କ୍ୟାରେଟ୍ ଗୋଟିଏ ଓଲଟେଇ ତା' ଉପରେ ବସି ଘଡ଼ିଏ ଥକ୍କା ମାରେ। କାନି ଖୋଲି ସେଥିରୁ ଚାଉଳ ଗୁଣ୍ଡି ପ୍ୟାକେଟ୍ କାଢ଼େ। ଚକିରେ ମଳି ପାଟିରେ ପକାଏ। ବାସନମଜା ପାଉଁଶ କଂସାରେ ନିରମା ଗୁଣ୍ଡ ମିଶାଏ। ଆଉ ତା'ପରେ ନିବିଷ୍ଟ ମନଧ୍ୟାନ ଦେଇ ବାସନ ମାଜି ଚାଲେ। ହାଣ୍ଡି ଡେକ୍‌ଚି, ପରାତ, କରଚୁଲୀ ଏବଂ ଆଉରି କେତେ କ'ଣ। ଯେତେ ବାସନ ସେତେ ନିର୍ଦ୍ଦିଷ୍ଟ ଧ୍ୟାନରତ ମନ।

ଠାକୁରଙ୍କ ଆଶୀର୍ବାଦ ଜାଣ। ନହେଲେ ଯେ' ବେମାରିଆ ଗୋଡ଼ ଦେହକୁ ଧରି ସେ ଆଉ କୋଉ କାମଟା ଏବେ କରିପାରିଥାନ୍ତା। ବସି ବସି ବାସନ ମାଜିବା ବ୍ୟତିରେକ। ଯୋଉଠି ମାସକୁ ଅଳ୍ପ ପଇସା ସହିତ ପ୍ରାୟତଃ ହୋଟେଲର ବଳକା ଭାତ ଡାଲମା ମିଳିଯିବ।

କିନ୍ତୁ ନିୟତି ବି ବଡ଼ ଦାରୁଣ, ନିଷ୍ଠୁର। ସବୁବେଳେ ଏଇ ଅସହାୟଙ୍କ ଉପରେ ହିଁ ଅହନ୍ତା ତା'ର। ନହେଲେ କହ ତ କାନ ଉଠିବା ଦିନଠୁଁ କିଏ କେବେ ଶୁଣିଥିବ ଯୁଦ୍ଧ ପାଇଁ ଜାଳ ମିଳିବନି ତ' ରୋଷେଇ ପତ୍ର ବନ୍ଦ ହୋଇଯିବ।

ବାସନ ମାଜିବାକୁ ସୁବିଧା ହେବ ବୋଲି ମାଙ୍କଡ଼ା ପଥର ଦି ପୁଞ୍ଜା ପକେଇ ଗୋଟିଏ ଜାଗା କରାଯାଇଛି। କାଳୀ ଦୀର୍ଘଶ୍ୱାସଟିଏ ନେଇ ସେ ଆଡ଼କୁ ଚାହିଁଲା। ଅନ୍ୟ ଦିନ ହେଇଥିଲେ ଜାଗାଟା ପାଣି ପଚପଚ ହେଇ ଚଳଚଞ୍ଚଳ ଥାଆନ୍ତା। ମାତ୍ର ଆଜି ସେଇ ଅରାକ ସୂର୍ଯ୍ୟଙ୍କ ଖରାତେଜରେ ବିବାକ୍ ଶୁଖିଲା ପଡ଼ିଥିଲା।

ସେ ହାରିଯିବାର ସ୍ତ୍ରୀ ଲୋକ ନୁହେଁ। କୁଆଡୁ କିଛି ନପାଇ ସେ ଘରେ ବସି ଯାଇନଥିଲା। ବଡ଼ ସୁନାଖେଳା ବେପାରୀଙ୍କଠୁଁ ଶୁଖୁଆ ଦି ଝୁଡ଼ି ଆଣି ଷ୍ଟାଡିୟମ୍ ସାମ୍ନାରେ ପସରା ପକେଇଥିଲା। ମାତ୍ର ଆଜି ପୂର୍ଣ୍ଣମୀ, କାଲି ସଂକ୍ରାନ୍ତି, ପହରଦିନ ନବମୀ, ଦୋକାନ ଉଠା - କହି ପାଟିଲା ଗାମୁଛା ବାଲାଏ ବହୁତ ହଇରାଣ ହରକତ କଲେ। ବଟି ମାଗିଲେ। ନାଲି ଆଖି ଦେଖେଇଲେ।

ଦୀର୍ଘଶ୍ୱାସଟିଏ ନେଇ କାଳୀ ଏବେ ନିଜ ଚାରିପାଖକୁ ଚାହିଁଲା। ଖରାଦିନର ସୂର୍ଯ୍ୟଙ୍କ ପ୍ରଖର କିରଣ। ତା'ସାଙ୍ଗକୁ ବହୁତ ଦିନରୁ ବର୍ଷାର ଚିହ୍ନବର୍ଣ୍ଣ ନାହିଁ। ତେଣୁ ଗଛ ପତ୍ର ସବୁ ଧୂଳିମାଡ଼ ଖାଇ ମଳିନ, ଧୂସର ଆଉ ଝୋଲା ମାରିବା ପରି ଦିଶୁଥିଲେ। ଯଦିଓ ରାଧାଚୂଡ଼ା ଗଛମାନଙ୍କରେ ଫୁଲ ଭର୍ତ୍ତି ହେଇଥିଲା। ମାତ୍ର ସେମାନେ ବି ଏ ଖରା ଧାସ, ଧଳି ଧୂଆଁକୁ ଆଉ କେତେ ସହିବେ। କେବଳ ଫୁଟିବାକୁ ହବ ବୋଲି ବାଧ ହେଇ ଫୁଟିଥିଲେ।

କାଳୀକୁ ପ୍ରବଳ ଭୋକ ହଉଥିଲା। ଖଟିଲେ ଖାଇବା ମଣିଷ ସିଏ। ଯେହେତୁ ହାତରେ କାମ ନାହିଁ ତେଣୁ ସେ କେତେଦିନ ହେଲାଣି ଠିକ୍‌ରେ ଗଣ୍ଡିଏ ଖାଇବାକୁ ପାଇନି। ସତ କହିଲେ, ଗଲା ଦି ଦିନ ହେଲା ତା' ପାଖରେ ପାଟିରେ ଦବାକୁ କିଛି ହେଲେ କିଛି ନାହିଁ।

: ଯୁଦ୍ଧ କେବେ ସରିବ?

ସେଠି ଅଳ୍ପ ଦୂରରେ ଚାଳିଆ ତଳେ କଠଉ ଆଣ୍ଠୁ ଯୋଡ଼ିକ ଯାକି ବସି ବିଡ଼ି ଟାଣୁଥିଲା। କାଳୀ ତାକୁ ଚାହିଁ ପଚାରିଲା।

: କେଜାଣି ତା' କିଏ କହିବ! ବଡ଼ ବଡ଼ିଆ ନେତାଙ୍କ କଥା। ସେଇମାନେ ଜାଣି ଥିବେ।

ଭୋକ ଗୋଟିଏ ଏମିତି ଚିଜ ଯୋଉଥିପାଇଁ ତମକୁ ହାଇପୋଗ୍ଲାସିମିଆ ଗ୍ରାସିବାକୁ ବେଶି ବେଳ ଲାଗେ ନାହିଁ। ମୁଣ୍ଡକୁ ପିତ୍ତ ଚଢ଼ିଯାଏ। ଆଉ ସେଇଟା ବିଷ ଚରିଯିବା ଭଳି କାମ କରିବାକୁ ଲାଗେ। ସତେ ଯେମିତି ଏ ସଂସାର, ମଣିଷ, ଈଶ୍ୱର, ଭାଗ୍ୟ ପ୍ରତି ତମ ମନରୁ କରୁଣାର ଚିହ୍ନବର୍ଣ୍ଣ ଲୋପ ପାଇଯାଉଚି। ସେହିପରି ଗରଳ ଉଗାଳିବା ପରି କେତୋଟି ନିର୍ଦ୍ଦୟ ଶବ୍ଦ ତମ କଣ୍ଠ ବାଟ ଦେଇ ବାହାରି ଯାଆନ୍ତି।

-କୋଉ ବଡ଼ବଡ଼ିଆ, କୋଉ ନେତା ! ଗରିବଙ୍କ ପେଟକଟା; ତମକୁ ଚିଲ, ଶାଗୁଣା ଝୁଣିବେ। କୁକୁର, ବିଲୁଆ ଟାଣିବେ। ବଡ଼ ରୋଗିଆ; ତମେ ଅକାଳରେ ଯମ ମୁହଁରେ ପଡ଼ିବ। ତମକୁ ଧର୍ମ ସହିବ ନାହିଁ।

ଭାଗ୍ୟ ଆଦରି ଜୀବନ ବାହିବା ମଣିଷ ସିଏ, କାଳୀ ! କେବେ କାହାରି ଅନିଷ୍ଟ ପାଞ୍ଚି ଚାରିପଦ କହିବା ତାକୁ କେହି ଦେଖିନି। ଅଥଚ ଆଜି ଏମାନେ କୋଉଠି ଥିଲେ। ତା' ପାଟିରୁ ଶବ୍ଦ ହେଇ ବାହାରିଗଲେ!! ସେ ଆଶ୍ଚର୍ଯ୍ୟ ହେଲା।


କିନ୍ତୁ ରାଧାଚୂଡ଼ା ଗଛରେ ଭର୍ତ୍ତି ହୋଇଥିବା ହଳଦିଆ ରଙ୍ଗର ଫୁଲମାନେ ଏବେ କେମିତି ଟିକିଏ, ଅଧିକା ପ୍ରଫୁଲ୍ଲ ଦିଶିଲେ। ସେଇ ଖରା, ସେଇ ଧୂଳି ଧୂଆଁ କିନ୍ତୁ ସେମାନେ ହସନ୍ତ ଲାଗୁଥିଲେ। ବୋଧହୁଏ କଥାଟା ତାଙ୍କ ମନକୁ ପାଇଥିଲା। ■

ଜଗନ୍ନାଥ ସାହି
ଇନ୍ଦିରା ଗାନ୍ଧୀ ମହିଳା କଲେଜ ପାଖ
ଚାନ୍ଦିନୀ ଚୌକ କଟକ-୨
ମୋ: ୯୪୩୭ ୬୦୪୨୮୦

## ପୁସ୍ତକ ପରିଚୟ

### ନଈର ଏକୂଳ ସେକୂଳ

ପ୍ରଦ୍ୟୁମ୍ନ ପଟ୍ଟନାୟକ





ପକ୍ଷୀଘର ପ୍ରକାଶନୀ
ମଧୁସୂଦନ ନଗର, ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୫ ଟଙ୍କା

ମଣିଷ ଜୀବନ ବେଶ୍ ବୈଚିତ୍ର୍ୟମୟ। ବହୁ ସଂଘର୍ଷମୟ ଜୀବନର ଚଲାପଥ। ତଥାପି ଜୀବନ ଜୀଇଁବାରେ ଅଛି ଆନନ୍ଦ। ଏମିତି ଜୀବନର କିଛି ସୁଖ, ଦୁଃଖ, ଆନନ୍ଦ, ବିଷାଦ, ପ୍ରେମ, ଆଶା, ନିରାଶାକୁ ନେଇ ଗତିଶୀଳ ହୋଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ନଈର ଏକୂଳ ସେକୂଳ' ପୁସ୍ତକର ଗପଗୁଡ଼ିକ। ଏହି ପୁସ୍ତକରେ ମୋଟ ୧୭ଟି ଭିନ୍ନ ସ୍ୱାଦର ଗଳ୍ପ ସଂକଳିତ ହୋଇଛି। ପ୍ରତିଟି ଗପରେ ଭରି ରହିଛି ଜୀବନମୟତା। ନିରୁପାୟ, ଆଖି, ନିରବ କଳରବ, ବିଡ଼ମ୍ବିତ ମାତୃତ୍ୱ, ମରୀଚିକା, ମଳାନଈ, ସନ୍ତାନ, ଅଫଳନ୍ତି ଗଛ, ସୁଖସ୍ୱପ୍ନ, ଅସତ ଧନ, ମାଷ୍ଟ୍ରାଣୀ, ଗେଷ୍ଟ ହାଉସ୍, ବୟସ, ଲିଭ୍-ଇନ୍ ରିଲେସନ୍, ନଈର ଏକୂଳ ସେକୂଳ ଆଦି ଗପଗୁଡ଼ିକରେ ମାନବୀୟ ଭାବାବେଗ, ପାରିବାରିକ ସମ୍ବନ୍ଧ, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର, ମଣିଷ ଜୀବନର ନାନା ସମସ୍ୟା ଓ ସଂଘର୍ଷ କଥା ବର୍ଣ୍ଣିତ ହୋଇଛି। 'ବିଡ଼ମ୍ବିତ ମାତୃତ୍ୱ' ଏକ ହୃଦୟସ୍ପର୍ଶୀ ଗପ। ଏହି ଗପରେ ମାତୃ ହୃଦୟର ସ୍ପନ୍ଦନକୁ ନିବିଡ଼ ଭାବେ ଅନୁଭବ କରିହୁଏ। ସେହିପରି 'ଅଫଳନ୍ତି ଗଛ' ମଧ୍ୟ ଏକ ମାର୍ମିକ ଗପ। ଏହି ଗପରେ ମଧ୍ୟ ଗାଳ୍ପିକ ମା' ହେବାର ଦୁର୍ବାର ଆକାଂକ୍ଷା ଓ ଚରମ ଆନନ୍ଦକୁ ଚମତ୍କାର ଭାବେ ଗାଳ୍ପିକ ପ୍ରସ୍ଫୁଟିତ କରିଛନ୍ତି। 'ନଈର ଏକୂଳ ସେକୂଳ'ର ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ବୁଲିଥିଲି ଭୁଲି ନାହିଁ

ଗୋପାଳ ଚନ୍ଦ୍ର ମିଶ୍ର




ଶିଳାଶ୍ରୀ ପବ୍ଲିକେଶନ
ଭୀମ ଟାଙ୍ଗୀ, ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

ଅନେକ ଭ୍ରମଣପ୍ରିୟ ବ୍ୟକ୍ତି ଅଛନ୍ତି। ଯେଉଁମାନେ ବିଭିନ୍ନ ଦେଶ ଭ୍ରମଣ କରି ସେଠାକାର ପ୍ରାକୃତିକ ପରିବେଶ, ଦର୍ଶନୀୟ ସ୍ଥାନର ଅପୂର୍ବ ସୌନ୍ଦର୍ଯ୍ୟକୁ ମନ ଭରି ଉପଭୋଗ କରିଥାନ୍ତି। ପରବର୍ତ୍ତୀ ସମୟରେ ସେଇ ଭ୍ରମଣ ଅନୁଭୂତିକୁ ପୁସ୍ତକ ଆକାରରେ ପ୍ରକାଶ କରିଥାନ୍ତି। ଏହି କ୍ରମରେ ପ୍ରକାଶ ପାଇଛି ଗୋପାଳ ଚନ୍ଦ୍ର ମିଶ୍ରଙ୍କ 'ବୁଲିଥିଲି ଭୁଲି ନାହିଁ ଭ୍ରମଣ କାହାଣୀ ପୁସ୍ତକ। ଲେଖକ ଶ୍ରୀଯୁକ୍ତ ମିଶ୍ର ୨୦୧୭ରୁ ୨୦୨୫ ମସିହା ମଧ୍ୟରେ ସିଙ୍ଗାପୁର, ମାଲଏସିଆ, ଭୁଟାନ, ଦୁବାଇ, ଥାଇଲାଣ୍ଡ, ଇଣ୍ଡୋନେସିଆ ଆଦି ବିଭିନ୍ନ ଦେଶ ଭ୍ରମଣ କରି ବେଶ୍ ଆନନ୍ଦ ଅନୁଭବ କରିଛନ୍ତି। ସେଇ ଭ୍ରମଣ ଅନୁଭୂତିକୁ ଅତି ଚମତ୍କାର ଭାବେ ସେ ବର୍ଣ୍ଣନା କରିଛନ୍ତି 'ବୁଲିଥିଲି ଭୁଲି ନାହିଁ' ପୁସ୍ତକରେ। ଲେଖକ ଯେଉଁ ଯେଉଁ ଦେଶ ବୁଲିଛନ୍ତି, ସେଇ ଦେଶଗୁଡ଼ିକର ନିୟମ କାନୁନ, ଖାଦ୍ୟପେୟ, ଚାଲିଚଳଣି, ପରମ୍ପରା, ଦର୍ଶନୀୟ ସ୍ଥାନ, ପ୍ରାକୃତିକ ପରିବେଶ, ଐତିହାସିକ କୀର୍ତ୍ତିରାଜି ଆଦି ସଂପର୍କରେ ଏହି ଭ୍ରମଣ ସ୍ମୃତି ଆଲେଖ୍ୟରେ ପ୍ରକାଶ କରିଛନ୍ତି। ଏହି ପୁସ୍ତକଟି କେବଳ ବିବରଣୀ ନୁହେଁ, ନିଜ ହୃଦୟର ବିପୁଳ ଆବେଗ ଦେଇ ଲେଖକ ବିଦେଶ ଭ୍ରମଣର ସୁଖଦ ଅନୁଭୂତିକୁ ଖୁବ୍ ଚମତ୍କାର ଭାବେ ଲିପିବଦ୍ଧ କରିଛନ୍ତି। ଅନ୍ୟଦେଶର କଳା, ସଂସ୍କୃତି, ପର୍ଯ୍ୟଟନ, ଚାଲିଚଳଣି ସଂପର୍କରେ ଲେଖକ ଅତି ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି। ଓଡ଼ିଆ ଭ୍ରମଣ କାହାଣୀ ସାହିତ୍ୟ ଜଗତରେ 'ବୁଲିଥିଲି ଭୁଲି ନାହିଁ' ପୁସ୍ତକଟି ଏକ ନୂତନ ସଂଯୋଜନ ହୋଇରହିବ ନିଶ୍ଚୟ। ■

# ବାପାଲୋ



ଜୟନ୍ତୀ ରଥ

ପିଣ୍ଡାରେ ଖଟ ଉପରେ
ଶୋଇଥିଲେ ବାପପୁଅ
ତଳେ ଶୋଇଥିଲା ମାଆ
ଅଧରାତିରେ ପୁଅ କହିଲା
ବାପାଲୋ ମୋତେ କ'ଣ ଗୋଟେ
କାମୁଡ଼ି ଦେଲା
ତୁନି ହୋଇ ଶୋଇପଡ଼
ମଶାଗୁଡ଼ା ଭାରି ଉତ୍ପାତିଆ ହେଲେଣି

ବାପା ନିଦ ମଳ ମଳ
ଆଖିରେ ଉଠି
ଚାଦରଟା ଢାଙ୍କି ଦେଲା
ପୁଅ ଦେହରେ

ବଡ଼ି ଭୋଅରୁ
ମାଆ ରାହା ଧରି କାନ୍ଦୁଥିଲା
କୁଆଡ଼େ ଗଲୁରେ
ମୋ ଧନ
ମୁଁ ପୋଡ଼ାମୁହିଁ
ମୋତେ ବି କାଳ ନିଦ ଘାରିଲା
ମୁଁ ନ ମଲି କିଆଁ
ତା' କାନ୍ଦରେ

ବାପର ନିଦ ଭାଙ୍ଗିଲା
ପୁଅର ପ୍ରାଣହୀନ ଦେହ ଉପରେ
ହାତ ବୁଲେଇ
ସେ ଖୋଜୁଥିଲା
କାମୁଡ଼ା ଦାଗ।

ମୁଁ ଜାଣେ
ପୃଥିବୀର ବଡ଼ ବଡ଼ ଦୁଃଖର ତାଲିକାରେ
ଏଇ ଦୁଃଖ ଦେଖା ଯିବନି
ଥରେ ଥରେ
ନିଦ ନ ହେଉଥିବା ରାତିରେ
ମୋତେ ଶୁଣାଯାଏ।
ଗୋଟେ କଅଁଳ କରୁଣ ସ୍ୱର
ବାପାଲୋ...
ମୁଁ ନିରବରେ ଆଖି ବୁଜି ଦିଏ। ■

ଭୁବନେଶ୍ୱର
ମୋ: ୮୮୯୫୬୭୧୭୯୫୬



# ନିଦାରୁଣ ଖରା



ପିନାକୀ ମିଶ୍ର

ଫଟାଭୂଇଁ, ତପ୍ତବସୁଧା
ଝାଞ୍ଜିରେ ଜୀବନ ବେହାଲ,
ଗଛ ଦେଇପାରୁନି ଛାଇସାନ୍ତ୍ୱନା
ଆଖି ତରାଟୁଛି - ଡହକ ଖରାର କୋପ।

ନଈରେ ପାଣିନାହିଁ
ପଶୁପକ୍ଷୀ ଡହଳବିକଳ
ଚୂଆପାଣି କହିବ ନଈର ଗୁମର
ଚାଲିଛି ବାଲିବୁହା, ଗଡୁଛି ବୋତଲ,
କାହିଁ ଜହ୍ନ ଗାଧୁଆ, ସଂଜ କୁଆଁରୀ ଖେଳ?

ନିଦାରୁଣ ନିଆଁତାତି
ଖଟୁଆ ମେହେନତି
ଆହାପଦେ ପାଇବୁନି କାହାଠୁ
ପେଟର କୁହାଟ ଖରାଠୁ ବେଶୀ ନାଟ କରେ।

ମୁହଁପୋତି କୁଆଡ଼େ ଯାଉଛୁ ମାଧବୀ?
ସୁକୋମଳ ତନୁ ଝାଇଁ ମାରିନେବ,
ଘରେ କି ବସିପାରୁନୁ ନୀରବରେ !
ରାସ୍ତାରେ ଯେ' କେହିନାହିଁ
ଖରା ରୋକି ପାରେନି ପ୍ରେମର ମହୁଆଡ଼ାକ।

ମେଘ ବସିଛି
ମାମୁଁଘର ତାଳଗଛ ଡାଳରେ,
କେବେ ଆସିବ କେଜାଣି?


ଉପରବାୟୁ ଟେକୁଛି ଜେଜେଙ୍କୁ
ଆକାଶ ଧୂସର, ମାଟି ମଉନ, ନାହିଁ ପକ୍ଷୀଉଡ଼ାଣ,
ଲୋଭର ନିଆଁ
ମଣିଷକୁ ଅଧା ଜାଳି ସାରିଲାଣି।

ଖରା ଦେଖେ ବିଧବାକପାଳ
ମୁକଦିଅଁଙ୍କ ପଥର ଦେଉଳ
ବନବାସୀର ବଧିଆପିଠି
ଦୁଃଖିନୀମାଆର ଟ୍ରଙ୍କ ସାଇତାଚିଠି,
ସମୁଦ୍ର ଶୁଖି ଯାଏନା
ଛାତି ଫୁଟୁଥାଏ ତତଲାବାଲି ପରି,
ରାତିପାହେ କିନ୍ତୁ ଦୁଃଖଦୋହା ସରେନା। ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ୍ ରୋଡ୍, କେନ୍ଦୁଝର
ମୋ: ୯୪୩୮୧୧୮୩୯୭

ମୁଁ କାହିଁକି ଲେଖେ

# "କବିତା ରଚନାର ପ୍ରେରଣା କାହିଁକି, କେମିତି, କେଉଁଠୁ ଆସେ ଜାଣେନା"



ପ୍ରଦୀପ କୁମାର ପଣ୍ଡା

'ମୁଁ କାହିଁକି କବିତା ଲେଖେ ପ୍ରଶ୍ନର ସରଳତମ ଉତ୍ତର ବୋଧହୁଏ ଏହା ଯେ ସର୍ଜନ ପ୍ରେରଣା ଆସେ ବୋଲି ମୁଁ ଲେଖେ। କିନ୍ତୁ ଏ ଉତ୍ତରର ଜଟିଳତମ ପ୍ରତିପ୍ରଶ୍ନ ହେଉଛି ପ୍ରେରଣା କାହିଁକି ଆସେ, କେଉଁଠୁ ଆସେ ଓ କେମିତି ଆସେ ? ପୁଣି ପ୍ରତିପ୍ରଶ୍ନ ଏହା ବି ହୋଇପାରେ କି ପ୍ରେରଣା ଆପଣାର ଭିତରୁ ଆସେ ନା' ବାହାର ଜଗତରୁ ଆସେ?

ପ୍ରଶ୍ନ ପରେ ପ୍ରଶ୍ନ, ପ୍ରତିପ୍ରଶ୍ନର ପାହାଚ ଥାକଥାକ ଗଢ଼ିହୁଏ ଅପହଞ୍ଚ ଉତ୍ତର ଆଡ଼କୁ। ପ୍ରେରଣା କିନ୍ତୁ ଆସେ, ଜଗତର ପ୍ରତ୍ୟେକ ଚେତନଶୀଳ ପ୍ରାଣୀର ପାଖକୁ। କିଏ ଲେଖେ, କିଏ ଆଙ୍କେ, କିଏ ନିହଣ ଧରି ତୁଚ୍ଛା ଠୁକୁର୍ ଠାକୁର୍ କରୁଥାଏ, କାଳେ ଛାଏଁ ଗଢ଼ି ହୋଇଯିବ ଅଧାଗଢ଼ା ଦିଅଁଟିଏ।

ମୁଁ ଏବେ କରିବି କ'ଣ; ସେ ଅପହଞ୍ଚ ପାହାଚ ଚଢ଼ିବି ନା ପାହାଚ ତଳେ ଅପେକ୍ଷା କରିରହିବି ପ୍ରେରଣାଗୁଡ଼ିକର ଓହ୍ଲାଣ ପାଇଁ?

ଗୋଟିଏ ନଈ ଅଛି, ଅଦୃଶ୍ୟ। ଶୁଖିଲା, କୂଳହୀନ। ଭିଜାଏ ସଭିଙ୍କୁ, ପହଁରାଏ, ଉବୁଟୁବୁ କରେ। ଭସାଇନିଏ।

ଗୋଟିଏ ବଂଶୀ ଅଛି, ସେ ବି ଅଦୃଶ୍ୟ। ତା' ନିଜର ସ୍ୱର ବୋଲି କିଛି ନାହିଁ। ଶୁଖିଲା ପତ୍ରଟିଏ ପଡୁଛି ଯେମିତି ମାଟିରେ ହଲିଝୁଲି କେଉଁ ପ୍ରାଚୀନ କାଳରୁ। ମାତାଲ୍ ବଧିର ଲୋକମାନେ ଧାଉଁଛନ୍ତି ତାକୁ ଶୁଣିବାକୁ।

ଫୁଲଟିଏ ଫୁଟିଛି କାହାର ଆତ୍ମାରେ। ନିସ୍ୱାଖୁଡ଼ା, ମହକହୀନ ଓ ତା' ବି ଅଦୃଶ୍ୟ। କାହିଁ କେତେ ଦୂରରେ, ଲିଭି ଯାଇଥିବା ରଙ୍ଗରେ ଆଲୋକିତ କରୁଛି ପୃଥିବୀକୁ, ପୋଡ଼ିଯାଉଛି ଆଖି।

ଗୋଟିଏ ମାତ୍ର ଧଳାପର ଅଛି ସେ ଡାମରା କାଉର। ସୂର୍ଯ୍ୟକିରଣ ଛୁଇଁ ପାରେନା ତାକୁ, କାରଣ ସେ ଅଦୃଶ୍ୟ। ଝରପାଣିରେ ଗାଧାଏ, କରେ ନାହିଁ କାଳାପ, ଉଡ଼ିଯାଏ। ଜଣେ କେହି ଦେଖିଛି ସେଇ ଧଳା ପରକୁ ଡେଣାହୀନ ତା'ର କଙ୍କାଳରେ। ସେ ଜଣକ ହୁଏତ ଅନ୍ଧ।

ଲେଖା ହୋଇନଥିବା ଏକ କବିତା ଅଛି। ଆଲୋକ ଆଲୋକ ବର୍ଷ ଦୂରରେ, କେଉଁ ଏକ ଅନଭମଣ୍ଡଳରେ ସୂର୍ଯ୍ୟର ଛାଇ ପରି ତା'ର କାରୁ। ପୋଡ଼ି ସାରିଥିବା କୋଇଲା, ଚମଡ଼ାଗନ୍ଧ, ପଲକ ନଥିବା ଆଖି, ଶୂନ୍ୟ ଯୂପରେ ଉଞ୍ଚେଇ ହୋଇଥିବା କୁରାଢ଼ି, ପଥହୀନ ନିକାଞ୍ଚନରେ ଅଭଙ୍ଗା ଏକ ଟିକେଟ ଘର, ଆଗକୁ ଯିବାକୁ। ନିଃଶ୍ୱାସରେ ଯା'ର ଜଳେ ଛାତିର ଭାତି, ରୁଗୁରୁଗୁ, ଅହରହ। ମୋ ଭିତରର ସେ ନଈ, ସେ ବଂଶୀ, ସେ ଫୁଲ, ସେ କାଉ, ସେ ଅଲେଖା କବିତାଟି ହୁଏତ ପ୍ରେରଣା ଯିଏ ମତେ କଲମ ଧରାଇ ଶ୍ରୁତଲିଖନ ଡାକେ କବିତାର।

ନିଜ ଭାଗ୍ୟ ନେଇ ଆସେ କବିତା। ଆସେ ମୋର କପାଳରେ। କବିତା ବଡ଼ ଅହଂକାରୀ। କାହାରି ବିବେଚନା, କାହାରି ଶୃଂଖଳ, ଫିଟା ଅର୍ଗଳ, ପରସ୍ପର ଠେଲାପେଲା ହୋଇ ଅଣନିଶ୍ୱାସୀ ଧାଉଁଥିବା ଲୋକମାନଙ୍କର ଛାଟକାଟ ଚିରାୟତ ବାଟକୁ ଆଡ଼ ଆଖିରେ ସେ ଅନାଏନା।

ନିଜ ଅହଂକାରର କୋଦାଳରେ ନିଜ ଶରୀରକୁ ସେ ଖୋଦେ, ରକ୍ତ ଉପୁଜାଏ ଓ ନିଜର ଶୋଷ ମେଣ୍ଟାଏ। କବିତା ଏକାନ୍ତ ଆତ୍ମପ୍ରବଣ, ନିଜ ସୌନ୍ଦର୍ଯ୍ୟରେ ଉଲ୍ଲସିତ ନାର୍ସିସସ୍। ଇତିହାସ ପ୍ରତି ତା'ର ଯେତିକି ଆବେଗ, ସଂପ୍ରତି ପ୍ରତି ସେ ସେତିକି ବାବଦୂକ। ସେ ଯେତେବେଳେ ଆସେ ମୁଁ ସ୍ୱଇଚ୍ଛାରେ ତୋଳିବସେ ଏକ ନିଆଁର ନୀଡ଼, ଲାଗେ ପୃଥିବୀ ବ୍ରହ୍ମାଣ୍ଡ ମୃତ୍ୟୁ ଜନ୍ମ ସ୍ମୃତି ଇତିହାସ ଶୂନ୍ୟ ଶୂନ୍ୟ ନିରବ ନିରବ କଳା ଗର୍ତ୍ତ ସମୂହର ରହସ୍ୟ ଫେଇବାରେ ମୁଁ ମଗ୍ନ ଅଛି, ମୁଁ ଅନୁପସ୍ଥିତ ଅଛି। ମୋର ଭୋକ ପସରାଏ ତା'ର କୋଳ ମତେ ଗେଲ କରେ, ତା'ର ବୋକ ଖାଇ ଖାଇ ପୂରିଯାଏ ମୋର ଉଦର। କେହି ମୋତେ ବିଶ୍ୱାସ କର ବା ନକର ଅଥବା କର ମତେ ଈର୍ଷା, ମୋର ନିଜ ଘରପୋଡ଼ିର ନିଆଁ ପୋଉଁ ପୋଉଁ କେତେ କେତେ କବିତାର ବୀଜ ମୁଁ ଅଂକୁରାଇଛି। ମୁଁ ଭାବିଛି, ମୁଁ ଯାହାକୁ ଛୁଉଁଛି ସେ ପାଆଁଳି ଯାଉଛି। ସେ ମରଣ ଜ୍ୱାଳାରେ ଛଟପଟ ଜୀବନ ଜିଉଁଛି। ଚାହିଁ ଦେଲେ ରକ୍ତ ଅଥବା ବରଫ ପାଲଟି ଯାଉଛି ସୂର୍ଯ୍ୟ, ବୋକା ବୋକା ତାରା ଓ ଏକୋଇର ବେହିଆ ଜହ୍ନକୁ ପୂରାଇ ଅଣ୍ଟିରେ ମୁଁ ସ୍ୱପ୍ନ ଦେଖୁଛି। ମତେ ଲାଗେ, ଏଇ ନିକଟରେ, ନିପଟ ସଇତାନ ବସ୍ତିରେ ମୋର ଘର ଓ ମୋର କହିବାକୁ ଇଚ୍ଛାହୁଏ ଦୂର୍ ହଟ ଦୂର୍ ହଟ ଇନ୍ଦ୍ରୀହୀନ ଈଶ୍ୱର, ହଟିଯାଅ କାମାସକ୍ତ ଦେବତାମାନେ, ଭାଗ ପଳାଅ ସୁରମ୍ୟା ଦେବୀମାନେ, ମୁଁ ଏବେ ହୁଏତ କେଉଁ କୁତ୍ସିତ ଅସୁରୁଣୀ ସହ ମୈଥୁନରେ ମତ୍ତ ଅଛି।

ସତ କହୁଛି କବିତା ବା କବିତାର ସେ ପ୍ରେରଣା କାହିଁକି ଆସେ, କେମିତି ଆସେ, କେଉଁଠୁ ଆସେ ମୁଁ ଜାଣେନା। କିନ୍ତୁ ଯେତେବେଳେ ଆସେ, ଶୁଖିଲା ଭୂଇଁରେ, ଧୁ ଧୁ ଖରାରେ ମୁଣ୍ଡ ଟେକି ଠିଆ ହୋଇଥିବା ପୋଢ଼ର ପିଠିରେ ବଗଟିଏ ପରି ଗ୍ରୀବା ଟେକି ଆକାଶ ଓ ତା' ପରର ଆକାଶ ଗଣିବାର ସ୍ପର୍ଦ୍ଧାରେ ମୁଁ ହାଁ ଠିଆ ହୋଇଥାଏ। ■

ବୃନ୍ଦାବନ ବିହାର, ସରଳା
ପୋ. ଧନକଉଡ଼ା
ସମ୍ବଲପୁର-୭୬୮୦୦୬
ମୋ: ୯୪୩୭୧୪୮୭୦୯

## ୮ ମୃତକଙ୍କ ନାଁରେ ଭତ୍ତା କେଳେଙ୍କାରୀ ଘଟଣା

# ସଂଗ୍ରାମପୁର ପଞ୍ଚାୟତର ୩ ଅଧିକାରୀ ନିଲମ୍ବିତ

ବାଲିକୁଦା,୬।୬(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତର ୮ ମୃତକଙ୍କ ନାମରେ ଭତ୍ତା କେଳେଙ୍କାରୀ ଘଟଣାରେ ୩ ଜଣ ଅଧିକାରୀଙ୍କୁ ଜିଲ୍ଲାପାଳ ନିଲମ୍ବିତ କରିଛନ୍ତି। ସରକାରୀ କର୍ତ୍ତବ୍ୟ ନିର୍ବାହରେ ଅବହେଳା ଏବଂ ସରକାରୀ ପାଣ୍ଠିର ଅପବ୍ୟବହାର ଅଭିଯୋଗରେ ସେମାନଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ବାଲିକୁଦା ବ୍ଲକ ସଂଗ୍ରାମପୁର ଗ୍ରାମପଞ୍ଚାୟତର ଏଡିଇଓ ପାରମିତା ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସର୍ବେଶ୍ୱର ଦାସ ଏବଂ ପୂର୍ବତନ ଜିଆର୍‌ଏସ୍ ସୁମନା ରାଉତ। ସୁମନ ବର୍ତ୍ତମାନ ଜଗତସିଂହପୁର ବ୍ଲକରେ ଶାଳିଜଙ୍ଗା ପଞ୍ଚାୟତରେ ଏଡିଇଓ ଭାବେ କାର୍ଯ୍ୟକରୁଛନ୍ତି। ଏହି ନିଲମ୍ବନ ସମୟରେ ପାରମିତା ଓ ସର୍ବେଶ୍ୱର ବାଲିକୁଦା ବିଡିଓ ଓ ସୁମନ ଜଗତସିଂହପୁର ବିଡିଓଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି। ସୂଚନା ଅନୁଯାୟୀ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତରେ ୮ ଜଣ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠିଥିଲା। ଏହି ଟଙ୍କାକୁ ସ୍ଥାନୀୟ, ପିଇଓ ଓ ଏଡିଇଓଙ୍କ ସହ ମିଶି ଜନପ୍ରତିନିଧି ମିଳିମିଶି ହଡ଼ପ କରିଥିବା ସାମାଜିକ ସୁରକ୍ଷା ସମୀକ୍ଷା ଟିମ୍ ତଦନ୍ତରୁ ଜଣାପଡିଥିଲା। ଏଭଳି ସାଂଘାତିକ ତଥ୍ୟ ଅଡିଟ ବେଳେ ଧରାପଡ଼ିବା ପରେ ମୃତକ ବ୍ୟକ୍ତିଙ୍କ ପରିବାର ଥାନାରେ ମଧ ଏନେଇ ଅଭିଯୋଗ କରିଥିଲେ। ପଞ୍ଚାୟତର ମୋଟ ମଧୁବାବୁ ପେନସନ ଯୋଜନାରେ ୮୦୫ ଜଣ ହିତାଧିକାରୀ ଉପକୃତ ହେଉଥିବା ବେଳେ, ଜାତୀୟ ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୨୬୮ ଜଣ ହିତାଧିକାରୀ ଉପକୃତ ହେଉଛନ୍ତି। ସେଥିମଧ୍ୟରୁ ଆଠ ଜଣ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଦିଆଯାଉଥିଲା। ସେମାନେ ହେଲେ କୁମ୍ଭାରୀର ବେଙ୍ଗ ଦେଇ, ଆଙ୍କୋର ପୂର୍ଣ୍ଣିମା ଦାସ, ବୁଦ୍ଧିସାହିର ରାଧେଶ୍ୟାମ ସ୍ୱାଇଁ, ଶାଳିଜଙ୍ଗା ଡିହସାହିର ମୁରଲୀଧର ଭୋଇ, ଆଙ୍କୋର ରବି ଦାସ, ଆଙ୍କୋର ବଳରାମ ଦାସ, ଆଙ୍କୋର ଫକୀରମୋହନ ପରିଡ଼ା, କୁମ୍ଭାରୀର ବାବାଜି ସାହୁ। ପ୍ରାୟ ତିନିବର୍ଷ କାଳ ଏମାନଙ୍କ ନାମରେ ଉତ୍ତା ଉଠା ଯାଇ ହରିଲୁଟ କରାଯାଇଛି। ଏହି ଭତ୍ତା କେଳେଙ୍କାରୀ ଘଟଣା ଜଣାପଡ଼ିବା ପରେ ବ୍ଲକ କାର୍ଯ୍ୟାଳୟ ଏହାକୁ ଗୁରୁତ୍ୱ ସହ ନେଇ ପୂର୍ବତନ ବିଡିଓ ସାଗର କୁମାର ନନ୍ଦ ଏକ ୪ ଜଣିଆ କମିଟି ଗଠନ କରି ଏହାର ତଦନ୍ତ ଆରମ୍ଭ କରିଥିଲେ। ପରେ ଉପଜିଲ୍ଲାପାଳ ଏକ ୩ ଜଣିଆ ଟିମ୍ ଗଠନ କରି ଏହାର ତଦନ୍ତ କରିବା ସହ ୩ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ନେଇ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଫଳରେ ଉଭୟ ଟିମର ରିପୋର୍ଟକୁ ଆଧାର କରି ଜିଲ୍ଲାପାଳ ଏହି ୩ ଜଣ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବିଡିଓ ବିଦ୍ୟାଧର ଦଣ୍ଡପାଟ ସୂଚନା ଦେଇଛନ୍ତି।

# ଛାତ୍ରଛାତ୍ରୀଙ୍କ ପ୍ରଯୁକ୍ତିବିଦ୍ୟା ଦକ୍ଷତା ବୃଦ୍ଧି କରିବ ମାଇଁ ଭାରତ ପୋର୍ଟାଲ

ଭୁବନେଶ୍ୱର, ୬।୬ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିବିଦ୍ୟା ସହ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଗୋଟିଏ ପ୍ଲାଟଫର୍ମରେ ଏକତ୍ର କରାଯିବ। ଏଥିପାଇଁ ମାଇଁ ଭାରତ (ମେରା ଯୁବ ଭାରତ) ପୋର୍ଟାଲରେ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକରଣ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ମିଶନ ମୋଡ୍‌ରେ ଅଭିଯାନ ଚଳାଇବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ଡିଗ୍ରୀ କଲେଜ ଏବଂ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପ୍ରତିଷ୍ଠିତ ଏହି ପ୍ରଯୁକ୍ତିଭିତ୍ତିକ ଜାତୀୟ ପ୍ଲାଟଫର୍ମରେ ଯୁବପିଢ଼ିଙ୍କୁ ଯୋଡ଼ାଯିବ। ନିଜର କୌଶଳ ବିକାଶ ସହ ଦେଶର ବିକାଶମୂଳକ କାର୍ଯ୍ୟରେ ସିଧାସଳଖ ଭାବେ ଭାଗ ନେଇପାରିବେ। ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ 'ମାଇ ଭାରତ ପୋର୍ଟାଲ'ରେ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପଞ୍ଜୀକୃତ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ, ପଞ୍ଜୀକରଣ ଶିବିର, କର୍ମଶାଳା ଓ ସାମାଜିକ ଗଣମାଧ୍ୟମ ଅଭିଯାନ ଆୟୋଜନ କରାଯିବ। ବିଶେଷକରି ଏନ୍‌ଏସ୍‌ଏସ୍, ଏନ୍‌ସିସି, ୟୁଥ ରେଡକ୍ରସ୍, ରୋଭର୍ସ ଓ ରେଞ୍ଜର୍ସ ସମେତ ବିଭିନ୍ନ ଛାତ୍ର ସଂଗଠନର ସଦସ୍ୟଙ୍କ ନାମ ପଞ୍ଜୀକରଣକୁ ଗୁରୁତ୍ୱ ଦିଆଯିବ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଜଣେ ନୋଡାଲ ଅଫିସର୍ ନିଯୁକ୍ତ କରି ପ୍ରଗତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଅବଶିଷ୍ଟାଂଶ

### କ୍ରିକେଟ ଜଗତର...

କରିଥିଲେ। ଯେଉଁଥିରେ ସେ ଗୋଟିଏ ବିଧ୍ୱଂସୀ ଶତକୀୟ ପାଳି ଓ ୫ଟି ଅର୍ଦ୍ଧଶତକ ମାରିଥିଲେ। ସେହିଭଳି ୭୨ଟି ଛକା ମାରି ଆଇପିଏଲ୍ ଇତିହାସର ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହି ପ୍ରଦର୍ଶନ ବଳରେ ସେ ଭାରତୀୟ ସିନିଅର ଦଳରେ ସ୍ଥାନ ପାଇବା ଲାଗି ଦୃଢ଼ ଦାବିଦାର ଥିଲେ। ଏବେ ସିନିଅର ଦଳରେ ସ୍ଥାନ ପାଇବା ଫଳରେ କ୍ରିକେଟ୍ ଜଗତର ଏହି ବିସ୍ମୟ ବାଳକଙ୍କ ଖେଳ ଅନ୍ତର୍ଜାତୀୟସ୍ତରରେ ଦେଖିବାକୁ ମିଳିବ। ଆଇପିଏଲ୍‌ର ପ୍ରଦର୍ଶନକୁ ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଦୋହରାଇବାରେ କେତେ ସଫଳ ହେବେ ଏହା ଉପରେ କ୍ରିକେଟ୍‌ପ୍ରେମୀଙ୍କ ନଜର ରହିଛି।

ଅପରପକ୍ଷରେ ଭାରତୀୟ ସିନିଅର ପୁରୁଷ ଦଳରେ ପଦାର୍ପଣ କରିବାରେ ବୈଭବ ଏବେ ସର୍ବକନିଷ୍ଠ ଖେଳାଳି ହେବାକୁ ଯାଉଛନ୍ତି। ୧୯୮୯ରେ ସଚିନ ତେନ୍ଦୁଲକର ଯେତେବେଳେ ପାକିସ୍ତାନ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ ସେତେବେଳେ ତାଙ୍କୁ ୧୬ ବର୍ଷ ୨୦୫ ଦିନ ହୋଇଥିଲା। ଯଦି ବୈଭବ ଆୟର୍ଲାଣ୍ଡ, ଇଂଲଣ୍ଡ କିମ୍ବା ଏସୀୟ କ୍ରୀଡାରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଆନ୍ତି, ତେବେ ସଚିନଙ୍କ ୩୭ ବର୍ଷ ତଳର ରେକର୍ଡ ଭାଙ୍ଗି ଅନ୍ତର୍ଜାତୀୟ ପଦାର୍ପଣ କରିବାରେ ସେ ଭାରତର ସର୍ବକନିଷ୍ଠ ପୁରୁଷ କ୍ରିକେଟର୍ ହେବେ।

### ପ୍ରଶାନ୍ତ ମହାସାଗରରେ...

ଥରେ ଆମେରିକା ଆଡ଼କୁ ମାଡ଼ିଚାଲେ। ଏହି ତାପମାତ୍ରା ବୃଦ୍ଧି ପୃଥିବୀର ପାଣିପାଗ ଏବଂ ବର୍ଷା ଚକ୍ରକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଥାଏ। ଭାରତ ପାଇଁ ଏଲ୍ ନିନୋର ଆଗମନ କେବେ ହେଲେ ଶୁଭ ସଙ୍କେତ ଆଣି ନ ଥାଏ। ଅତୀତର ଇତିହାସ ଦେଖିଲେ ଜଣାପଡ଼ ଯେ, ଯେତେବେଳେ ବି ଏହି ପ୍ରକ୍ରିୟା ସକ୍ରିୟ ହୋଇଛି, ସେତେବେଳେ ଭାରତରେ ମରୁଡ଼ି ସଦୃଶ ସ୍ଥିତି ଉପୁଜିଛି।

ଚଳିତ ବର୍ଷ ମୌସୁମୀ ବାୟୁ କେରଳ ଉପକୂଳକୁ ଛୁଇଁବାରେ ଚାରି ଦିନ ବିଳମ୍ବ କରିଛି। ଜୁନ୍ ୧ ବଦଳରେ ଏହା ଜୁନ୍ ୪ ରେ କେରଳରେ ପହଞ୍ଚିଛି। ପାଣିପାଗ ବିଜ୍ଞାନୀମାନଙ୍କ ଅନୁସାରେ, ପ୍ରଶାନ୍ତ ମହାସାଗରର କେନ୍ଦ୍ରୀୟ ଅଞ୍ଚଳରେ ତାପମାତ୍ରା ଶୂନ ଦଶମିକ ପାଞ୍ଚ ଡିଗ୍ରୀ ସେଲସିୟସରୁ ଅଧିକ ବୃଦ୍ଧି ପାଇଛି, ଯାହା ବିପଦର ସଙ୍କେତ ଅଟେ। ଭାରତୀୟ ପାଣିପାଗ ବିଭାଗ ମଧ୍ୟ ପୂର୍ବାନୁମାନ କରିଛି ଯେ ଚଳିତ ବର୍ଷ ସ୍ୱାଭାବିକାରୁ କମ୍ ବର୍ଷା ହେବ। ଦୀର୍ଘକାଳୀନ ହାରାହାରି ବର୍ଷାର ମାତ୍ର ପ୍ରାୟ ନବେ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ଏଲ୍ ନିନୋ ପ୍ରଭାବରେ କେବଳ ଭାରତ ନୁହେଁ, ବରଂ ସାରା ବିଶ୍ୱର ପାଣିପାଗ ପ୍ରଭାବିତ ହେବ। ଏହା ଦ୍ୱାରା କେତେକ ସ୍ଥାନରେ ପ୍ରବଳ ବନ୍ୟା ହେଉଥିବା ବେଳେ ଭାରତ ଭଳି କୃଷିପ୍ରଧାନ ଦେଶରେ ସ୍ୱଳ୍ପ ବୃଷ୍ଟିପାତର ଆଶଙ୍କା ରହିଛି। ବର୍ତ୍ତମାନ ପରିସ୍ଥିତିରେ ପାଣିପାଗ ସଂସ୍ଥା ଏବଂ ସରକାରୀ ବିପର୍ଯ୍ୟୟ ପରିଚାଳନା ବିଭାଗ ଗୁଡ଼ିକ ଏହି ବଦଳୁଥିବା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି, ଯେପରି ଆଗାମୀ ଦିନରେ ଜଳ ସଙ୍କଟ ଏବଂ ଚାଷ କାର୍ଯ୍ୟ ପାଇଁ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରାଯାଇପାରିବ।

### ରଜରେ ଭିଜିବ...

ଅପରପକ୍ଷେ ଗତ କିଛିଦିନ ହେବ ପ୍ରଚଣ୍ଡ ତାତିରେ ରାଜଧାନୀ ଭୁବନେଶ୍ୱରବାସୀ ସନ୍ତୁଳି ହେଉଥିବା ବେଳେ ଶନିବାର ସେଥିରୁ ବଡ଼ ଆଶ୍ୱସ୍ତି ମିଳିଛି। ଅପରାହ୍ନରେ ରାଜଧାନୀରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ସହ ପ୍ରବଳ ବର୍ଷା ହୋଇଥିବା ବେଳେ ତାପମାତ୍ରାରେ ମଧ୍ୟ ଅଚାନକ ବଡ଼ ହ୍ରାସ ଦେଖିବାକୁ ମିଳିଥିଲା। ପବନ, ବର୍ଷା ସହ କୁଆପଥର ମାଡ଼ କାରଣରୁ ପାଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଥିବା ବେଳେ ତାତି ୪୦.୭ ଡିଗ୍ରୀରୁ ପ୍ରାୟ ୧୪ ଡିଗ୍ରୀ କମି ୨୬ଡିଗ୍ରୀକୁ ଖସି ଆସିଥିଲା। କାଳବୈଶାଖୀ ପ୍ରଭାବରୁ ରାଜଧାନୀର ତାପ ସୂଚକାଙ୍କ ୨୨ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇଥିବା ନେଇ ପାଣିପାଗ ବିଭାଗର ବରିଷ୍ଠ ବିଜ୍ଞାନୀ ଡ. ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ଆସନ୍ତା ୧୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିବ। ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ କାଳବୈଶାଖୀ ସମ୍ଭାବନା ରହିଛି। ଉପରୋକ୍ତ ୨୪ ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ବର୍ଷା ହେବାର ସମ୍ଭାବନା ଥିବାବେଳେ ଏଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଘାରିଲା ଅର୍ଥନୀତି...

ଲାଗିଛି। ଦେଶରେ ପେଟ୍ରୋଲ ଓ ଡିଜେଲ ଦାମ ଲିଟର ପିଛା ୮ରୁ ୯ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବା ପରେ ପରିବହନ ଭଡ଼ା ବୃଦ୍ଧି ସାଙ୍ଗକୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ହେବାରେ ଲାଗିଛି। ଏହା ଉପରେ ଏବେ ଠାରୁ ଲଗାମ ନଲଗାଇଲେ ଆଗକୁ ଦରଦାମ ସ୍ଥିତି ବିସ୍ଫୋରକ ହୋଇପଡ଼ିବ ବୋଲି ଅର୍ଥନୀତିଜ୍ଞମାନେ ସତର୍କ କରାଇଛନ୍ତି। ଏହାସହିତ ମୌସୁମୀକୁ ନେଇ ଆତଙ୍କିତ କଲା ଭଳି ଖବର ଆସୁଛି। ଏଲ ନିନୋ ଯୋଗୁଁ ଏଥର ମୌସୁମୀ ଦୁର୍ବଳ ହେବ ଏବଂ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇପାରେ। ଏହା ପୂରା କୃଷି ଶିଳ୍ପକୁ ବରବାଦ କରିଦେବାର ଆଶଙ୍କା ରହିଛି।

ସମଗ୍ର ଘଟଣା ଏବେ କେନ୍ଦ୍ର ସରକାରଙ୍କ ହୋସ୍ ଉଡ଼ାଇଦେଲାଣି। ଏଭଳି ପରିସ୍ଥିତିରୁ ଭାରତୀୟ ଅର୍ଥନୀତିକୁ କିପରି ସୁରକ୍ଷା ମିଳିପାରିବ ସେସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ଅର୍ଥନୀତି ପରାମର୍ଶଦାତା ପରିଷଦ (ପିଏମ୍-ଇଏସି) ସଦସ୍ୟମାନଙ୍କ ସହିତ ବୈଠକ ଡାକି ଆଲୋଚନା କରିଛନ୍ତି। ବୈଠକରେ ଅନେକ ନୂତନ ଚିନ୍ତାଧାରା ଏବଂ ପଦକ୍ଷେପ ଉପରେ ଖୋଲାଖୋଲି ଭାବରେ ଆଲୋଚନା କରାଯାଇଛି। ବୈଠକରେ ସାଧାରଣ ଲୋକଙ୍କ ଜୀବନକୁ ସହଜ କରିବା ଏବଂ ବ୍ୟବସାୟ ନିୟମକୁ ସରଳ କରିବା ପାଇଁ ପ୍ରମୁଖ ସଂସ୍କାର ଉପରେ ଆଲୋଚନା କରାଯାଇଥିଲା। ଅର୍ଥନୀତି ପରାମର୍ଶଦାତା ପରିଷଦର ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ଭାରତ ଏବଂ ବିଶ୍ୱ ଉପରେ ପଡୁଥିବା ପ୍ରଭାବର ଏକ ମୂଲ୍ୟାଙ୍କନ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ, ନୀତି ଆୟୋଗ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) କୁ ଏକ ସ୍ୱତନ୍ତ୍ର ପ୍ରଭାବ ମୂଲ୍ୟାଙ୍କନ ରିପୋର୍ଟମଧ୍ୟ ଦାଖଲ କରିଛି। ଏହି ରିପୋର୍ଟରେ ପଶ୍ଚିମ ଏସିଆରେ ଏହି ସଙ୍କଟ ଦୀର୍ଘକାଳୀନ ହେଲେ ଆମର ବାଣିଜ୍ୟ, କ୍ଷୁଦ୍ର ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ), କୃଷି ଏବଂ ବୃହତ ଶିଳ୍ପ କ୍ଷେତ୍ର ଉପରେ କି ପ୍ରଭାବ ପକାଇବ ତାହା ବର୍ଣ୍ଣନା କରାଯାଇଛି।

ସୂଚନାଯୋଗ୍ୟ ଯେ ଅର୍ଥନୀତିର ଗୁରୁତର ସ୍ଥିତି ଅନୁଭବ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରା ନୀତି କମିଟି ବୈଠକରେ ନୀତି ରେପୋ ହାରକୁ ୫.୨୫%ରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ଏହାସହିତ କମିଟି ଏହା ମଧ୍ୟ ସତର୍କ କରାଇ ଦେଇଛି ଯେ ଭବିଷ୍ୟତ ନିଷ୍ପତ୍ତି ଆଗାମୀ ଘଟଣା ଉପରେ ନିର୍ଭର କରିବ।

### ଯନ୍ତ୍ରୀଙ୍କ ଲକର୍‌ରେ...

ବୈକୁଣ୍ଠଙ୍କ ଏତେ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ଜଳକା ହୋଇଯାଇଛନ୍ତି। ଲକର୍‌ରୁ ବାହାରିଥିବା ଟଙ୍କାକୁ ଗଣିବାରେ ସେମାନେ ଫେଲ୍ ମାରିବା ପରେ ଟଙ୍କାଗଣା ମେସିନ୍‌ର ବ୍ୟବହାର କରାଯାଇଛି। ଖବର ଲେଖା ହେବା ସୁଦ୍ଧା, ଭିଜିଲାନ୍ସ ବୈକୁଣ୍ଠଙ୍କ ସମସ୍ତ ସମ୍ପତ୍ତିର ଆକଳନ କରିନାହିଁ। ତେବେ ବର୍ତ୍ତମାନ ସୁଦ୍ଧା ମିଳିଥିବା ସମ୍ପତ୍ତିର ପରିମାଣ ୨୦କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

ଚଢ଼ଉ ହୋଇଥିବା ୯ ଠିକଣା ମଧ୍ୟରେ ରହିଛି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନୀଳାଦ୍ରି ବିହାରଠାରେ ଏକ ବିଳାସପୂର୍ଣ୍ଣ ଚାରି ମହଲା କୋଠା, ଶୈଳଶ୍ରୀ ବିହାରର କୈଳାସବିହାରସ୍ଥିତ ଏକ ବୃହତ୍ ତିନି ମହଲା ବାସଭବନ, ପଟିଆ କାନନ ବିହାରରେ ବୈଦ୍ୟନାଥ ମେମୋରିଆଲ୍ ହସ୍ପିଟାଲ ନିକଟରେ ଥିବା ଏକ ଦୁଇ ମହଲା କୋଠା, ଚନ୍ଦ୍ରଶେଖରପୁରରେ ଏକ ଦୁଇ ମହଲା ବାସଭବନ ରହିଛି। ସେହିପରି ଯାଜପୁର ଜିଲ୍ଲା ଧର୍ମଶାଳା କଲେଜ ନିକଟ ପାଣ୍ଡୁଆରେ ନିଜ ପୈତୃକ ଜମିରେ ଦୁଇ ମହଲା କୋଠା, ମୟୂରଭଞ୍ଜ ଜିଲ୍ଲା ବାରିପଦା ଟାଉନ୍ ଦେଉଳ ସାହି ଏବଂ ଯାଜପୁର ପାଣ୍ଡୁଆ ଠାରେ ତାଙ୍କର ଦୁଇ ଜଣ ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢ଼ଉ ଜାରି ରହିଛି। ସେହିପରି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଇଟିଡିଏ ଅଫିସ୍‌ରେ ଥିବା ବେହେରାଙ୍କ ନିଜସ୍ୱ କାର୍ଯ୍ୟାଳୟ କକ୍ଷ ଏବଂ ନିକଟରେ ଥିବା ତାଙ୍କ ସରକାରୀ ଆବାସରେ ଭିଜିଲାନ୍ସ ଟିମ୍ ତନ୍ନତନ୍ନ କରି ଯାଞ୍ଚ କରିଥିଲେ।

ଉଲ୍ଲେଖଯୋଗ୍ୟ, ୧୯୯୯ ମସିହାରେ ବୈକୁଣ୍ଠନାଥ ଜଣେ କନିଷ୍ଠ ଯନ୍ତ୍ରୀ ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସେତେବେଳେ ତାଙ୍କର ଦରମା ମାତ୍ର ୬ ହଜାରେ ଟଙ୍କା ଥିଲା। ପରବର୍ତ୍ତୀ ସମୟରେ ଜେଇ ଭାବେ ଉଦଳା, କୁସୁମଗୁଡ଼ା ବ୍ଲକ୍, ଦେବୁଗାଁ ବ୍ଲକରେ କାମ କରିଥିଲେ। ପରେ ପୁଣି ପଦୋନ୍ନତି ପାଇଁ ଏଇ ଏବଂ ଏଇଇ ଭାବେ ବାଲିଗୁଡାରେ କାର୍ଯ୍ୟ କରୁଥିଲେ। ତେବେ ମାତ୍ର ୨୬ ବର୍ଷ ଚାକିରିକାଳ ମଧ୍ୟରେ କୋଟିକୋଟି ସମ୍ପତ୍ତି ଠୁଳ କରି ଭୁବନେଶ୍ୱର ଏବଂ ଯାଜପୁରରେ ନିବେଶ କରିଛନ୍ତି। ଯେଉଁଠିକି ବଦଳି ହୋଇ ଯାଇଛନ୍ତି, ସେଠାରେ ସେ ମୁକ୍ତହସ୍ତରେ ପକେଟରେ ପୂରାଇଛନ୍ତି ବୋଲି ଅଭିଯୋଗ ହୋଇଛି।

### ଦିଲ୍ଲୀରେ ଗର୍ଜିଲା...

ବିମାନବନ୍ଦରରୁ ବାହାରିବା ସମୟରେ ଅଭିଜିତ୍‌ଙ୍କ ହାତରେ ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଆତ୍ମଜୀବନୀ ବହି ଦେଖିବାକୁ ମିଳିଥିଲା। ଏହି ବିକ୍ଷୋଭ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ କଡ଼ାକଡ଼ି କରାଯାଇଥିଲା। କେନ୍ଦ୍ରୀୟ ଦିଲ୍ଲୀର ଆ।।ନ୍ଦୋଳନ ସ୍ଥଳ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ଦୁଇ ହଜାରରୁ ଅଧିକ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ଆନ୍ଦୋଳନ ସ୍ଥଳରେ ସଂଗଠନ ପକ୍ଷରୁ ବଣ୍ଟାଯାଇଥିବା ଏକ ପତ୍ରିକା (ଲିଫ୍‌ଲେଟ୍) ମାଧ୍ୟମରେ ସରକାରଙ୍କ ଉତ୍ତରଦାୟିତ୍ୱ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ନ୍ୟାୟ ଦାବି କରାଯାଇଛି। ସେମାନଙ୍କ କହିବା ଅନୁଯାୟୀ, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ସେମାନେ ଆରମ୍ଭ କରିଥିବା ଅନଲାଇନ୍ ଅଭିଯାନରେ ଏପର୍ଯ୍ୟନ୍ତ ପ୍ରାୟ ଆଠ ଲକ୍ଷରୁ ଅଧିକ ଲୋକ ସ୍ୱାକ୍ଷର କରି ନିଜର ସମର୍ଥନ ଜଣାଇଛନ୍ତି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ପ୍ରସିଦ୍ଧ ଶିକ୍ଷାବିତ୍ ତଥା ପରିବେଶ ପ୍ରେମୀ ସୋନମ୍ ୱାଙ୍ଗଚୁକ୍ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ସଭା ଚାଲିଥିବା ବେଳେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଗତ ମେ ୧୫ ତାରିଖରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କୋର୍ଟରେ ଶୁଣାଣି ବେଳେ ବେକାର ଯୁବକମାନଙ୍କୁ ଉଦ୍ଦେଶ୍ୟ କରି 'ଅସରପା' ଏବଂ 'ପରଜୀବୀ' ବୋଲି ଏକ ମୌଖିକ ଟିପ୍ପଣୀ ଦେଇଥିଲେ। ଏହି ବୟାନର ପ୍ରତିବାଦରେ ମେ ୧୬ ତାରିଖରେ ଅଭିଜିତ୍ ଦୀପକେ ସାମାଜିକ ଗଣମାଧ୍ୟମରେ ଏକ ବ୍ୟଙ୍ଗାତ୍ମକ ସଂଗଠନ ଭାବେ 'କକ୍ରୋଚ୍ ଜନତା ପାର୍ଟି'ର ଗଠନ କରିଥିଲେ। ମାତ୍ର କେଇ ଘଣ୍ଟା ମଧ୍ୟରେ ଏଥିରେ ଲକ୍ଷ ଲକ୍ଷ ଲୋକ ସାମିଲ ହୋଇଥିଲେ। ଏବେ ଏହା ଏକ ବଡ଼ ଜନ ଆନ୍ଦୋଳନର ରୂପ ନେଇଛି।

### ସିବିଆଇ ପଞ୍ଝାରୁ...

ବିଟୁଙ୍କୁ ନିୟୋଜିତ କରିଥିଲେ। ମାସସାରା ଯେତେ ବଟି ଆଦାୟ ହେଉଥିଲା, ସେଥିରୁ ଅଧା ଟଙ୍କାକୁ ଆରପିଏଫ୍ ଇନ୍ସପେକ୍ଟର୍ ସମାଦାରଙ୍କୁ ଦେଇ ଅବଶିଷ୍ଟ ଟଙ୍କାକୁ ନିଜ ମଧ୍ୟରେ ବାଣ୍ଟି ନେଉଥିଲେ। ଯେଉଁ ଭେଣ୍ଡର ବଟି ନଦେଲା, ତାକୁ ଆରପିଏଫ ପକ୍ଷରୁ ବିଭିନ୍ନ ଆଳ ଦେଖାଇ ହଇରାଣ ହରକତ କରାଯାଉଥିଲା। ଏଥିରେ ଅତିଷ୍ଠ ହୋଇ ଭେଣ୍ଡର୍‌ମାନେ ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ଏହି ଅଭିଯୋଗ ହେବା ପରେ ସିବିଆଇର ୩ଟି ସ୍ୱତନ୍ତ୍ର ଦଳ ରାଉରକେଲାରେ ପହଞ୍ଚି ଦଲାଲ ଶୁକ୍ରବାର ରାତିରେ ପ୍ରଥମେ ଦଲାଲ ଅଜୟ ମିଶ୍ରଙ୍କୁ ଗିରଫ କରିଥିଲା। ପରେ ଅଜୟଙ୍କ ଜରିଆରେ ଇନ୍ସପେକ୍ଟର୍ କମଲେଶଙ୍କୁ ଦାଦାବଟି ଟଙ୍କା ପ୍ରଦାନ କରି ଘଟଣାସ୍ଥଳରୁ ଧରିବା ପାଇଁ ସିବିଆଇ ଯୋଜନା କରିଥିଲା। ତଦନୁଯାୟୀ ଦଲାଲ ଅଜୟ ମିଶ୍ରଙ୍କୁ ଟଙ୍କା ସହ ସିବିଆଇ ଅଧିକାରୀମାନେ ଆରପିଏଫ୍ ଇନ୍ସପେକ୍ଟର୍‌ଙ୍କ ରେଲୱେ କଲୋନୀ ଛୋଟା ପାର୍କ ନିକଟସ୍ଥ ସରକାରୀ ବାସଭବନକୁ ନେଇ ଯାଇଥିଲେ। ତେବେ କୌଣସିମତେ ସୂଚନା ଲିକ୍ ହୋଇଯିବାରୁ ସିବିଆଇ ଅଧିକାରୀମାନେ ଇନ୍ସପେକ୍ଟର୍‌ଙ୍କ ବାସଭବନରେ ପହଞ୍ଚିବା ପୂର୍ବରୁ ସେ ତାଙ୍କ ଘରର ପଛପଟ ଦ୍ୱାର ଦେଇ ଫେରାର୍ ହୋଇଯାଇଥିଲେ। ସେପଟେ, ଏକ ସମୟରେ ସିବିଆଇ ଅନ୍ୟ ଏକ ଦଲାଲ ବିଟୁଙ୍କ ଡିଲକ୍ସ ଲେନ ଘରେ ଚଢ଼ଉ କରିଥିଲା। ତାଙ୍କୁ ସିବିଆଇ ଅଟକ ରଖି ପଚରାଉଚରା କରୁଛି। ଇନ୍ସପେକ୍ଟର୍ କମଲେଶଙ୍କ ଘର ଏବଂ କାର୍ଯ୍ୟାଳୟରେ ସିବିଆଇ ପକ୍ଷରୁ ଚଢ଼ଉ କରାଯାଇଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ନଂ. CAOCRSPBBS-28-2026

କାର୍ଯ୍ୟର ନାମ : (1) ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ଖଲିକୋଟ (KIT) ଏବଂ ରମ୍ଭା (RBA) ଷ୍ଟେସନ ମଧ୍ୟରେ କି.ମି. 543/29-31 ଠାରେ ଉଭୟ ପାର୍ଶ୍ୱରେ RE ଗ୍ରାଉ ଆପ୍ରୋଚ ସହିତ କେଶପୁର / NH-16 ପାର୍ଶ୍ୱରେ 13 X 20.040 M ଏବଂ ଚେତ୍ରୁକିଆପଡ଼ା ଗାଁ ପାର୍ଶ୍ୱରେ 10 X 20.040 Mର ପ୍ରସ୍ତାବିତ ସ୍ପାନ ଏବଂ ଲେଭେଲ କ୍ରସିଙ୍ଗ ନଂ. 270 ପରିବର୍ତ୍ତେ କି.ମି. 543/35-37 ଠାରେ ରେଳବାଇ ଅଂଶ ନିମନ୍ତେ (1 X 60.0 M କମ୍ପୋଜିଟ ଗାର୍ଡର) ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ।

(2) ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ଖଲିକୋଟ (KIT) ଏବଂ ରମ୍ଭା (RBA) ଷ୍ଟେସନ ମଧ୍ୟରେ କି.ମି. 554/7-9 ଠାରେ ଆପ୍ରୋଚ ଅଂଶ ନିମନ୍ତେ NH-16 ପାର୍ଶ୍ୱରେ 4 X 25.04 M ଏବଂ ସାବୁଲିଆ ଗାଁ ପାର୍ଶ୍ୱରେ 9 X 25.04 Mର ପ୍ରସ୍ତାବିତ ସ୍ପାନ ଏବଂ ଲେଭେଲ କ୍ରସିଙ୍ଗ ନଂ. 273 ପରିବର୍ତ୍ତେ କି.ମି. 554/3-5 ଠାରେ ରେଳବାଇ ଅଂଶ ନିମନ୍ତେ 1 X 60.00 M କମ୍ପୋଜିଟ ଗାର୍ଡର + 1 X 24.00 M କମ୍ପୋଜିଟ୍ ଗାର୍ଡର ସହିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ।

ବିଜ୍ଞାପିତ ମୂଲ୍ୟ : ₹ 125,66,46,642.67, EMD : ₹ 2,51,32,900/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.06.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.07.2026ରିଖ 1200 ଘଣ୍ଟାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର

PR-78/CJ/26-27



## AFFIDAVIT

I, SANJIB KUMAR MONDAL, S/O THAKURDAS MANDAL, resident of At- Khanda, UV-12, PO/PS - Umarkote, Dist - Nabarangpur, Pin - 764073, Odisha, declare by this Affidavit No. 2251, Dated 05/06/2026, that now onwards I shall be known as SANJIB KUMAR MANDAL for all future purposes.

## ହଜିଯାଇଛି

ମୁଁ ଅନିଲ କୁମାର ସାହୁ ଘୋଷଣା କରୁଛି କି ମୋର ମୂଳ କବଲାର ଯାହାର ନଂ- ୧୦୩୯୧୩୦୦୬୧୭, ତା-୨୮.୦୧.୨୦୧୩ ଏରିଆ ୪.୯ଡିସିମିଲର କାଗଜପତ୍ର କେଉଁ ଆଡେ ନରାଜ ଖଣ୍ଡପୁର ରୋଡରେ ହଜିଯାଇଛି। ଏ ବିଷୟରେ ମୁଁ ଗୋଡିସାହି ଥାନାରେ ଲିଖିତ ଅଭିଯୋଗ କରିଅଛି। ଯାହାର କେସ୍ ନଂ ୧୨ ତା-୦୩.୦୬.୨୦୨୬ ଅଟେ। ଯଦି କୌଣସି ବ୍ୟକ୍ତି ପାଆନ୍ତି ତେବେ ଉକ୍ତ ନଂ ୮୯୧୭୬୯୯୦୨୧ ରେ ଯୋଗାଯୋଗ କରିପାରିବେ। ମୁଁ ଏତଦ୍ୱାରା ଘୋଷଣା କରୁଅଛି କି ଉକ୍ତ କବଲା କୌଣସି ବ୍ୟାଙ୍କ ବା ବ୍ୟକ୍ତିଙ୍କ ପାଖରେ ବନ୍ଧକ ରଖାଯାଇ ନାହିଁ।

## AFFIDAVIT

I, Suman Agrawal @Sumanbai Agrawala, W/o- Mahesh Kumar Agrawal, resident of Lastala, Po./Ps.- Attabira, Dist.- Bargarh, Odisha declare by this affidavit No. 6620, Dated 14th June 2026 that, now onwards I shall be known as Suman Agrawal, DOB- 03.06.1985 for all future purposes. In my passport my father's name has been mentioned as Golap Chandra Agrawal and in my Aadhar card my father's name has been mentioned as Golab Chandra Agrawal. That Golab Chandra Agrawal and Golap Chandra Agrawal is one and same person.

## AFFIDAVIT

I, SRITI MANDAL, W/O SANJIB KUMAR MANDAL, resident of At - Khanda, UV-12, PO/PS - Umarkote, Dist - Nabarangpur, Pin - 764073, Odisha declare by this Affidavit No.2252, Dated - 05/06/2026, that now onwards I shall be known as SIRITI MONDAL for all future purposes.

## AFFIDAVIT

I, JAGADDHATRI PANIGRAHI, W/o-Bikash Kumar Das, resident of At-College Square(mill-campus), PO/PS-Soro, Dist-Balasore, Odisha, Pin-756045 declare by this affidavit No.1645, dtd. 05/06/2026 that now onwards I shall be known as JAGADHATRI PANIGRAHI for all future purposes.

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 897, dated 05-06-2026, I, ANAMU BHATRA, S/o - Jaya Bhatra, permanent resident of Village - Bhatrachikili, PO - Badakumuli, PS - Papadahandi, Dist - Nabarangpur, Odisha, Pin - 764059, declare that I have changed the name of my Son from PRAKESH BHATARA to PRAKASH BHATRA. Henceforth, he shall be known as PRAKASH BHATRA for all purposes.

Sd/- Anamu Bhatra

## AFFIDAVIT

By virtue of an affidavit sworn before the Notary Public, Phulbani, on dtd.05.06.2026, I, Sasmita Kanhar, formerly known as Rashmita Kanhar, At-Saulapada, Po-Kiamunda, P.S.-Phiringia, Dist.-Kandhamal, hereby declare that I have changed my name from Rashmita Kanhar to Sasmita Kanhar. Henceforth I shall be known as Sasmita Kanhar for all purposes.

SASMITA KANHAR

## AFFIDAVIT

I, Mahesh Kumar Agrawala, S/o- Biharilal Agrawal, resident of Lastala, Po.- Lastala, Ps./Tah- Attabira, Dist.- Bargarh, Odisha declare by this affidavit No. 6621 Dated 5th June 2026 that, now onwards I shall be known as Mahesh Kumar Agrawal, DOB- 06.06.1980 for all future purposes.

## AFFIDAVIT

I, ADARSH DAS, S/o Rajendra Kumar Das, resident of Plot No. 928, Uparasahi Sikharpur, Cuttack, Cuttack Urban, Pin- 753003, Odisha, India declare by this affidavit Sl. No- 3439, Dated 19/05/2026, that now onwards I shall be known as ADARSH RANJAN DAS for all future purposes.

Sd/- ADARSH RANJAN DAS

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, CF. NO - 52, dated 06/06/2026, I KHAIRUNNISA BIBI, W/o SK Sabiruddin resident of At-Sukarapada, Po- Sukarapara, Sub District. Salepur, Dist: Cuttack, Odisha, PIN: 754209, declare that I have changed my minor Son's name from DANIYAL SABIR (Old Name) to SHAZIM ZOHAN (New Name). Henceforth, he shall be known as SHAZIM ZOHAN for all purposes.

Sd- KHAIRUNNISA BIBI

## AFFIDAVIT

I, Chhaya rani jena, aged about 64 years, W/o- Balaram Jena, resident of At- Satya Nagar, Semiliguda, Po- Semiliguda, Ps- Sunabeda, Dist - Koraput, Pin-764036, Odisha declared by this affidavit No. 1151, dtd- 05/06/2026 that now onwards I shall be known as CHAYARANI JENA for all future purposes.

## AFFIDAVIT

I, Mohamed Mustaqueem, aged about 43 years, S/o Late Mohammed Aliraja, resident of Plot No.76/2877, Meherpalli, Near Hanuman Temple, Ps- Laxmisagar, Bhubaneswar, Dist- Khordha, Pin-751006, Odisha declared by this affidavit No. 134, dtd- 29/05/2026, that now onwards I shall be known as MOHAMMED MUSTAQUEEM for all future purposes.



## TPWODL

TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

Tender Notice No. TPWODL/IA/O/SITC/2500001178 Date: 30-04-2026

**SITC of 33/11 kV Underground Cable system and associated electrical work under SDMF – III**

The time period is hereby extended for Submission of Tender Participation Fee and Authorization Letter through e-mail till 9th June 2026, 15:00 Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.

Sd/- Head-Contracts and Procurement

## Office of the Principal-in-Charge Science Higher Secondary School, Gudari (Rayagada)

UDISE CODE-21271200241
Email ID- principalinchargesjcg@gmail.com
Letter No.- 147 SHSS/26 Dated-04/06/2026

**Walk-in-Interview**

A walk-in-interview for engagement of guest faculty one each of the subjects **English, Economics, Chemistry, Zoology & Mathematics** for the academic session **2026-27** will be held on **21.06.2026 at 11 AM** in the institution premises. Eligible candidates having at least 55% of marks at P.G level and having B.Ed from a recognized university may attend the walk-in-interview with all Original Documents in support of their educational qualification.

Candidates without B.Ed. may be considered for selection in case of non-availability of such candidates.

**No TA/DA** will be admissible for attending the interview.

Candidates may send their resume to **principalinchargesjcg@gmail.com.**

The authority reserves the right to cancel/modify/postpone the interview without assigning any reason thereof.

Principal-in-Charge-cum-Secretary
Science Higher Secondary School
Gudari, Dist-Rayagada

## ODISHA HYDRO POWER CORPORATION LTD.

O/o Sr. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT : SAMBALPUR (ODISHA), INDIA

4001/131/2627

No. HHEP/Tech-PUR-129/ 4455 Date : 02.06.2026

**NOTICE INVITING TENDER NO. HHEP-49/2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/ Authorized Distributors / Authorized channel partner only for supply of the following materials as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC only (Refund-able) in Rs. |
|---|---|---|
| Supply of different size of Power Cables, Control Cables and Jointing Kits to HHEP, Burla as per tender specification | 11,800/- (Rs. 10,000 + GST @ 18%) | 51,050/- |

- Period of Sale / Download of tender paper : 08.06.2026 (10.00AM) to 22.06.2026 upto 05:30PM
- Last Date & Time of Receipt of tender document : 23.06.2026 upto 03.30PM
- Date & time of opening of bid : 23.06.2026 at 04.00PM

For details of the tender documents, terms and conditions please visit our website www.ohpc.co.in

Sd/-
C & P Head, HHEP, Burla

OIPR-4001/4007/1/26-27/0013

## GOVERNMENT OF ODISHA

34001/310/2627

OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI
E-Procurement Notice
Bid Identification No. S.E (R&B)-MLK-05/2026-27

No. 3257 Date. 27.05.2026

1. Name of the work: Civil Work
2. Total No. of Works: 01 Nos.
3. Estimated cost: 41.18 lakhs
4. Period of completion: 03(Three) months
5. Date & time of availability of bid document in the portal: From 11.00 hrs. of 08.06.2026 To 16.00 hrs. Of 16.06.2026
6. Last date / Time for receipt of bids in the Portal: 16.00 hours of 16.06.2026
7. Date of opening of Tender: 10.00 hours of 17.06.2026
8. Name and address of the Officer Inviting Bid: Superintending Engineer Malkangiri(R&B) Division

Further details can be seen from the e-procurement portal https://tendersorissa.gov.in

Superintending Engineer
Malkangiri(R&B) Division

OIPR-34001/34063/1/26-27/0005

## OFFICE OF THE SUPERINTENDING ENGINEER RURALWORKS DIVISION, BALLIGUDA

25001/340/2627

Government of Odisha e-Procurement Notice
Bid Identification No. Online Tender-03/EERWD BLG/2026-27
rw_balliguda@yahoo.com

Letter No. 3932 / RWDBLG Date 03.06.2026

| | | | |
|---|---|---|---|
| 1 | Name of the work | :: | Building Work |
| 2 | Estimated cost | :: | Rs.30.86 Lakhs |
| 3 | Period of Completion | :: | As per Annexure |
| 4 | Date & Time of availability of Bid documents in the Portal | :: | From 08.06.2026 at 10.00 AM to 17.06.2026 up to 5.00 PM |
| 5 | Last Date/ Time for receipt of Bids in the Portal | :: | 17.06.2026 up to 5.00 PM |
| 6 | Name and address of the Officer Inviting Bid | :: | Executive Engineer, Rural Works Division, Balliguda |

The Bidders have to participate in ONLINE bidding only. Further details can be displayed from the e-procurement portal website https://www.tendersodisha.gov.in . Any addendum / corrigendum / cancellation of tender can also be seen in the said website only.

Executive Engineer
Rural Works Division
Balliguda

OIPR-25001/25164/1/26-27/0003

**ଏସ୍‌ଆଇଆର ସଚେତନତା**

# ଲାଞ୍ଜିଆ ସୌରାଙ୍କ ସହ ମାତୃଭାଷାରେ କଥା ହେଲେ ଅଧିକାରୀ

ରାୟଗଡ଼, ୬।୬(ସମିସ)

ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍) କାର୍ଯ୍ୟକ୍ରମକୁ ଜନଜାତି ଅଞ୍ଚଳରେ ଅଧିକ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ୧୩୮-ଗୁଣୁପୁର ବିଧାନସଭା କ୍ଷେତ୍ରର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ତଥା ଉପଜିଲ୍ଲାପାଳ ଗୁଣୁପୁର ଅଭିଶେଖ ଦୁଦାଲଙ୍କ ନେତୃତ୍ୱରେ ଏକ ଟିମ୍ ଗୁଣୁପୁର ବ୍ଲକ ଅନ୍ତର୍ଗତ ଲାଞ୍ଜିଆ ସୌରା ଜନଜାତି ଅଧ୍ୟୁଷିତ ରେଜିଙ୍ଗଟାଲ ଗ୍ରାମ ପରିଦର୍ଶନ କରିଥିଲେ। ଏହି ଅବସରରେ ଉପ ଜିଲ୍ଲାପାଳ ଗୁଣପୁର ଅଭିଷେଖ ଦୁଦାଲ, ତହସିଲଦାର ତଥା ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ ), ଗୁଣୁପୁର; ବ୍ଲକ ଉନ୍ନୟନ ଅଧିକାରୀ ତଥା ଏଇଆରଓ, ଗୁଣୁପୁର; ସହକାରୀ ଜିଲ୍ଲାପାଳ ତଥା ଏଇଆରଓ, ଗୁଣୁପୁର ଉପସ୍ଥିତ ରହି କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପର ତଦାରଖ କରିଥିଲେ। ପରିଦର୍ଶନ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)



ଅଜିତ ଶବର ସ୍ଥାନୀୟ ଲାଞ୍ଜିଆ ସୌରା ସମ୍ପ୍ରଦାୟର ଲୋକଙ୍କ ସହ ସେମାନଙ୍କ ମାତୃଭାଷା ସୌରା ଭାଷାରେ ସିଧାସଳଖ ସମ୍ବାଦ କରିଥିଲେ। ସେ ଏସଆଇଆର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ମତଦାତା ତାଲିକାରେ ନାମ ଅନ୍ତର୍ଭୁକ୍ତି, ସଂଶୋଧନ ଏବଂ ଅଦ୍ୟତନ ପ୍ରକ୍ରିୟା ସମ୍ପର୍କରେ ଗ୍ରାମବାସୀଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ନିଜ ଭାଷାରେ ସୂଚନା ପାଇବା ଫଳରେ ଗ୍ରାମବାସୀମାନେ କାର୍ଯ୍ୟକ୍ରମକୁ ସହଜରେ ବୁଝିପାରିଥିଲେ ଏବଂ ଉତ୍ସାହର ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଅଧିକାରୀମାନେ ଦୁର୍ଗମ ଜନଜାତି ଅଞ୍ଚଳର ପ୍ରତ୍ୟେକ ଯୋଗ୍ୟ ମତଦାତାଙ୍କ ନିକଟରେ ପହଞ୍ଚିବା ଏବଂ ମତଦାତା ତାଲିକାର ସଠିକତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଲାଞ୍ଜିଆ ସୌରା ସମ୍ପ୍ରଦାୟ ମଧ୍ୟରେ ସ୍ଥାନୀୟ ଭାଷା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଝଓଜ କାର୍ଯ୍ୟକ୍ରମକୁ ଅଧିକ ସମାବେଶୀ ଏବଂ ଜନମୁଖୀ କରିବାରେ ସହାୟକ ହେବ ବୋଲି ଅଧିକାରୀମାନେ ମତ ପ୍ରକାଶ କରିଥିଲେ।

# ଗ୍ରାମ୍ୟ ଜଙ୍ଗଲରୁ ଗଛ କାଟିବାକୁ ନେଇ ବିବାଦ

**ଡିଏଫ୍‌ଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ପାପଡ଼ାହାଣ୍ଡି, ୬।୬(ସମିସ): ପାପଡ଼ାହାଣ୍ଡି ବ୍ଲକ ତୁମ୍ବଲ୍ଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ରୋଜାମାଟୁ ଓ ଲୋହାରକାନି ମଧ୍ୟରେ ଗ୍ରାମ୍ୟ ଜଙ୍ଗଲରୁ ଗଛ କଟାକୁ ନେଇ ଦୁଇ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଛି। କାଟିଥିବା ଗଛକୁ ରୋଜାମାଟୁ ଗ୍ରାମବାସୀ ନେବାବେଳେ ଲୋହରାକାନି ଗ୍ରାମବାସୀ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏନେଇ ଲୋହରାକାନି ଗ୍ରାମବାସୀ ଡ଼ିଏଫଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଲୋହରାକାନି ମୌଜାରେ ଦୀର୍ଘବର୍ଷ ହେବ ସରକାରଙ୍କ ଦ୍ୱାରା ଜଙ୍ଗଲ ସୃଷ୍ଟି କରାଯାଇଥିବାବେଳେ ଗ୍ରାମବାସୀ ଏହାକୁ ସୁରକ୍ଷା ଦେବା ସହ ଯତ୍ନ ନେଉଛନ୍ତି। ଦୁଇମାସ ତଳେ ଏହି ଜଙ୍ଗଲରୁ ରୋଜାମାଟୁ ଗ୍ରାମବାସୀ ବେଆଇନ ଭାବେ ଗଛ କାଟି ଗଦା କରିଥିଲେ। ଏହାପରେ ଲୋହାରକାନି ଗ୍ରାମବାସୀ ଝିଟିକିଗୁଡା ଫରେଷ୍ଟରଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଫରେଷ୍ଟର ଉଭୟ ଗ୍ରାମବାସୀଙ୍କୁ ଡକାଇ ଆପୋଷ ବୁଝାମଣା ପରେ କାଠ ନେବାକୁ କହିଥିଲେ। କିନ୍ତୁ ଦୁଇମାସ ପରେ ଆଜି ରୋଜାମାଟୁ ଗ୍ରାମବାସୀ କାଠ ନେବା ସମୟରେ ଲୋହରାକାନି ଗ୍ରାମବାସୀ ବିରୋଧ କରିବା ପରେ ରୋଜାମାଟୁ ଗ୍ରାମବାସୀ ଠେଙ୍ଗା ଓ ଟାଙ୍ଗିଆ ଧରି ଘଉଡ଼ାଇଥିଲେ। ରୋଜାମାଟୁ ଗ୍ରାମବାସୀ ଏନେଇ ପାପଡ଼ାହାଣ୍ଡି ଥାନା ଓ ଡ଼ିଏଫଓ ଦ୍ୱାରସ୍ଥ ହୋଇଥିଲେ।

ଡ଼ିଏଫଓଙ୍କ ନିର୍ଦ୍ଦେଶ କ୍ରମେ ରେଞ୍ଜର ଗୋପୀନାଥ ସାହୁଙ୍କ ସହ ଏକ ଟିମ୍ ପହଞ୍ଚି ଉଭୟ ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଜଙ୍ଗଲ କାଟିବାକୁ ଗ୍ରାମବାସୀଙ୍କୁ କିଏ ଅନୁମତି ପ୍ରଦାନ କରିଛନ୍ତି। ଦୁଇ ମାସ ହେଲା ଫରେଷ୍ଟର ଜାଣିବା ପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି। ସରକାର ଜଙ୍ଗଲ ସୁରକ୍ଷା କରିବାକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ କେଉଁ ନିୟମରେ ଶହ ଶହ ଗଛ କଟାଯାଇଛି ବୋଲି ୪ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏକାଠି ହୋଇ ପ୍ରଶ୍ନ କରିଛନ୍ତି। ତୁରନ୍ତ ଗଛ କାଟିଥିବା ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରିବାକୁ ଦାବି ହୋଇଛି।

# ଉପଜିଲ୍ଲାପାଳଙ୍କ ନିଷ୍ପତ୍ତିକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପତ୍ର

ଜୟପୁର, ୬।୬(ସମିସ): କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡ କ୍ରୀଡ଼ା ସଂଘ ବିରୋଧରେ ହୋଇଥିବା ଅଭିଯୋଗ ଏବଂ କୋର୍ଟରେ ମାମଲା ଦାଖଲ କରାଯାଇଥିଲେ ସୁଦ୍ଧା ଉକ୍ତ ସରକାରୀ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବା ବଦଳରେ ବେଆଇନ ଭାବେ କୌଣସି ନିଷ୍ପତି ନେବାକୁ ବିରୋଧ କରାଯାଇ ଜୟପୁର ଉପଜିଲ୍ଲାପାଳ ତଥା ଉପଖଣ୍ଡ କ୍ରୀଡା ସଂଘର ଅଧ୍ୟକ୍ଷଙ୍କ ନିଷ୍ପତିକୁ ନେଇ ସ୍ଥାନୀୟ ଆଇନଜୀବୀ ତଥା ମାନବାଧିକାରୀ କର୍ମୀ ଅନୁପ ପାତ୍ର ରାଜ୍ୟ କ୍ରୀଡ଼ା ସଚିବ, ନିର୍ଦ୍ଦେଶକ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅନଲାଇନ ମାଧ୍ୟମରେ ଅଭିଯୋଗ କରିଛନ୍ତି। ଏହିପରି ଜିଲ୍ଲା କ୍ରିକେଟ ଆସୋସିଏସନ ନାମରେ ଏକ ନୂତନ ସଂଘକୁ ପଞ୍ଜୀକୃତ କରିବାକୁ ଏହାର ସମ୍ପାଦକ ସୁବାସ ରାଉତ ଆବେଦନ କରିଥିଲେ। କିନ୍ତୁ ଏନେଇ ଜିଲ୍ଲା କ୍ରୀଡା ସଂଘ ଏବଂ ଉପଖଣ୍ଡ କ୍ରୀଡା ସଂଘ ପକ୍ଷରୁ କୌଣସି ପଦକ୍ଷପ ଗ୍ରହଣ କରାଯାଇନଥିବାରୁ ସେ ହାଇକୋର୍ଟର ଦ୍ୱାରସ୍ଥ ହେଲେ। ଏନେଇ ନିୟମ ଅନୁଯାୟୀ ପଦକ୍ଷପ ଗ୍ରହଣ କରିବାକୁ କୋରାପୁଟ ଜିଲ୍ଲାପାଳଙ୍କୁ ହାଇକୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ଉଭୟ ଉପଖଣ୍ଡ କ୍ରୀଡା ସଂଘର ସମ୍ପାଦକ ଏବଂ ନୂତନ ଭାବେ ପଞ୍ଜିକୃତ ପାଇଁ ଆବେଦନ କରିଥିବା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକଙ୍କୁ ସମସ୍ତ କାଗଜପତ୍ର ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିପରି ଉଭୟ ସଂଘର ସମ୍ପାଦକମାନେ ସେମାନଙ୍କ ସମସ୍ତ କାଗଜପତ୍ର ପ୍ରଦାନ କରିଥିଲେ। କିନ୍ତୁ ଉପଜିଲ୍ଲାପାଳ ଆବେଦନକାରୀ ଜିଲ୍ଲା କ୍ରିକେଟ ସଂଘ ସମ୍ପାଦକଙ୍କୁ ଉପଖଣ୍ଡ କ୍ରୀଡା ସଂଘର ସମ୍ପାଦକଙ୍କ ନିକଟରେ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ମାତ୍ର ପୂର୍ବରୁ ଉପଖଣ୍ଡ କ୍ରୀଡା ସଂଘ ପକ୍ଷରୁ କୌଣସି ପଦକ୍ଷପ ଗ୍ରହଣ କରାଯାଇନଥିବା ଯୋଗୁଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ପୁଣି ଉପଖଣ୍ଡ କ୍ରୀଡା ସଂଘର ସଭାପତି ତଥା ଉପଜିଲ୍ଲାପାଳଙ୍କ ଏପରି ନିଷ୍ପତ୍ତିକୁ ବିରୋଧ କରାଯାଇଛି। ଏନେଇ ଉପଜିଲ୍ଲାପାଳ ତଥା ଉପଖଣ୍ଡ କ୍ରୀଡ଼ା ସଂଘର ସଭାପତି ଯଦୁମଣି ନାୟକ କହିଛନ୍ତି ଯେ, ଉପଖଣ୍ଡ କ୍ରୀଡା ସଂଘର ବାଇ-ଲ ନିୟମ ଅନୁଯାୟୀ ନିଷ୍ପତି ଗ୍ରହଣ କରାଯାଇଛି। ତେଣୁ ଏହିପରି ଏକପାଖିଆ କିମ୍ବା ନିୟମ ଓ ଆଇନ ଉଲ୍ଲଂଘନ କରାଯାଇ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

# ଏସ୍‌ପିଙ୍କ ଅଫିସ ଆଗରେ ଦୁଇ କିନ୍ନର ଗୋଷ୍ଠୀଙ୍କ ନାରାବାଜି





ବ୍ରହ୍ମପୁର, ୬।୬(ସମିସ)

ରାମାୟଣ ନାଟକରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ଦୁଇ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ। ପ୍ରଥମେ ଦୁଇ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି, ପରେ ପରସ୍ପର ବିରୁଦ୍ଧରେ ଥାନାରେ ଏତଲା ଦେବାପରେ ମାମଲା ବର୍ତ୍ତମାନ ବ୍ରହ୍ମପୁର ଏସପିଙ୍କ ନିକଟରେ ପହଞ୍ଚିଛି। ଆଜି ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ କିନ୍ନର ଗୋଷ୍ଠୀଙ୍କ ନାରାବାଜି ଦେଖିବାକୁ ମିଳିଥିଲା। ଗତ କିଛିଦିନ ପୂର୍ବେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ଗାଁରେ ରାମାୟଣ ନାଟକ ଆୟୋଜନ ହୋଇଥିଲା। ଏଥିରେ କିନ୍ନରମାନେ ଅଭିନୟ କରିବା ନିମନ୍ତେ ଗ୍ରୀନ୍ ରୁମରେ ଥିବାବେଳେ ଆଉକିଛି କିନ୍ନର ଗ୍ରୀନ ରୁମରେ ପଶି ଗୋଟିଏ ଗୋଷ୍ଠୀର କିନ୍ନରଙ୍କୁ ନିର୍ଘୁମ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଆକ୍ରମଣ ସମୟର ଭିଡ଼ିଓ ମଧ ସୋସିଆଲ ମିଡ଼ିଆରେ ଭାଇରଲ ହୋଇଥିଲା। ମାଡ଼ ଖାଇଥିବା କିନ୍ନର ଗୋଷ୍ଠୀର ସଦସ୍ୟମାନେ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ସେପଟେ ବିପକ୍ଷ ଗୋଷ୍ଠୀ ପକ୍ଷରୁ ମଧ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଦୁଇ ବିପକ୍ଷ ଗୋଷ୍ଠୀ କିନ୍ନରଙ୍କ ଅଭିଯୋଗ ପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଆଜି ଉଭୟ ଗୋଷ୍ଠୀ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ଅଭିଯୋଗ ଏସପିଙ୍କୁ ଜଣାଇଛନ୍ତି। ଉଭୟ ଗୋଷ୍ଠୀ ନିଜ ନିଜର ମତ ଓ ପରସ୍ପର ବିରୋଧୀ ଅଭିଯୋଗ ଏସପିଙ୍କ ନିକଟରେ ରଖିଥିଲେ। ଦୁଇ ବିରୋଧୀ କିନ୍ନର ଗୋଷ୍ଠୀଙ୍କ ଅଭିଯୋଗକୁ ନେଇ ତଦନ୍ତ କରାଯିବ ଓ ଆଇନ ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ କହିଛନ୍ତି।

# ଶନିବାର ଯାନମୁକ୍ତ ଦିବସ ପାଳିବ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର, ୬।୬(ସମିସ)

ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ହରିବାବୁ କମ୍ଭମପାଟିଙ୍କ ନିର୍ଦ୍ଦେଶକ୍ରମେ "ଶନିବାର ଯାନମୁକ୍ତ ଦିବସ' ତଥା ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ଚଳାଚଳ ନେଇ କଟକଣା ଲଗାଇଛନ୍ତି। ଏ ନେଇ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ 'ଶନିବାର ଯାନମୁକ୍ତ ଦିବସ' ପାଳନ କରିଛନ୍ତି। ଏହି ଦିନରେ କେବଳ ଇଭି ଯାନକୁ କ୍ୟାମ୍ପସରେ ପ୍ରବେଶର ଅନୁମତି ମିଳିଛି।

ଏହି ପଦକ୍ଷେପ ଜରିଆରେ ଆମେ ଆମ କ୍ୟାମ୍ପସକୁ ସବୁଜମୟ କରିବା ଦିଗରେ ଅଗ୍ରସର ହେବା ସହ ପ୍ଲାଷ୍ଟିକ ବ୍ୟବହାର କମ୍ କରିବା, ବୃକ୍ଷରୋପଣ ସହ ଜୈବ ଇନ୍ଧନର ବ୍ୟବହାର କମ୍ କରାଯିବ। ଏହା ବ୍ୟତୀତ ପରିସରରେ ସୌରଶକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରି ନବୀକରଣ ଯୋଗ୍ୟ ଶକ୍ତିକୁ ପ୍ରାଥମିକତା ପ୍ରଦାନ କରାଯିବ ବୋଲି କୁଳପତି ପ୍ରଫେସର ଅସୀମା ସାହୁ ସୂଚନାଦେଇଛନ୍ତି। ଶନିବାର ସମସ୍ତ କର୍ମଚାରୀ ଯାନବାହାନକୁ ବିଶ୍ୱବିଦ୍ୟାଳୟ ପଡ଼ିଆରେ ରଖି କ୍ୟାମ୍ପସକୁ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ କ୍ୟାମ୍ପସକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ସୋଲାର ପ୍ୟାନେଲ ସ୍ଥାପନ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ପରେ ଚାର୍ଜିଂ ପଏଣ୍ଟ ସହ ଆବଶ୍ୟକୀୟ ଭିତ୍ତିଭୁମିକୁ ସୁଦୃଢ଼ କରାଯିବ ବୋଲି କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ସୂଚନା ପ୍ରଦାନ କରିଛନ୍ତି।

# ଏମ୍‌କେସିଜିରେ ୩ ଦିନିଆ ଜାତୀୟ ଡଟକନ୍ ସମ୍ମିଳନୀ ଉଦ୍‌ଘାଟିତ

ବ୍ରହ୍ମପୁର, ୬।୬(ସମିସ)

ଏମକେସିଜି ମେଡିକାଲ୍ କଲେଜର ନୂତନ ଅଡିଟୋରିୟମରେ ଜାତୀୟ ଡଟକନ୍-୨୦୨୬ ସମ୍ମିଳନୀ ଉଦଘାଟିତ




ହୋଇଯାଇଛି। ଜୁନ୍ ୫ତାରିଖ ଠାରୁ ୩ଦିନ ଧରି ଚାଲିବାକୁ ଥିବା ସମ୍ମିଳନୀରେ 'ଉଦୀୟମାନ ଚିକିତ୍ସା ଏବଂ ସାମ୍ପ୍ରତିକ ପରିଚାଳନା ରଣନୀତି' ବିଷୟବସ୍ତୁ ଉପରେ ଆଲୋଚନା କରାଯାଉଛି। ଏଥିରେ ଓଡିଶା ସମେତ ଦେଶର ୧୦ଟି ରାଜ୍ୟର ୧୩୦ଜଣ ଅଧ୍ୟାପକଙ୍କ ସମେତ ପ୍ରାୟ ୫୦୦ଜଣ ପ୍ରତିନିଧି ଯୋଗଦେଇ ମଧୁମେହ, ଥାଇରଏଡ୍ ଏବଂ ରୋଗର ନୂତନ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ଉଦଘାଟନ ଉତ୍ସବରେ ଜମ୍ମୁ କାଶ୍ମୀର ଅବନ୍ତିପୁରା ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶରେ ମଧୁମେହ ଏବଂ ଥାଇରଏଡ୍ ରୋଗ ମହାମାରୀ ସ୍ତରରେ ପହଞ୍ଚିଛି ଏବଂ ନୂତନ ଚିକିତ୍ସା ଓ ଔଷଧ ରୋଗଗୁଡ଼ିକୁ ରୋକିବା ଏବଂ ନିୟନ୍ତ୍ରଣ କରିବାରେ ବହୁତ ସାହାଯ୍ୟ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଏମକେସିଜି ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍ସିପାଲ ପ୍ରଫେସର ଡ଼ା. ଏଚ.କେ ଦଳାଇ, ଅଧୀକ୍ଷକ ପ୍ରଫେସର ଡ଼ା. ସୁଦୀପା ଦାସ, ପୂର୍ବତନ ଡିନ୍ ପ୍ରଫେସର ଡ଼ା ସୁଚିତ୍ରା ଦାଶ ମଞ୍ଚାସିନ ଥିଲେ। ଏମକେସିଜି ମେଡ଼ିକାଲ ଏଣ୍ଡୋକ୍ରାଇନୋଲୋଜି ବିଭାଗ ମୁଖ୍ୟ ତଥା ସଂଗଠନ ସଚିବ ପ୍ରଫେସର ଡ଼ା. ପି. ରବି କୁମାରଙ୍କ ତତ୍ତ୍ୱାବଧାନରେ ଡଟକନ୍ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ସହ-ସଂଗଠନ ସଚିବ ଡ଼ା ଦୀପକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଡ଼ା ଦେବାଶିଷ ପାତ୍ର, ଡ଼ା ନିହାର ରଞ୍ଜନ ସାହୁ ଏବଂ ଡ଼ା. ଜୀବନ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରୁଛନ୍ତି।

# ଦ୍ୱିତୀୟ ୧୪ବର୍ଷରୁ କମ୍ ଅନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଟୁର୍ଣ୍ଣାମେଣ୍ଟ

ବ୍ରହ୍ମପୁର, ୬।୬(ସମିସ)

ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୪ବର୍ଷରୁ କମ୍ ଦ୍ୱିତୀୟ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଓ ପ୍ରଥମ କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଅନ୍ତିମ ଦିନରେ ଉଭୟ ବାଳକ ଓ ବାଳିକା ଫୁଟବଲରେ ଜୋନ କ୍ୱାଲିଫାଇ ମ୍ୟାଚ ଅନୁଷ୍ଠିତ ହେବ। ସେହିଭଳି କବାଡିରେ ନକଆଉଟ ତଥା ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଷ୍ଟାଡିୟମର ଇଣ୍ଡୋର ହଲରେ ଆୟୋଜିତ



- **ଜୋନସ୍ତରୀୟ କବାଡ଼ି ଓ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ, ଗୋଟିଏ ଦିନରେ ୧୯ ଟି ମ୍ୟାଚ**
- **ଫୁଟ୍‌ବଲ୍ ବାଳକ କ୍ୱାଲିଫାଇ ମ୍ୟାଚ ନବରଙ୍ଗପୁର-କନ୍ଧମାଳ ଏବଂ ବାଳିକାରେ ଗଜପତି-ନବରଙ୍ଗପୁର ମ୍ୟାଚ ଆଜି**
- **ରବିବାର ଅନୁଷ୍ଠିତ ହେବ 'କବାଡ଼ି' ନକ୍‌ଆଉଟ୍ ସହ ଫାଇନାଲ**

ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ କବାଡି ପ୍ରତିଯୋଗିତାର ବ୍ରହ୍ମପୁର ଜୋନରେ ମାଲକାନଗିରି, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ଗଞ୍ଜାମ ଓ ରାୟଗଡା ଆଦି ୮ଟି ଜିଲ୍ଲାରୁ ଦଳ ଅଂଶଗ୍ରହଣ କରିଛନ୍ତି। ସେପଟେ ଷ୍ଟାଡିୟମରେ ଚାଲିଥିବା ଜୋନସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଆଜି ଉଭୟ ବାଳକ ଓ ବାଳିକା ବିଭାଗରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଅନୁଷ୍ଠିତ ବାଳିକା ବିଭାଗର ପ୍ରଥମ ମ୍ୟାଚ କଳାହାଣ୍ଡି ଓ ଗଜପତି ମଧ୍ୟରେ ଖେଳା ଯାଇଥିଲା। ଗଜପତି ଦଳ ପକ୍ଷରୁ ଦୀପ୍ତି ଶବର ଓ ବନିତା ଲୁହାର ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ (୨-୦) ବିଜୟୀ କରାଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ ରାୟଗଡା ଓ କନ୍ଧମାଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ କନ୍ଧମାଳ ଦଳ ପକ୍ଷରୁ ବିଜୁଳି କନ୍ୟା ପ୍ରଧାନ ଓ ସ୍ନେହାସିଲ୍ଲା ସାହାଣୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ରାୟଗଡାକୁ (୨-୦) ଗୋଲ ବ୍ୟବଧାନରେ କନ୍ଧମାଳ ପରାସ୍ତ କରି ବିଜୟୀ ହୋଇଥିଲା। ଉଭୟ ମ୍ୟାଚରେ ଡଃ ସନ୍ଦୀପ ଦାସ ଓ ପି. ରାଜୁ ରେଡ୍ଡୀ ଅତିଥି ଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ରେଫେରୀ ଭାବେ ବନିତା ହେମରିକା, ରାହାନ୍ତି ସରକାର, ରେବତୀ ପୀଡିକିକା, ରୋହିଲା ଭର୍ତ୍ତା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ଖେଳ ପରିଚାଳନା କରିଥିଲେ। ସେପଟେ ୧୪ବର୍ଷରୁ କମ୍ ବାଳକ ବର୍ଗରେ ୬ଷ୍ଠ ଦିନର ପ୍ରଥମ ମ୍ୟାଚ କଳାହାଣ୍ଡି ଓ ଗଜପତି ମଧ୍ୟରେ ଖେଳାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପକ୍ଷରୁ କୌଣସି ଗୋଲ ସ୍କୋର ହୋଇନଥିବାରୁ ମ୍ୟାଚ ଡ୍ର ରହିଥିଲା। ବାଳକ ବର୍ଗର ଦ୍ୱିତୀୟ ମ୍ୟାଚ ଆୟୋଜକ ରାୟଗଡା ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ଦଳ ପ୍ରତିପକ୍ଷ ରାୟଗଡା ଜିଲ୍ଲା ଦଳକୁ (୫-୦) ଗୋଲ ବ୍ୟବଧାନରେ ପରାସ୍ତ କରି ଏକ ସହଜସାଧ ବିଜୟ ଲାଭ କରିଥିଲା। ଆଜିର ମ୍ୟାଚରେ ଅତିଥି ଭାବେ ଓଡିଶା ଫୁଟବଲ ସଂଘର ପର୍ଯ୍ୟବେକ୍ଷକ ପ୍ରଶାନ୍ତ କୁମାର ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘରସମସ୍ତକର୍ମକର୍ତ୍ତା ଓସଦସ୍ୟଙ୍କ ସମେତ ବରିଷ୍ଠ ଖେଳାଳିମାନେ ଉପସ୍ଥିତ ଥିଲେ। ବାଳକ ବିଭାଗର ଉଭୟ ମ୍ୟାଚକୁ ରେଫେରୀ ଭାବେ ଗରିବ ବେହେରା, ସମୀର ପ୍ରଧାନ, ବିଚିତ୍ର ଜେନା, ଖଗପତି ଖରା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ପରିଚାଳନା କରିଥିଲେ। ଆସନ୍ତା କାଲି ରବିବାର ଉଭୟ କବାଡି ଓ ଫୁଟବଲ ପ୍ରତିଯୋଗିତାର ଅନ୍ତିମ ଦିବସ। କବାଡିର ନକଆଉଟ ତଥା ସେମିଫାଇନାଲ ସହିତ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ଫୁଟବଲରେ ଉଭୟ ବାଳକ ଓ ବାଳିକା ବର୍ଗରେ ଜୋନ ସ୍ତରୀୟ କ୍ୱାଲିଫାଇ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ୧୪ବର୍ଷରୁ କମ୍ ଫୁଟବଲ ବାଳକ ବର୍ଗରେ କ୍ୱାଲିଫାଇ ମ୍ୟାଚ କନ୍ଧମାଳ ବନାମ ନବରଙ୍ଗପୁର ମଧ୍ୟରେ ଖେଳାଯିବାକୁ ଥିବା ବେଳେ ବାଳିକା ବର୍ଗରେ ନବରଙ୍ଗପୁର ବନାମ ଗଜପତି ମଧ୍ୟରେ ମ୍ୟାଚ ଖେଳାଯିବ।

# ପରିବେଶ ଦିବସରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଚାରାରୋପଣ

**ଟାଟା ପାୱାର ପକ୍ଷରୁ 'ଟାଟା ସଷ୍ଟେନେବିଲିଟି' ମାସ ଆରମ୍ଭ**

ବ୍ରହ୍ମପୁର, ୬।୬(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଗୋପାଳପୁର ସ୍ଥିତ ଜେଏନ୍ ଟାଟା ଟେକ୍ନିକାଲ୍ ଇନଷ୍ଟିଚ୍ୟୁଟ୍ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୨୦ରୁ ଅଧିକ କର୍ମଚାରୀ ତଥା ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସବୁଜ ପୃଥିବୀ ଗଠନ ଦିଗରେ କମ୍ପାନୀର ଏହି ସାମୂହିକ ଉଦ୍ଦେଶ୍ୟକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଟାଟା ସଷ୍ଟେନେବିଲିଟି ମାସ ୨୦୨୬କୁ ବିଧିବଦ୍ଧ ଭାବେ ଆରମ୍ଭ କରାଯାଇଛି। ଯାହାର ବିଷୟବସ୍ତୁ ରହିଛି - 'ଥିଙ୍କ୍ ଇଜ୍ ଗୁଡ୍, ଡୁଇଂ ଇଜ୍ ବେଟର'। ଏହି ପଦକ୍ଷେପ ମାଧ୍ୟମରେ କମ୍ପାନୀ ସାମଗ୍ରିକ ଭାବେ ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ସହ କର୍ମଚାରୀମାନେ ମଧ ସେମାନଙ୍କ ବ୍ୟକ୍ତିଗତ ଜୀବନରେ କିପରି ସବୁଜ ପୃଥିବୀ ଗଠନର ବାର୍ତ୍ତାବାହ ସାଜିବେ ସେନେଇ ସଚେତନ କରିବା। ପ୍ରତିବର୍ଷ ଜୁନ ୫ତାରିଖରେ ବିଶ୍ୱବ୍ୟାପୀ 'ବିଶ୍ୱ ପରିବେଶ ଦିବସ' ପାଳିତ ହେଇଥାଏ। ଚଳିତବର୍ଷ 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ' ହେବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଛି। ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ଏକ ସାମଗ୍ରିକ ପ୍ରୟାସର ଆବଶ୍ୟକତାକୁ ଅନୁଭବ କରି ଟିପିଏସ୍‌ଓଡିଏଲ୍ ଟାଟା ସଷ୍ଟେନେବିଲିଟି ମାସ ପାଳନ କରିଆସୁଅଛି। କମ୍ପାନୀ ପକ୍ଷରୁ ଏହି ମାସରେ ପ୍ଲାଷ୍ଟିକ୍ ବ୍ୟବହାର ସମ୍ପର୍କିତ ସଚେତନତା ଅଧିବେଶନ, ବେଳାଭୂମି ସଫେଇ ଅଭିଯାନ, ବୃକ୍ଷରୋପଣ ତଥା ଅନ୍ୟାନ୍ୟ ପରିବେଶ ସଂରକ୍ଷଣ ଦ୍ୱୀୟ ସଚେତନତା କାର୍ଯ୍ୟକ୍ରମ କରାଯିବ। ପରିବେଶ ସଂରକ୍ଷଣ ତଥା ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଟାଟା ଗ୍ରୁପ୍ ନିଜ ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶିତ କରିଆସୁଛି। ନିଜ କର୍ମଚାରୀ ତଥା ଉପଭୋକ୍ତାଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରୁଛି। ଟିପିଏସ୍‌ଓଡିଏଲର ଏହି ବୃକ୍ଷରୋପଣ ଅଭିଯାନ ବିଭିନ୍ନ ଜିଲ୍ଲାରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ମଧ ଅନୁଷ୍ଠିତ ହୋଇଛି, ଯେଉଁଥିରେ କମ୍ପାନୀର କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି।



## ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି

# ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ

କାଲିମେଲା, ୬।୬(ସମିସ)



ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଭେଙ୍କଟପଲମ ପଞ୍ଚାୟତରେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଅର୍ଥ ହରିଲୁଟ୍ ହୋଇଥିବା ନେଇ ଏକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। କ୍ଷେତ୍ରରେ କୌଣସି କାର୍ଯ୍ୟ ନକରି ଜାଲ୍ ବିଲ୍ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତି ଯୋଗୁଁ ସ୍ଥାନୀୟ ଅଞ୍ଚଳର ପ୍ରକୃତ ଗରିବ ଜବ୍ କାର୍ଡଧାରୀ ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ବାଧ୍ୟ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ସ୍ଥାନୀୟ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ପଞ୍ଚାୟତରେ କାଗଜପତ୍ରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦର୍ଶାଯାଇ ଅର୍ଥ ଆତ୍ମସାତ କରାଯାଇଛି। ଏହାସହ ଗ୍ରାମରେ ଶ୍ରମିକମାନଙ୍କୁ କାମ ଯୋଗାଇଦେବା ପରିବର୍ତ୍ତେ କେଉଁଠି ଜେସିବି ମେସିନ୍ ସାହାଯ୍ୟରେ କାମ କରାଯାଉଛି କିମ୍ବା ସମ୍ପୂର୍ଣ୍ଣ ମିଥ୍ୟା ବିଲ୍ ପ୍ରସ୍ତୁତ କରି ଟଙ୍କା ଉଠାଇ ନିଆଯାଉଛି। ପ୍ରକୃତ ହିତାଧିକାରୀଙ୍କ ପାଖରେ କାମ ପହଞ୍ଚିପାରୁ ନଥିବାରୁ, ସେମାନେ ନିଜ ପରିବାର ପ୍ରତିପୋଷଣ ପାଇଁ ଦାଦନ ପଳାୟନ କରୁଛନ୍ତି।

ସୂଚନା ଅନୁଯାୟୀ, ଆରଏନବିପି ଗାର୍ଡେନ ୱାଲ୍, ଭେଙ୍କଟପଲମରେ ଏକପେଡ ମା କେ ନାମ, ମାଙ୍ଗିପଲ୍ଲି ଗ୍ରାମରେ ସକପିଟ, କୋୟାଗୁଡା ଗ୍ରାମରେ ଅମୃତସରବର ଫେସ୍ ୨ ଏବଂ କୋୟାଗୁଡା ଗ୍ରାମ ଠାରୁ ତେଲିଗୁଡ଼ା ଗ୍ରାମରେ ଡବଲୁବିଏମ ରାସ୍ତା ଭଳି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନକରି ଲକ୍ଷ ଲକ୍ଷ ଟଙ୍କାର ବିଲ୍ ପାସ୍ କରି ନିଆଯାଇଛି। ଗରିବ ଶ୍ରମିକମାନଙ୍କୁ ରୋଜଗାର ଯୋଗାଇଦେବା ପାଇଁ ଆସିଥିବା ସରକାରୀ ପାଣ୍ଠିକୁ କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଦଲାଲ୍ ମିଶି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଗ୍ରାମର ଧନୀ, ପ୍ରଭାବଶାଳୀ, ଏମବିକେ, ସିଆରପି ଏବଂ ସରକାରୀ ଚାକିରିଆଙ୍କ ନାମରେ ମଧ୍ୟ ବେଆଇନ ଭାବେ ଜବ୍ କାର୍ଡ ତିଆରି କରାଯାଇ ଏହି ଅର୍ଥ ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବାଙ୍କ ସମେତ ଭେଙ୍କଟପଲମ ପଞ୍ଚାୟତର ବହୁ ସଂଖ୍ୟକ ଲୋକ ଏକାଠି ହୋଇ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ପତ୍ରରେ

**କାମ ନ କରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍**

ସ୍ଥାନୀୟ ଜନପ୍ରତିନିଧି ଏବଂ କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅନୁମୋଦିତ ଅର୍ଥର ହରିଲୁଟ ହୋଇଥିବା ବିଷୟ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏହାସହ ଏହି ମାମଲାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ବଞ୍ଚିତ ଜବକାର୍ଡଧାରୀଙ୍କୁ ତୁରନ୍ତ କାମ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି।

## ● ଆବାସ ହିତାଧିକାରୀଙ୍କୁ ଲାଞ୍ଚ ମାଗୁଛନ୍ତି କର୍ମଚାରୀ

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି, ତେଜୁଛି ଅସନ୍ତୋଷ

ମାଥିଲି, ୬।୬(ସମିସ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଚେଡେଙ୍ଗା ପଞ୍ଚାୟତ ସାନ କୋରାପଲ୍ଲୀ ଗ୍ରାମରେ ଆବାସ ହିତାଧିକାରୀଙ୍କୁ କର୍ମଚାରୀ ମାଗୁଛନ୍ତି ଲାଞ୍ଚ। ଗ୍ରାମର ନୂତନ ଭାବରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଆସିଥିବା ଆଦିବାସୀ ହିତାଧିକାରୀ ଲଛମା ନାୟକ ସ୍ୱାମୀ ଲଇଖନ ନାୟକ ଓ କୋରାପଲ୍ଲୀ ଗ୍ରାମର ସ୍ୱର୍ଗୀୟ ମହେଶ୍ୱର ନାୟକଙ୍କ ପତ୍ନୀ ଶଶୀ ନାୟକ ନାମରେ ଆସିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କାର୍ଯ୍ୟାଦେଶ ଆସିଛି। କିନ୍ତୁ କାର୍ଯ୍ୟାଦେଶ ପାଇଁ ପଞ୍ଚାୟତର ମାଧବ ଖରା ନାମକ ଗ୍ରାମ ରୋଜଗାର ସେବକ (ଏଡିଓ) ୨ ହଜାର ଓ ଦ୍ୱିତୀୟ କିସ୍ତି ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ଜଣେ ଗରିବ ହିତାଧିକାରୀ ଏତେ ଟଙ୍କା କେଉଁଠୁ ଆଣିବ ଚିନ୍ତାରେ ପଡ଼ି ସ୍ଥାନୀୟ ସରପଞ୍ଚ ସୁଧାସିନୀ ମାଛାଙ୍କୁ ଜଣାଇଥିଲେ। ସରପଞ୍ଚ କହିଥିଲେ, ଲିଖିତ ଭାବରେ ମତେ ଦେଲେ ମୁଁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନଙ୍କୁ ଜଣାଇବି। ଦୁଇ ହିତାଧିକାରୀ ଗତ ୨୫ ମେ'ରେ ଏକ ଲିଖିତ ଅଭିଯୋଗପତ୍ର ସରପଞ୍ଚଙ୍କୁ ଦେଇଥିଲେ। ଅଭିଯୋଗ ପାଇବା ପରେ ସରପଞ୍ଚ ପ୍ରତିନିଧି ନରସିଂହ ନାୟକଙ୍କୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରପଞ୍ଚ ପ୍ରତିନିଧି ନିର୍ଦ୍ଦେଶ ପାଇବା ପରେ ଆମ୍ବଗୁଡା ପଞ୍ଚାୟତ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗ ପରେ ବି ସମ୍ପୃକ୍ତ ଗ୍ରାମ ରୋଜଗାର ସେବକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ଯାଇନାହିଁ ବୋଲି ସରପଞ୍ଚ ପ୍ରତିନିଧି ଶ୍ରୀଯୁକ୍ତ ନାୟକ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଚେଡେଙ୍ଗା ପଞ୍ଚାୟତରେ ଏପରି ଅନେକ ଦୁର୍ନୀତି ହେଉଛି ବୋଲି ପୂର୍ବତନ ସରପଞ୍ଚ ବଳରାମ ନାୟକ ମଧ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏପରି ଦୁର୍ନୀତି ଜିଲ୍ଲା ସ୍ତରୀୟ ତଦନ୍ତ କରିବା ସହିତ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଶ୍ରୀ ନାୟକ ଦାବି କରିଛନ୍ତି।ଏବିଷୟରେ ଆମେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ମୁଁ ଏକ ଜରୁରୀ ବୈଠରେ ଅଛି ବୋଲି କହିଥିଲେ। ସେଥିପାଇଁ ଏପରି ପ୍ରଧାନମନ୍ତ୍ରୀ ଆବାସ ଯୋଜରେ କାର୍ଯ୍ୟାଦେଶ ଓ ଦ୍ୱିତୀୟ କିସ୍ତି ପାଇଁ ଲାଞ୍ଚ ମାଗୁଥିବା ଅଧିକାରୀ ଓ କର୍ମଚାରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ପରିବେଶ ଦିବସରେ ରାଜସ୍ୱ ନିରୀକ୍ଷକ ସମ୍ମାନିତ

ରାମନାଗୁଡ଼ା, ୬।୬(ସମିସ): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ତର୍ଗତ ରାୟଗଡ଼ା ବନଖଣ୍ଡ ପକ୍ଷରୁ ବନ୍ୟପ୍ରାଣୀ ସୁରକ୍ଷା ଓ ଆଇନ ପ୍ରଣୟନ କ୍ଷେତ୍ରରେ ଏକ ପ୍ରଶଂସନୀୟ କାର୍ଯ୍ୟ ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ସମ୍ମାନିତ କରାଯାଇଛି। ରାମନାଗୁଡ଼ା ତହସିଲର କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ମଦନ ମୋହନ ପଣ୍ଡାଙ୍କୁ ତାଙ୍କର ଅସାଧାରଣ ସହଯୋଗ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଏହି ସମ୍ମାନଜନକ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି।




ସୂଚନା ଅନୁଯାୟୀ, ଗୁଣୁପୁର ବନ ସଂରକ୍ଷଣ ପରିସୀମା ଅଧୀନରେ ଗତ ୨୦୨୪ ମସିହା ମଇ ମାସ ୧୦ ତାରିଖରେ ପଞ୍ଜୀକୃତ ହୋଇଥିବା ଏକ ବେଆଇନ କଳାବାଘ ଚମଡ଼ା ଚୋରା ଚାଲାଣ ମାମଲାର ସଫଳ ବିଚାର ଏବଂ ଅପରାଧୀଙ୍କୁ ଦଣ୍ଡବିଧାନ କରାଇବାରେ ଶ୍ରୀ ପଣ୍ଡା ଜଣେ ଦୃଢ଼ ସାକ୍ଷୀ ଭାବରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ନିର୍ଭୀକ ଓ ଆଦର୍ଶଗତ ସହଯୋଗ ଯୋଗୁଁ ବନ୍ୟପ୍ରାଣୀ ଅପରାଧ ବିରୁଦ୍ଧରେ ଚାଲିଥିବା ଆଇନଗତ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇପାରିଛି। ଏହି ଅବସରରେ ରାୟଗଡ଼ା ବନଖଣ୍ଡ ଅଧିକାରୀ, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଶ୍ରୀ ପଣ୍ଡାଙ୍କୁ ଏହି ପ୍ରଶଂସନୀୟ ସେବାକୁ ଉଚ୍ଚ ପ୍ରଶଂସା କରିଛନ୍ତି।

# ଅନ୍‌ଲାଇନରେ ଟ୍ରେନ ରହଣି ସମୟ ଉପଲବ୍ଧ ନ ହେବାରୁ ଯାତ୍ରୀ ହନ୍ତସନ୍ତ

ମୁନିଗୁଡା, ୬।୬(ସମିସ): ଭବାନୀପାଟଣାରୁ ବିଶାଖାପାଟଣା ଯାଉଥିବା ପାସେଞ୍ଜର ଟ୍ରେନର ବିଭିନ୍ନ ଷ୍ଟେସନରେ ରହଣି ସମୟ ଅନଲାଇନ ପ୍ଲାଟଫର୍ମରେ ପ୍ରଦର୍ଶିତ ନ ହେବାରୁ ଯାତ୍ରୀମାନେ ଭ୍ରମରେ ପଡୁଥିବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି।

ଯାତ୍ରୀମାନେ ସାଧାରଣତଃ ଅନଲାଇନ ମାଧ୍ୟମରେ ଟ୍ରେନର ଚଳାଚଳ ସ୍ଥିତି ଓ ଷ୍ଟେସନରେ ପହଞ୍ଚିବା ସମୟ ଯାଞ୍ଚ କରି ଯାତ୍ରା ଯୋଜନା କରିଥାନ୍ତି। ମାତ୍ର ଭବାନୀପାଟଣାବିଶାଖାପାଟଣା ପାସେଞ୍ଜର ଟ୍ରେନର କେତେକ ଷ୍ଟେସନରେ ରହଣି ସମୟ ଅନଲାଇନରେ ସଠିକ ଭାବେ ପ୍ରଦର୍ଶିତ ନହେବାରୁ ଯାତ୍ରୀମାନେ ଟ୍ରେନର ପ୍ରକୃତ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରୁନାହାନ୍ତି।

ଫଳରେ ଅନେକ ଯାତ୍ରୀ ଅନଲାଇନ ସୂଚନା ଉପରେ ନିର୍ଭର କରି ଷ୍ଟେସନରେ ପହଞ୍ଚିବା ବେଳକୁ ଟ୍ରେନ ଛାଡ଼ି ଯାଇଥିବାରୁ ଟ୍ରେନ ଫେଲ୍ ହେଉଛନ୍ତି। ବିଶେଷକରି ଦୈନିକ ଯାତ୍ରୀ, ଛାତ୍ରଛାତ୍ରୀ ଓ ଚାକିରିଆମାନେ ଏଥିପାଇଁ ଅଧିକ ହଇରାଣ ହେଉଛନ୍ତି। ରେଳ




ବିଭାଗ ପକ୍ଷରୁ ଏହି ତ୍ରୁଟିକୁ ତୁରନ୍ତ ସୁଧାରି ସମସ୍ତ ଷ୍ଟେସନର ରହଣି ସମୟ ଅନଲାଇନରେ ସଠିକ ଭାବେ ପ୍ରଦର୍ଶନ କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି।

## ● ରଥଯାତ୍ରା ପ୍ରସ୍ତୁତି ବୈଠକ

# ସୁରକ୍ଷା ଓ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ



ବିଷମକଟକ, ୬।୬(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ସହରର ପବିତ୍ର ରଥଯାତ୍ରା ନିମନ୍ତେ ତହସିଲ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଷମ କଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡିଙ୍କ ଅଧ୍ୟକ୍ଷତା ରେ ଶନିବାର ସନ୍ଧ୍ୟା ୬ଘଣ୍ଟିକା ସମୟରେ ରଥଯାତ୍ରା ନିମନ୍ତେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ପ୍ରଶାସନ, ମନ୍ଦିର ପରିଚାଳନା କମିଟି ଓ ସହରର ବରିଷ୍ଠ ବ୍ୟକ୍ତିଙ୍କୁ ନେଇ ଏହି ରଥଯାତ୍ରାର ବିଭିନ୍ନ ଦିଗକୁ ନେଇ ଅଲଚନା ହୋଇଥିଲା।ଆସନ୍ତା ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ଥିବାରୁ ଜଗନ୍ନାଥ ମନ୍ଦିର ପରିସରରେ ଆଉ ଏକ ବୈଠକ ହେବ। ବ୍ରାହ୍ମଣ ସମାଜ, କୀର୍ତ୍ତନ ମଣ୍ଡଳୀ ଓ ଗୌଡ଼ ସମାଜ ଓ ତହସିଲଦାରଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହେବା ନେଇ ସ୍ଥିର ହୋଇଥିଲା। ସେହିପରି ଜୁଲାଇ ୧୬ରେ ପବିତ୍ର ଘୋଷଯାତ୍ରା ପାଳିତ ହେବ। ରଥ ନିର୍ମାଣ ଆରମ୍ଭ ହୋଇଯାଇଛି। ଏଥିପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ପାନୀୟଜଳର ବ୍ୟବସ୍ଥା ଉପରେ ଗୁରତ୍ୱ ଦିଆଯାଇଛି। ଜଗନ୍ନାଥ ମନ୍ଦିର ଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରାସ୍ତାଘାଟ ସଫା ସୁତୁରା ସହ ରଥ ଟଣାବେଳେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ପାଇଁ ନିଷ୍ପତି ହୋଇଛି। ବୈଠକରେ ବିଷମ କଟକ ପୁଲସ ପ୍ରଶାସନ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ, ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ଉପସ୍ଥିତି ରହିଥିବାବେଳେ ଜଗନ୍ନାଥ ମନ୍ଦିର ପୂଜା କମିଟିର ସଦସ୍ୟ ପୃଥ୍ୱୀରାଜ ସାହୁ, ଦେବୀ ପଟ୍ଟନାୟକ, ରାଜ କିଶୋର ସାହୁ, ଜଗନ୍ନାଥ ପାଢ଼ି ଓ ଡ୍ରାଇଭର ସଂଘ ସଦସ୍ୟଙ୍କ ସମେତ ଜଗନ୍ନାଥ ମନ୍ଦିର ପୂଜକ ରଘୁନାଥ ରଥ ଉପସ୍ଥିତି ଥିଲେ।

# ୩ କେଜିର ପ୍ରେସର ଆଇଇଡି ଜବତ

ମାଲକାନଗିରି, ୬।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାର ପଖାଞ୍ଜୁର ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନ ସମୟରେ ସୁରକ୍ଷା ବାହିନୀ ଏକ ବଡ଼ ସଫଳତା ମିଳିଛି। କୋୟଲିବେଡ଼ା ଥାନା ଅନ୍ତର୍ଗତ ଗଟ୍ଟାକାଲ ଗ୍ରାମ ନିକଟସ୍ଥ ପାହାଡ଼ିଆ ଅଞ୍ଚଳରେ ଚାଲିଥିବା ସର୍ଚ୍ଚ ଅପରେସନ ବେଳେ ସୁରକ୍ଷା ବାହିନୀ ୩ କିଲୋଗ୍ରାମ ଓଜନର ଏକ ପ୍ରେସର କୁକର ଆଇଇଡି ବୋମାକୁ ଜବତ କରିଛି। ସୂଚନା ଅନୁଯାୟୀ, ଜିଲ୍ଲା ପୁଲିସ, ବିଏସଏଫ୍ ଏବଂ ବମ୍ ନିଷ୍କ୍ରିୟକରଣ ଦଳର ମିଳିତ ଟିମ୍ ତଲାସି ଅଭିଯାନ ଚଳାଇଥିଲେ। ଏହି ସମୟରେ ଏକ ସନ୍ଦେହଜନକ ବସ୍ତୁ ଠାବ କରାଯାଇଥିଲା। ପରେ ବିଡିଏସ୍ ଟିମ୍‌କୁ ଘଟଣାସ୍ଥଳକୁ ଡକାଯାଇଥିଲା। ବିଶେଷଜ୍ଞ ଦଳ ତଦନ୍ତ ପରେ ଏହାକୁ ପ୍ରେସର କୁକର ଆଇଇଡି ବୋଲି ଚିହ୍ନଟ କରିଥିଲେ ଏବଂ ସୁରକ୍ଷିତ ଭାବେ ଏହାକୁ ନିଷ୍କ୍ରିୟ କରି ଧ୍ୱଂସ କରିଦେଇଥିଲେ। ଏହି ସଫଳ ଅଭିଯାନ ଫଳରେ ଏକ ବଡ଼ ଧରଣର ଅଘଟଣ ଟଳିଯାଇଥିବା କୁହାଯାଉଛି। ସୁରକ୍ଷା ବାହିନୀର ତତ୍ପରତା ଏବଂ ସତର୍କତା ଯୋଗୁଁ ନକ୍ସଲମାନଙ୍କ ଷଡ଼ଯନ୍ତ୍ର ବିଫଳ ହୋଇଛି। ପୁଲିସ ଅଧିକାରୀମାନଙ୍କ କହିବା ଅନୁଯାୟୀ, ସୀମାବର୍ତ୍ତୀ ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଲଗାତାର ଘନଘନ ସର୍ଚ୍ଚ ଏବଂ କମ୍ବି ଅପରେସନ ଚାଲିଛି। ସୁରକ୍ଷା ବାହିନୀର ନିରନ୍ତର କାର୍ଯ୍ୟାନୁଷ୍ଠାନ ଫଳରେ ନକ୍ସଲ କାର୍ଯ୍ୟକଳାପ ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ସ୍ଥାପିତ ହେଉଛି।



# ମହିଳା ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ

ମାଲକାନଗିରି, ୬।୬(ସମିସ): ମାଆ ଭୈରବୀ ଇଲେକ୍ଟ୍ରିକାଲ ୱାର୍କସ ସଂଘ ପକ୍ଷରୁ ମିଶନ ଆଶ୍ରାରେ ରହୁଥିବା ମାନସିକ ଅନଗ୍ରସର ମହିଳା ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ସଂଘର ମୁଖ୍ୟ ପ୍ରତିଷ୍ଠାତା ହେମନ୍ତ କୁମାର ଜୈନଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପୁରାତନ ଜିଲ୍ଲା ଚିକିତ୍ସାଳୟ ପରିସରରେ ଅବସ୍ଥିତ ମିଶନ ଆଶ୍ରାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାର ରଞ୍ଜନ ପ୍ରହରାଜ ମୁଖ୍ୟ ବକ୍ତା ଏବଂ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଏମ.ଏମ. ହୁସେନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ କୁମାର ଧାରୁଆ ଓ ବରିଷ୍ଠ ସାମ୍ବାଦିକ ରତ୍ନାକର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ଏହି ଅବସରରେ ସଂଘ ପକ୍ଷରୁ ମିଶନ ଆଶ୍ରାରେ ଚିକିତ୍ସାଧୀନ ପ୍ରାୟ ୧୦୦ ଜଣ ମହିଳା ଅନ୍ତେବାସୀଙ୍କୁ ଫଳ ଓ ମ୍ରିନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଘର ସଭାପତି ଡମ୍ବରୁଧର ଯାନୀ, ସମ୍ପାଦକ ଭି. ରାମା ରାଓ, ଆଇନ ପରାମର୍ଶଦାତା ଆଇନଜୀବୀ ଭବାନୀ ମିଶ୍ର, ସହ-ସମ୍ପାଦକ ପଦ୍ମପାଙ୍ଗି, ଏସ.କେ. ହସିର, ସୁବାଷ ପୂଜାରୀ, ବିନୋଦ ବିଶ୍ୱାଳ, ବିନୟ ଶିକଦାର, ସମାଜ ଖରା, ଭଗବାନ ଦୁର୍ଗା, ନବୀନ ବେହେରା, ଅମରଜିତ ବିଶ୍ୱାସ, ସୁବାଷ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ମିଶନ ଆଶ୍ରାର କେନ୍ଦ୍ର ପରିଚାଳିକା ମଧୁସ୍ମିତା ନନ୍ଦଙ୍କ ସହ ଶୁଭସ୍ମିତା ଉଦୟସିଂହ, ପ୍ରୀତିପ୍ରିୟ ଦର୍ଶିନୀ ଦାସ, ଲତିକା ଖରା ଓ ଚିନ୍ମୟ ଗୌଡ଼ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

# ଗୁଡ଼ାରୀ ଓଏଭି ଇକୋ କ୍ଲବ ସମ୍ମାନିତ

ଗୁଡାରୀ, ୬।୬(ସମିସ): ଭୁବନେଶ୍ୱର ଠାରେ ଆୟୋଜିତ ବିଶ୍ୱ ପରିବେଶ ଦିବସ-୨୦୨୬ ଅବସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୁଡାରିର ଇକୋ କ୍ଲବ ରାଜ୍ୟର ଦ୍ୱିତୀୟ ଶ୍ରେଷ୍ଠ ଇକୋ କ୍ଲବ ଭାବେ ଦ୍ୱିତୀୟ ସ୍ଥାନରେ ରହି ସମ୍ମାନିତ ହୋଇଛି। ଲୋକସେବା ଭବନ, ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ହସ୍ତରୁ ବିଦ୍ୟାଳୟ ଏହି ପୁରସ୍କାର ଗ୍ରହଣ କରିଥିଲା। ପରିବେଶ ସୁରକ୍ଷା, ଜୀବବିବିଧତା ସଂରକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ବିଦ୍ୟାଳୟର ଇକୋ କ୍ଲବ ଏହି ସଫଳତା ହାସଲ କରିଛି। ଏହା ଜାଣିବା ପରେ ଗୁଡାରୀ ବ୍ଲକ ଜନସାଧାରଣ ଏବଂ ବିଦ୍ୟାଳୟ ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।



# ଆମ୍ବଦଲା ମଣ୍ଡଳ ବିଜେପିର ବୈଠକ

ଆମ୍ବଦଲା, ୬।୬(ସମିସ): ଆମ୍ବଦଲା ମଣ୍ଡଳ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ମଣ୍ଡଳ କମିଟି ବୈଠକ ସ୍ଥାନୀୟ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅନନ୍ତ ମାଲଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶିବ ଶଙ୍କର ଉଲକା, ଜିଲ୍ଲା ସାଧାରଣ ସମ୍ପାଦକ ଭିକାରି ନାହାକ, ଜିଲ୍ଲା ପୂର୍ବତନ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାମନ୍ତ, ଏସଆଇଆରର ଜିଲ୍ଲା କୋର୍ଡିନେଟର ରୁଦ୍ର ମାଗେଲି, ଏସ୍‌ଟି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ପ୍ରସ୍କାକା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସଂଗଠନ ସୁଦୃଢ଼ୀକରଣ, ବୁଥ୍ ସ୍ତରରେ ଦଳୀୟ କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବା ଏବଂ ଆଗାମୀ ରାଜନୈତିକ କାର୍ଯ୍ୟସୂଚୀ ନେଇ ବିସ୍ତୃତ ହୋଇଥିଲା। ବୈଠକରେ ମଣ୍ଡଳର ସମସ୍ତ ପଦାଧିକାରୀ, ମୋର୍ଚ୍ଚା ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ, ବୁଥ୍ ସଭାପତି ଏବଂ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ମତାମତ ରଖିଥିଲେ। ବୈଠକ ଶେଷରେ ଦଳର ସାଙ୍ଗଠନିକ ବିକାଶ ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।



## ମାଲକାନଗିରି ଜିଲ୍ଲାରେ ଏସ୍‌ଆଇଆର୍ ସଚେତନତା ଅଭିଯାନ

# ବରିଷ୍ଠ ନାଗରିକଙ୍କୁ ଫର୍ମ ବାଣ୍ଟିଲେ ଉପଜିଲ୍ଲାପାଳ

ମାଲକାନଗିରି, ୬।୬(ସମିସ)



ଏସଆଇଆର୍-୨୦୨୬ର ସଫଳ ରୂପାୟନ ମାଧ୍ୟମରେ ଏକ ସ୍ୱଚ୍ଛ, ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ମାଲକାନଗିରି ଜିଲ୍ଲାରେ ଏସ୍ଆଇଆର ଗଣ-ଆନ୍ଦୋଳନର ରୂପ ନେଇଛି। ଜିଲ୍ଲାର କୋଣ ଅନୁକୋଣରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ରଥ ପରିକ୍ରମା କରୁଛି। ଏହି ଅଭିଯାନକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାଲକାନଗିରି ପୌରପାଳିକା ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। କୌଣସି ବି ଯୋଗ୍ୟ ନାଗରିକ ଯେପରି ଭୋଟର ତାଲିକାରୁ ବଞ୍ଚିତ ନ ହେବେ, ସେଥିପାଇଁ କ୍ଷେତ୍ରାଧିକାରୀମାନଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି।

ଏହି କ୍ରମରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ନିଜେ ମାଲକାନଗିରି ପୌରପାଳିକା ଅଞ୍ଚଳ ଗସ୍ତ କରିଛନ୍ତି। ସେ ସ୍ଥାନୀୟ ବରିଷ୍ଠ ନାଗରିକମାନଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସେମାନଙ୍କର ପରିଗଣନା ଫର୍ମ ବଣ୍ଟନ କରିବା ସହ ଅଭିଯାନର ମହତ୍ୱ ବୁଝାଇଛନ୍ତି।

ଅଭିଯାନର ଅଷ୍ଟମ ଦିନରେ ବିଭିନ୍ନ ଅଞ୍ଚଳରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ମଧ୍ୟ ଆନ୍ତରିକତାର ସହ ଘରକୁ ଘର ବୁଲି ପରିଗଣନା ଫର୍ମ ବଣ୍ଟନ ଜାରି ରଖିଛନ୍ତି। ନୂତନ ଯୋଗ୍ୟ ଭୋଟରଙ୍କ ନାମ ସାମିଲ କରିବା ଏବଂ ପୁରୁଣା ଭୁଲ୍ ସଂଶୋଧନ କରିବା ସହ ବରିଷ୍ଠ ନାଗରିକଙ୍କ ସୁବିଧା ପ୍ରତି ଧ୍ୟାନ ଦେବା ହିଁ ଏହି ଅଭିଯାନର ମୂଳ ଲକ୍ଷ୍ୟ, ଯାହା ଆଗାମୀ ଦିନରେ ଅଞ୍ଚଳର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ ମଜବୁତ କରିବ। ଅନ୍ୟ ମାନଙ୍କ ମଧ୍ୟରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ ଓ ସହାୟକ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ ଉପସ୍ଥିତ ଥିଲେ।

# ପେଡ଼ାକୋଣ୍ଡାରେ ସରିଲା ଟ୍ୱେଣ୍ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ



କାଲିମେଲା, ୬।୬(ସମିସ): ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପେଡ଼ାକୋଣ୍ଡା ଗ୍ରାମରେ ଆୟୋଜିତ ଟ୍ୱେଣ୍ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ସମାପନୀ ଉତ୍ସବରେ ମାଲକାନଗିରି ବିଧାୟକ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲାପାଳ ଓ ଜିଲ୍ଲା ପୋଲିସ ଅଧୀକ୍ଷକ (ଏସପି) ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଜେତା ଦଳକୁ ଅତିଥିମାନେ ଟ୍ରଫି ଓ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ବିଧାୟକ ନିଜ ଅଭିଭାଷଣରେ କହିଥିଲେ ଯେ, ଗ୍ରାମାଞ୍ଚଳରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ ଓ ବିକଶିତ କରିବାରେ ଏଭଳି କ୍ରୀଡ଼ା ଆୟୋଜନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଯୁବପିଢ଼ିଙ୍କୁ କ୍ରୀଡ଼ାକୁ ଜୀବନର ଏକ ଅଭିନ୍ନ ଅଂଶ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ପୁଲିସ ଅଧୀକ୍ଷକ କହିଥିଲେ ଯେ, କ୍ରୀଡ଼ା ମାଧ୍ୟମରେ ଶୃଙ୍ଖଳା, ଦଳଗତ ମନୋଭାବ, ସହଯୋଗିତା ଏବଂ ନେତୃତ୍ୱ ଗୁଣର ବିକାଶ ହୋଇଥାଏ। କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ଖେଳାଳି, ଗ୍ରାମର ବରିଷ୍ଠ ବ୍ୟକ୍ତିବର୍ଗ ଓ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମ ଉତ୍ସବମୁଖର ପରିବେଶରେ ସମାପ୍ତ ହୋଇଥିଲା।



ଚଳିତ ବର୍ଷ ରଜ ଉପଲକ୍ଷେ ମୁକ୍ତିଲାଭ କରିବାକୁ ଯାଉଛି ୪ଟି ଓଡ଼ିଆ ସିନେମା । ରଜ ଉପଲକ୍ଷେ ଏହି ଚାରୋଟି ସିନେମା ଦର୍ଶକଙ୍କୁ ଭରପୂର ଏଣ୍ଟରଟେନ୍ କରିବ ବୋଲି ସିନେମାଗୁଡ଼ିକର ପ୍ରଯୋଜନା ସଂସ୍ଥା ଓ ନିର୍ଦ୍ଦେଶକମାନେ ଆଶା ରଖିଛନ୍ତି । ଦର୍ଶକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଏଥର ରଜରେ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିର ଆଗଧାଡ଼ିର ୪ଜଣ ସୁପରହିଟ୍ କଳାକାର ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ଅମ୍ଲାନ ଏବଂ ଅର୍ଦ୍ଧେନ୍ଦୁଙ୍କ ମଧ୍ୟରେ ହେବ କଡ଼ା ଟକ୍କର । ସିଦ୍ଧାନ୍ତ ମହାପାତ୍ରଙ୍କ 'ମିଲେଟ ଡାଏରୀ', ଅନୁଭବ ମହାନ୍ତିଙ୍କ 'ଛକିଶୂନ', ଅର୍ଦ୍ଧେନ୍ଦୁଙ୍କ 'ଡାଏରୀ' ଏବଂ ଅମ୍ଲାନ ଦାସଙ୍କ 'ଶିକାର' ଚଳଚ୍ଚିତ୍ର ରଜ ବଜାରରେ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶାବ୍ୟକ୍ତ କରିଛନ୍ତି ସିନେମାଗୁଡ଼ିକର ପୂରା ଟିମ୍ ।



# ରଜରେ ଧମାଲ କରିବେ

# ଅନୁଭବ ଅମ୍ଲାନ ଅର୍ଦ୍ଧେନ୍ଦୁ



- ପରଦାକୁ ଆସିବ ସିଦ୍ଧାନ୍ତଙ୍କ 'ମିଲେଟ୍ ଡାଏରୀ'
- ଦର୍ଶକଙ୍କୁ ହଲ୍‌ମୁହାଁ କରାଇବ ୪ ଓଡ଼ିଆ ସିନେମା

ଆମର ଷ୍ଟୁଡିଓ ଓ ଏସ୍‌ଏମ୍ ଏଣ୍ଟରଟେନମେଣ୍ଟ ପ୍ରେଜେଣ୍ଟ୍ସ ୨୯ ଟୁ ନାଇନ ଫିଲ୍ମସର ମିଳିତ ସହଯୋଗରେ ନିର୍ମିତ 'ଛକି ଶୂନ' ଫିଲ୍ମର ରଚନା ଓ ନିର୍ଦ୍ଦେଶନା ମାନସ ପଡ଼ିହାରୀ ଦେଇଥିବା ବେଳେ ଅନୁଭବଙ୍କ ପତ୍ନୀ ଜାଗୃତି, ନବୀନ ଭଣ୍ଡାରୀ ଓ ସ୍ୱୟଂ ଏହାର ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିଛନ୍ତି । ଥ୍ରୀଲର ଓ ସସପେନ୍ସ ଭରା ଏହି ଫିଲ୍ମରେ ଅନୁଭବ ମହାନ୍ତି ଜଣେ ଆଇପିଏସ୍ ଚରିତ୍ରରେ ନଜର ଆସିବେ । ଅନ୍ୟ ଭୂମିକାରେ ସମ୍ବାନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା ମହାନ୍ତି, ଚୌଧୁରୀ ଜୟପ୍ରକାଶ ଦାସ, ନିତୁ ସିଂ, ବିଜିନୀ ମିଶ୍ର ପ୍ରମୁଖ ନଜର ଆସିବେ । ଚଳିତ ମାସ ୧୨ତାରିଖରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର 'ଆମେ ବାଲୁଙ୍ଗା ଟୋକା' ଗୀତର ଷ୍ଟୁଡିଓ ଭର୍ସନ ରିଲିଜ୍ ହୋଇଛି । ଯାହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି । ସେହିପରି ଫିଲ୍ମ ଇନଫାଇସନ ଏଣ୍ଟରଟେନମେଣ୍ଟ ପ୍ରେଜେଣ୍ଟ ବ୍ୟାନରରେ ନିର୍ମିତ 'ଦ ମିଲେଟ ଡାଏରୀ' ର ନିର୍ଦ୍ଦେଶନା ରାଜେନ୍ଦ୍ର ମହନ୍ତ ଦେଇଥିବା ବେଳେ କାହାଣୀ ଏବଂ ପ୍ରଯୋଜନା କରୁଛନ୍ତି ଜେଆର୍‌ଏମ୍ ଓ ସହ ପ୍ରଯୋଜକ ରହିଛନ୍ତି ରୋଜାଲିନ୍ ମହାନ୍ତି । ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ପ୍ରେମ୍‌ଆନନ୍ଦ ଦେଇଥିବା ବେଳେ ଚିତ୍ରନାଟ୍ୟ ଓ ସଂଳାପ ଦିଲ୍ଲୀପ ବିଶୋଇ ଏବଂ ଉତ୍ତମ କୁମାର ଦାୟିତ୍ୱ ନିର୍ବାହ କରିଛନ୍ତି । ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ଅଭିଷେକ ପଣ୍ଡା, ଶୀତମ ଦାସ, ଶିବାନୀ ସଂଗୀତା, କୁନା ତ୍ରିପାଠୀ, ରାଜ ରାଜେଶ ପ୍ରମୁଖ ଅଭିନୟ କରିଛନ୍ତି । ଅଭିଷେକ ଏଥିରେ ବିଏମ୍ବି ଡ୍ରାଇଭର ଚରିତ୍ରରେ ନଜର ଆସିବା ସହ ଗାଉଁଲି ଝିଅର ଚରିତ୍ରରେ ନଜର ଆସିବେ ଶିବାନୀ । ତେବେ ମାଣ୍ଡିଆର ଔଷଧୀୟ ଗୁଣ ଓ ବିଶ୍ୱ ଦରବାରରେ ଏହାର ପରିଚୟକୁ ନେଇ ଫିଲ୍ମଟି ଗତିଶୀଳ ହେଉଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅର୍ଥାତ ବଇଦ ଚରିତ୍ରରେ ନଜର ଆସିବେ ସିଦ୍ଧାନ୍ତ ମହାପାତ୍ର । ଏହି ସିନେମାଟି ମଧ୍ୟ ୧୨ରେ ହେବ ରିଲଜ୍ ହେବ ବୋଲି ଜଣାପଡ଼ିଛି ।

ସେହିପରି ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରଯୋଜକ ଅର୍ଦ୍ଧେନ୍ଦୁ ସାହୁ ଓ ସହପ୍ରଯୋଜକ ଆଦିକନ୍ଦ ସାହୁଙ୍କ ଦ୍ୱାରା ନିର୍ମିତ 'ଡାଏରୀ' ସିନେମାର ଟିଜର୍ ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ସିନେମାଟି ମଧ୍ୟ ଆଦୃତି ଲାଭ କରିବ ବୋଲି ଫିଲ୍ମର ପୂରା ଟିମ୍ ଆଶା ରଖିଛି । ତେବେ ସିନେମାରେ ଏକ ବକ୍ସରୁ ବାହାରୁଥିବା '୨୦୧୯' ଲେଖାଥିବା ଡାଏରୀ କାହାଣୀ ଦର୍ଶକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରିଛି । ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନା, କୁନା ତ୍ରିପାଠୀଙ୍କ ବଳିଷ୍ଠ କାହାଣୀ, ସ୍କ୍ରିନପ୍ଲେ ତଥା ସଂଳାପ ଓ ସୀତାଂଶୁ ମହାପାତ୍ରଙ୍କ ସିନେମାଟୋଗ୍ରାଫି ବଡ଼ ପରଦାରେ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ଦେବ । ତେବେ ଏହାର କେବଳ ଟିଜର୍ ଏବଂ ସଙ୍ଗୀତ ନିକଟରେ ରିଲିଜ୍ ହୋଇଛି । ସୋମେଶ ଶତପଥୀଙ୍କ ସଙ୍ଗୀତ ନିର୍ଦ୍ଦେଶନା ଏବଂ ଅମିତ ନାୟକ ଓ ଲୁବୁନ୍-ଟୁବୁନ୍‌ଙ୍କ କୋରିଓଗ୍ରାଫି ଫିଲ୍ମର ଗୀତଗୁଡ଼ିକୁ ଆହୁରି ଆକର୍ଷଣୀୟ କରିଛି । ଏକ ସୁନ୍ଦର ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅର୍ଦ୍ଧେନ୍ଦୁଙ୍କ ସହ ଯସ୍ମିନ ଓ ପ୍ରଜ୍ଞା ନଜର ଆସୁଛନ୍ତି । ତେବେ ରଜ ଅବସରରେ ଦର୍ଶକଙ୍କୁ ଆକ୍ସନ, ସସ୍‌ପେନ୍ସ ସହ ମନୋରଞ୍ଜନ ଯୋଗାଇବ ଅମ୍ଲାନଙ୍କ 'ଶିକାର' । ନିକଟରେ ଫିଲ୍ମର ଫାଷ୍ଟ ଲୁକ୍ ଓ ଷ୍ଟାରକାଷ୍ଟଙ୍କ ଲୁକ୍ ସାମ୍ନାକୁ ଆସିଥିବା ବେଳେ ବର୍ତ୍ତମାନ ଏହାର ଟିଜର ରିଲିଜ୍ ହୋଇଛି । ସୋସିଆଲ ମିଡିଆରେ ଟିଜରକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳୁଛି । ମୁନ୍ ଟିଭି ମୁଭିଜ୍ ପ୍ରସ୍ତୁତ



ଏହି ଫିଲ୍ମର ୧ ମିନିଟ୍ ୨୮ ସେକେଣ୍ଡର ଟିଜରରେ ରକ୍ତାକ୍ତ ଅବସ୍ଥାରେ ଅମ୍ଲାନଙ୍କୁ ଦେଖିବାକୁ ମିଳୁଛି । ଚିତ୍କାର କରିବା ସହ ସେ ବନ୍ଧୁକ ଚଳାଉଥିବା ଦୃଶ୍ୟ ଟିଜରକୁ ଅଧିକ ରୋମାଞ୍ଚକ କରିଛି । ଅଭିନେତ୍ରୀ ଏଲିନା ପ୍ରଥମ ଥର ଓକିଲ ଭୂମିକାରେ ନଜର ଆସିଛନ୍ତି । ମୁନ୍ ଟିଭି ମୁଭିଜ୍ ପ୍ରଯୋଜନାରେ ପ୍ରସ୍ତୁତ 'ଶିକାର'ର ନିର୍ଦ୍ଦେଶନା ମୃତ୍ୟୁଞ୍ଜୟ ସାହୁ ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ସଚ୍ଚିକାନ୍ତ ଜେନା । କାହାଣୀ ଓ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ବୈଦ୍ୟନାଥ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଗୁଡ଼ିକୁ ଗାଇଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ମଣ୍ଟୁ ଛୁରୀଆ, କ୍ରିଷ୍ଣା ବେଉରା, ଅସୀମା ପଣ୍ଡା । ଫିଲ୍ମରେ ଅନ୍ୟ କଳାକାରଙ୍କ ମଧ୍ୟରେ ସୁପ୍ରିୟା ନାୟକ, ଅଙ୍କିତ, ତାପସ ସରଘରିଆ, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଶାନ୍ତ ପାତ୍ର, ପ୍ରଭାତୀ, ବବି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି । ୧୨ ତାରିଖରେ ଏହା ମୁକ୍ତିଲାଭ କରିବ । ତେବେ ଦିଗହରା ହୋଇଥିବା ଓଡ଼ିଆ ସିନେମା ବର୍ତ୍ତମାନ ଅଣ୍ଟା ସଳଖିବାକୁ ସକ୍ଷମ ହୋଇଥିବା ବେଳେ ଦିନକୁ ଦିନ ମୌଳିକ କାହାଣୀକୁ ନେଇ ନିର୍ମିତ ଓଡ଼ିଆ ସିନେମା ପୁଣି ଥରେ ଦର୍ଶକଙ୍କୁ ହଲ୍‌ମୁହାଁ କରିବାରେ ସଫଳ ହୋଇଥିବା ଦର୍ଶକଙ୍କ ମଧ୍ୟରେ ଆଲୋଚନା ହେଉଛି ।



## 'ମନ୍ତ୍ରମୁଗ୍ଧ'ର ଧମାକା

# ଚାରି ସପ୍ତାହରେ ୪.୧୪ କୋଟି ଅଧିକ ଆୟ

ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓ ବହୁଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ବକ୍ସ ଅଫିସ୍‌ରେ ଧମାକା କରୁଛି । କେବଳ ଓଡ଼ିଶାରେ ନୁହେଁ, ରାଜ୍ୟ ବାହାରରେ ମଧ୍ୟ ଫିଲ୍ମଟି ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଛି । ମେ ୧ରେ ରିଲିଜ୍ ହୋଇଥିବା ଏହି ସିନେମା ଚାରି ସପ୍ତାହରେ ମଧ୍ୟରେ ୪ .୧୪ କୋଟିରୁ ଅଧିକ ଟଙ୍କା ଆୟ କରି ନୂଆ ରେକର୍ଡ ସୃଷ୍ଟି କରିଛି । ସୋସିଆଲ୍ ମିଡିଆରେ ନିର୍ମାତା ଫିଲ୍ମର କଲେକ୍ସନ ସମ୍ପର୍କରେ ସୂଚନା ଦେଇଛନ୍ତି । ଫିଲ୍ମର ସଫଳତାକୁ ନେଇ ଅଭିନେତ୍ରୀ ଭୂମିକାଙ୍କ ସମେତ ପୂରା ଟିମ୍ ଉତ୍ସବ ମନାଇଛନ୍ତି । ସୋସିଆଲ୍ ମିଡିଆରେ ଦର୍ଶକମାନେ ମଧ୍ୟ ଫିଲ୍ମକୁ ଭରପୂର ପ୍ରଶଂସା କରିଛନ୍ତି । କେହି ଫିଲ୍ମକୁ "ସୁପର ଡୁପର ହିଟ୍" ବୋଲି କହିଥିବା ବେଳେ ଆଉ କେହି ଏହାକୁ ବର୍ଷର ସବୁଠୁ ମନୋରଞ୍ଜନକାରୀ ଓଡ଼ିଆ ଫିଲ୍ମ ବୋଲି ମତ ଦେଇଛନ୍ତି ।

## ପରଦା ପଛର କାହାଣୀ



# ୮୧ ଫୁଟ ଉଚ୍ଚତାରୁ ପଡ଼ି ସଲମାନ ଆହତ

ବଲିଉଡ୍ ସୁପର୍‌ଷ୍ଟାର୍ ସଲମାନ ଖାନ୍ ନିଜର ଫିଟ୍‌ନେସ୍, ଆକ୍ସନ ଏବଂ ଦମଦାର୍ ଅଭିନୟ ପାଇଁ ପ୍ରସିଦ୍ଧ । ସେ ନିଜ କ୍ୟାରିୟରରେ ରୋମାଣ୍ଟିକରୁ ନେଇ ଆକ୍ସନ ପର୍ଯ୍ୟନ୍ତ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ନିକଟରେ ସଲମାନ ଫିଲ୍ମ 'ଜାଗୃତି'ର ଷ୍ଟଣ୍ଟ ସୁଟିଂ ପଛର ଏକ ବିପଜ୍ଜନକ କାହାଣୀ ପ୍ରକାଶ କରିଛନ୍ତି । 'ଜାଗୃତି' ଫିଲ୍ମରେ ଏକ ୮୦ ଫୁଟ୍ ଉଚ୍ଚ ପାହାଡ଼ରୁ ଖସିବାର ଦୃଶ୍ୟ ଥିଲା । ଏହାର ସୁଟିଂ ପାଇଁ ସମସ୍ତ ବନ୍ଦୋବସ୍ତ ହୋଇଥିଲା । ସେ ପାହାଡ଼ ଉପରୁ ତଳୁ ଦେଖିବା ପରେ ଡେଇଁପାରିବେ ବୋଲି ଭାବିଥିଲେ । ସାଧାରଣତଃ ଉଚ୍ଚରୁ ଡେଇଁବା ପାଇଁ ଗୋଟିଏ କିମ୍ବା ଦୁଇଟି ବକ୍ସ ମିଳିଥାଏ । ତେବେ ଏହି ପାହାଡ଼ ସୁଟିଂ ଦୃଶ୍ୟ ବହୁ ଉଚ୍ଚରେ ଥିବାରୁ ତାଙ୍କ ପାଇଁ ତ୍ରିସ୍ତରୀୟ ବକ୍ସ ବ୍ୟବସ୍ଥା କରାଯାଇଥିଲା । ଏହା ଉପରେ ଏକ ଗଦି ମଧ୍ୟ ବିଛା ହୋଇଥିଲା । ତେବେ ସେ ପାହାଡ଼ ଚଢ଼ିବା ପରେ, ପର୍ବତର ମଧ୍ୟ ଭାଗ ସାମାନ୍ୟ ବାହାରକୁ ବାହାରିଥିଲା । ତେଣୁ ଡେଇଁବାରେ ବାଧା ସୃଷ୍ଟି କରିପାରେ ବୋଲି ସେ ଭାବିଥିଲେ । ସେଥିପାଇଁ ସେ ଡେଇଁବାକୁ ଚାହୁଁ ନ ଥିଲେ । ସେପଟେ ସୁଟିଂ ପୂର୍ବରୁ ସେଠାରେ ଲୋକଙ୍କ ଭିଡ଼ ଜମି ସାରିଥିଲା । ତେଣୁ ତଳକୁ ଯାଇକି ଡେଇଁ ପାରିବେନି ବୋଲି କହିବାକୁ ତାଙ୍କୁ ଖରାପ ଲାଗୁଥିଲା । ଏଥିପାଇଁ ସେ ଯେ କୌଣସି ମତେ ପାହାଡ଼ରୁ ଡେଇଁବେ ବୋଲି ଭାବିଥିଲେ । ତଳେ ବକ୍ସ ଥିବା ଜାଣି ସେ ନିର୍ଭୟ ଥିଲେ । ହେଲେ ବକ୍ସଗୁଡ଼ିକ ଉଚ୍ଚରୁ ଦିଆସିଲି ବକ୍ସ ଭଳି ଦେଖାଯାଉଥିଲା । ଏହା ସତ୍ତ୍ୱେ ସେ ଦୌଡ଼ିକି ଡେଇଁବା ପ୍ରୟାସ କରିବା ସମୟରେ ଗୋଡ଼ ଖସିଯାଇଥିଲା । ଫଳରେ ସେ ପାହାଡ଼ରୁ ପଡ଼ି ଯାଇଥିଲେ । ଏଥିରେ ତାଙ୍କୁ ଗଭୀର ଆଘାତ ଲାଗିଥିଲା । ସେହିପରି ସେ ଫିଲ୍ମ 'ପତ୍ଥର୍ କେ ଫୁଲ୍' ସୁଟିଂ ସମୟରେ ମଧ୍ୟ ଏକ ଷ୍ଟଣ୍ଟ କରୁଥିବା ସମୟରେ ପଡ଼ିଯାଇଥିଲେ । ଫଳରେ ବହୁଦିନ ଧରି ତାଙ୍କ ପିଠିରେ ଯନ୍ତ୍ରଣା ଲାଗି ରହିଥିଲା ।

# 'କିଛି ସତ କିଛି ମିଛ'ରେ ଆଲୋକ ଓ ଛବିର ବାହା

'ଜୀ ସାର୍ଥକ'ର ନୂତନ ମେଗା ସିରିଏଲ୍ 'କିଛି ସତ କିଛି ମିଛ'ରେ ଏକ ବଡ଼ ଟ୍ୱିଷ୍ଟ ଆସିବାକୁ ଯାଉଛି । କାହାଣୀର ମୁଖ୍ୟ ଚରିତ୍ର ଆଲୋକ ଏବଂ ଛବିଙ୍କର ବିବାହ ଉତ୍ସବ ଖୁବ୍ ଶୀଘ୍ର ପରଦାକୁ ଆସିବ । ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି । ମଙ୍ଗରାଜ ପରିବାରର ପୁଅ ଆଲୋକ ସହ ଛବିଙ୍କର ବିବାହର ସମସ୍ତ ରୀତିନୀତି ଯେପରିକି ହଳଦୀ, ମେହେନ୍ଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ବଡ଼ ଧୁମଧାମରେ ପାଳନ କରାଯିବ । ଏହି ବିବାହ ଓଡ଼ିଶା ଟେଲିଭିଜନ ଜଗତର ସବୁଠାରୁ ବଡ଼ ଉତ୍ସବ ହେବାକୁ ଯାଉଛି । କାରଣ ଏଥିରେ ଜୀ ସାର୍ଥକର ଅନ୍ୟ ସମସ୍ତ ମେଗା ଧାରାବାହିକର ନାୟକ, ନାୟିକାମାନେ ଯୋଗ ଦେବେ ଓ ପ୍ରତ୍ୟେକ ସିନ୍ ହେବ ମନଲୋଭା ଓ ଆଣିବ କାହାଣୀରେ ରୋମାଞ୍ଚ । ଏହି ମେଗା ସିରିଏଲ୍‌ରେ ଆଲୋକ ଭୂମିକାରେ ଆର୍ଯ୍ୟ ପ୍ରଧାନ, ଛବି ଭୂମିକାରେ ଅର୍ଚ୍ଚିତା ରାଉତ ଏବଂ ଛାୟା ଭୂମିକାରେ ଅଦିତି ଦାଶ ଚମତ୍କାର ଅଭିନୟ କରୁଛନ୍ତି ।



## ଟେଲିଭିଜନ ପ୍ରିମିୟର ଅଦୃଶ୍ୟ

ଆଜି (ମେ୩୧) ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ହେବ ଓଡ଼ିଆ ସିନେମା 'ଅଦୃଶ୍ୟ' । "ପାପକୁ ଲୁଚାଇବା ସହଜ କିନ୍ତୁ କର୍ମକୁ ନୁହଁ, ଶେଷ ପରିଣାମ କ'ଣ ହେବ କାରଣ କର୍ମ ଫଳ ଯେମିତି ହେଲେ ଭୋଗିବାକୁ ତ ପଡ଼ିବ" । ଯାହାକୁ ପ୍ରମାଣିତ କରିଛି ଏହି ଚଳଚ୍ଚିତ୍ର ନିଜର ଏକ ଦମଦାର କାହାଣୀ ସହ । ମା' ଗାୟତ୍ରୀ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ଜୀବନ ସହ ଯୋଡ଼ି ହୋଇ ରହିଥିବା କର୍ମଫଳ ଏବଂ ଏକ ରହସ୍ୟମୟ 'ଅଦୃଶ୍ୟ ଶକ୍ତି' ଉପରେ ଆଧାରିତ । ଏହି ଫିଲ୍ମର ନିର୍ଦ୍ଦେଶନା, କାହାଣୀ ଓ ଚିତ୍ରନାଟ୍ୟ ଭାର ସତ୍ୟ ନାରାୟଣ ସାହୁ ସମ୍ଭାଳିଥିବା ବେଳେ ପ୍ରଯୋଜନା କରିଛନ୍ତି ସୁନନ୍ଦା ସାହୁ । ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ମଳୟ ମିଶ୍ରଙ୍କ ସ୍ୱର ଏବଂ ଅରୁଣ ମନ୍ତ୍ରୀ ଓ ସତ୍ୟ ନାରାୟଣ ସାହୁଙ୍କ ଗୀତ ଚଳଚ୍ଚିତ୍ରକୁ ଅଧିକ ଜୀବନ୍ତ କରିଛି । ମୁଖ୍ୟ ଭୂମିକାରେ ଅଭିଷେକ ଗିରି, ଲିପ୍‌ସା ମିଶ୍ର ଏବଂ ସାୟଲ ମୁଖାର୍ଜୀ ନଜର ଆସିବେ । ସେହିପରି ସହ-ଅଭିନେତା ଭାବେ ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ରାଜେଶ ଅଗ୍ରୱାଲ, ନୀଳମଣି, ପ୍ରଦୀପ ଦେବତା, ଅରବିନ୍ଦ ଜେନା ଓ କୁସୁମ ତ୍ରିପାଠୀ ପ୍ରମୁଖ ଅଭିନୟ କରିଛନ୍ତି ।



# ଲୁଧିଆନାରେ ଚଳନ୍ତା ଟ୍ରେନ୍‌ରୁ ଅଲଗା ହେଲା ବଗି

ଲୁଧିଆନା, ୬।୬(ଏଜେନ୍ସି): ନୂଆଦିଲ୍ଲୀରୁ ମାତା ବୈଷ୍ଣୋଦେବୀ କାଟ୍ରା ଯାଉଥିବା ଏକ୍ସପ୍ରେସ୍ ଟ୍ରେନ୍ ଶନିବାର ସକାଳେ ଲୁଧିଆନା ରେଳ ଷ୍ଟେସନରୁ ଛାଡ଼ିବା ସମୟରେ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଯାଇଛି। ଟ୍ରେନଟି ଗତିଶୀଳ ହେବା ମାତ୍ରେ ଦୁଇଟି ବଗିକୁ ଯୋଡୁଥିବା କପ୍ଲରଟି ହଠାତ୍ ଭାଙ୍ଗିଯାଇଥିଲା, ଯାହାଫଳରେ ଗୋଟିଏ ଶୋଇବା ବଗିର ଶୌଚାଳୟ ଅଂଶଟି ଭାଙ୍ଗି ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। ଏହି ସମୟରେ ଏକ ବିସ୍ଫୋରଣ ଭଳି ପ୍ରଚଣ୍ଡ ଶବ୍ଦ ହେବାରୁ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଆତଙ୍କ ପ୍ରକାଶ ପାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ରେଳ ସୁରକ୍ଷା ବଳ ଏବଂ ସ୍ଥାନୀୟ ପୁଲିସ ତୁରନ୍ତ ଷ୍ଟେସନରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଏହା କୌଣସି ବୋମା ବିସ୍ଫୋରଣ ନୁହେଁ, ବରଂ ଏକ ଯାନ୍ତ୍ରିକ ତ୍ରୁଟି। ରେଳବାଇର ଯାନ୍ତ୍ରିକ କର୍ମଚାରୀ ଓ ଯନ୍ତ୍ରୀମାନଙ୍କ ଅନୁସାରେ, ବଗିଟି ପୁରୁଣା ଥିବାରୁ ଏହାର ୱେଲ୍ଡିଂ ଦୁର୍ବଳ ହୋଇଯାଇଥିଲା ଏବଂ ସେହି ସ୍ଥାନରୁ ହିଁ ଏହା ଭାଙ୍ଗିଯାଇଛି। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି।

# ସ୍ତ୍ରୀ, ପୁଅର କବରକୁ ଜାବୁଡ଼ି ଧରି ଚାଲିଗଲା ସ୍ୱାମୀର ଜୀବନ

ମହୋବା, ୬।୬(ଏଜେନ୍ସି): ଉତ୍ତର ପ୍ରଦେଶର ମହୋବା ଜିଲ୍ଲା ଚରଖାରୀ ସହରରୁ ଏକ ଅତ୍ୟନ୍ତ ଦୁଃଖଦ ତଥା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ସ୍ତ୍ରୀ ଏବଂ ପୁଅର ମୃତ୍ୟୁର ମାତ୍ର ୧୧ ଦିନ ପରେ ଜଣେ ବ୍ୟକ୍ତି ସେମାନଙ୍କ କବରକୁ ଜାବୁଡ଼ି ଧରିଥିବା ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତ ବ୍ୟକ୍ତିଜଣକ ହେଲେ ୪୦ ବର୍ଷୀୟ ସୁଭାନ ଅହମ୍ମଦ। ପରିବାରର ତିନି ଜଣଙ୍କ ମୃତ୍ୟୁ ପରେ ଏବେ ୩ ପିଲା ସମ୍ପୂର୍ଣ୍ଣ ଅନାଥ ହୋଇଯାଇଛନ୍ତି। ଗତ ମେ ୨୫ ତାରିଖରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସୁଭାନଙ୍କ ୬ ବର୍ଷର ପୁଅ ହସନୈନ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ଯିବା ବାଟରେ ଆଖି ବୁଜିଥିଲା। ପୁଅର ମୃତ୍ୟୁ ଖବର ସହିନପାରି ସେହି ଦିନ ହିଁ ମା' ରାଜିଆ ଖାତୁନ ମଧ୍ୟ ପ୍ରାଣ ହରାଇଥିଲେ। ଗୋଟିଏ ଦିନରେ ମା' ଏବଂ ପୁଅଙ୍କୁ କବର ଦିଆଯାଇଥିଲା। ମାତ୍ର କେତୋଟି ଘଣ୍ଟା ମଧ୍ୟରେ ସ୍ତ୍ରୀ ଓ ସବୁଠାରୁ ସାନ ପୁଅକୁ ହରାଇ ସୁଭାନ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଏବଂ ଗଭୀର ମାନସିକ ଆଘାତରେ ଥିଲେ। ଶୁକ୍ରବାର ସକାଳ ପ୍ରାୟ ୪ଟା ସମୟରେ ସୁଭାନ ପ୍ରାର୍ଥନା କରିବା ପାଇଁ ଶ୍ମଶାନକୁ ଯାଇଥିଲେ। ଦୁଇ ଘଣ୍ଟା ପରେ ମଧ୍ୟ ସେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସେଠାରେ ସୁଭାନ ଗୋଟିଏ ହାତ ପୁଅର କବର ଉପରେ ଏବଂ ଅନ୍ୟ ହାତଟି ସ୍ତ୍ରୀର କବର ଉପରେ ରଖି ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲେ। ମେଡିକାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଗୋଡ଼ରେ ଏକ ଚିହ୍ନ ଥିବାରୁ କୌଣସି ବିଷାକ୍ତ କୀଟ କାମୁଡ଼ିବା ଯୋଗୁଁ କିମ୍ବା ଅତ୍ୟଧିକ ମାନସିକ ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

# ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ମାର୍କ ପୁନଃଗଣତି ଅବଧି ବଢ଼ିଲା

ନୂଆଦିଲ୍ଲୀ, ୬।୬(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ଯାଞ୍ଚ ଏବଂ ପୁନଃମୂଲ୍ୟାୟନ ପାଇଁ ଆବେଦନ ସମୟସୀମାକୁ ଜୁନ୍ ୬ରୁ ଜୁନ୍ ୭ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛି। ବୋର୍ଡର ଅନ୍‌ଲାଇନ୍ ପୋର୍ଟାଲରେ ବୈଷୟିକ ସମସ୍ୟା ଦେଖାଯିବା କାରଣରୁ ଛାତ୍ରଛାତ୍ରୀଙ୍କୁ ଅଧିକ ସମୟ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଜୁନ୍ ୨ ତାରିଖରୁ ଏହି ପୋର୍ଟାଲ୍ ଆରମ୍ଭ ହେବା ପରଠାରୁ ଏହା ଉପରେ କ୍ରମାଗତ ଭାବେ ସାଇବର ଆକ୍ରମଣ ହୋଇଥିଲା। ମାତ୍ର ଦୁଇ ମିନିଟ୍‌ରେ ପୋର୍ଟାଲ୍ ଉପରେ ୧୫ ଲକ୍ଷରୁ ଅଧିକ ଥର ଆକ୍ରମଣ କରି ୱେବସାଇଟ୍‌କୁ ଅଚଳ କରିବାକୁ ଚେଷ୍ଟା କରାଯାଇଥିଲା। ଏହା ସହିତ ପ୍ରାୟ ଏକ ଲକ୍ଷରୁ ଅଧିକ ଥର ବେଆଇନ ଭାବେ ତଥ୍ୟ ଚୋରି ପାଇଁ ଉଦ୍ୟମ ହୋଇଥିଲା। ତେବେ କୌଣସି ତଥ୍ୟ ଲିକ୍ ହୋଇ ନ ଥିବା ବୋର୍ଡ ସ୍ପଷ୍ଟ କରିଛି। ଏହି ଘଟଣାରେ ଦିଲ୍ଲୀ ପୁଲିସ ନିକଟରେ ଏକ ମାମଲା ଦାୟର କରାଯାଇ ତଦନ୍ତ ଆରମ୍ଭ ହୋଇଛି। କେନ୍ଦ୍ରୀୟ ଏଜେନ୍ସି ଏବଂ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନର ବିଶେଷଜ୍ଞ ଦଳ ଏହାର ମୁକାବିଲା କରୁଛନ୍ତି। ଜୁନ୍ ୪ ସୁଦ୍ଧା ମୋଟ୍ ୭୦, ୪୩୩ଟି ପୁନଃମୂଲ୍ୟାୟନ ଆବେଦନ ମିଳିସାରିଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଡିଜିଟାଲ୍ ମାଧ୍ୟମରେ ଖାତା ଦେଖା ହେବା ପରଠାରୁ ବୋର୍ଡ ବିବାଦରେ ରହିଛି। ଚଳିତ ମେ' ୧୩ରେ ପ୍ରକାଶିତ ଫଳାଫଳରେ ପାସ୍ ହାର ଗତବର୍ଷ ତୁଳନାରେ କମିଥିବା ବେଳେ ଖାତା ଦେଖାରେ ବହୁତ ତ୍ରୁଟି ଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ। ଜଣେ ଛାତ୍ରଙ୍କୁ ଅନ୍ୟ ଜଣଙ୍କର ପଦାର୍ଥ ବିଜ୍ଞାନ ଖାତା ମିଳିବା ଘଟଣା ସାମ୍ନାକୁ ଆସିବା ପରେ ଏହି ବିବାଦ ତୀବ୍ର ହୋଇଥିଲା।

# ଆଗୁଆ ଜାମିନ ପାଇଁ କୋର୍ଟର ଦ୍ୱାରସ୍ଥ ହେଲେ ଖାନ୍ ସାର୍

ପାଟନା, ୬।୬(ଏଜେନ୍ସି): ପାଟନାର ପ୍ରସିଦ୍ଧ ଶିକ୍ଷାବିତ୍ ଫୈସଲ ଖାନ୍ (ଖାନ୍ ସାର୍) ନିଜ କୋଚିଂ ସେଣ୍ଟରରେ ହୋଇଥିବା ପଥରମାଡ଼ ଓ ଗୁଳିକାଣ୍ଡ ମାମଲାରେ ଶନିବାର ପାଟନା କୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଏହି ଘଟଣାରେ ରୁଜୁ ହୋଇଥିବା ମାମଲାରେ ତାଙ୍କ ନାମ ସାମ୍ନାକୁ ଆସିବା ପରେ ସେ ଗିରଫଦାରୀରୁ ବର୍ତ୍ତିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ମଙ୍ଗଳବାର ରାତିରେ ପ୍ରାୟ ୧୫ ରୁ ୨୦ ଜଣ ଦୁର୍ବୃତ୍ତ 'ଖାନ୍ ଗ୍ଲୋବାଲ୍ ଷ୍ଟଡିଜ୍ ଇନଷ୍ଟିଚ୍ୟୁଟ୍'ରେ ଭଙ୍ଗାରୁଜା ଓ ପଥରମାଡ଼ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରୁ ସେଣ୍ଟରର ଦୁଇ ଜଣ ସୁରକ୍ଷାକର୍ମୀ ଆତ୍ମରକ୍ଷା ପାଇଁ ଫାୟାରିଂ କରିଥିଲେ। ପୁଲିସ ଗୁରୁବାର ସେହି ଦୁଇ ଜଣ ସୁରକ୍ଷାକର୍ମୀଙ୍କୁ ଅଟକ ରଖି ପଚରାଉଚରା କରିବା ସମୟରେ, ସେମାନେ ଖାନ୍ ସାର୍‌ଙ୍କ ନିର୍ଦ୍ଦେଶରେ ଗୁଳି ଚଳାଇଥିବା ପ୍ରକାଶ କରିଥିଲେ। ତେବେ ଖାନ୍ ସାର୍‌ଙ୍କ ଓକିଲ ଅରବିନ୍ଦ କୁମାର ମାଡ୍‌ଭର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବା ସହ ଏହା ଏକ ପ୍ରତିଦ୍ୱନ୍ଦ୍ୱୀ କୋଚିଂ ସେଣ୍ଟରର ନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିବା ଏକ ବଡ଼ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ସେ କହିଛନ୍ତି ଯେ ଖାନ୍ ସାର୍‌ଙ୍କୁ ବଦନାମ ଓ ମିଛ ମାମଲାରେ ଫସାଇବା ପାଇଁ ଏଫ୍‌ଆଇଆର୍‌ରେ ତାଙ୍କ ନାମ ଜବରଦସ୍ତି ଯୋଡ଼ାଯାଇଛି।

# ଟିଭିକେ ଓ ଡିଏମ୍‌କେରେ ସାମିଲ ହେଲେ ଅନେକ ପୂର୍ବତନ ମନ୍ତ୍ରୀ

ଚେନ୍ନାଇ, ୬।୬(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏଆଇଏଡିଏମକେ ଦଳର ସଙ୍କଟ ଆହୁରି ଗଭୀର ହେବାରେ ଲାଗିଛି। ବିଧାନସଭା ନିର୍ବାଚନରେ ଖରାପ ପ୍ରଦର୍ଶନ ପରେ ଦଳରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ବିବାଦ ମଧ୍ୟରେ ଶନିବାର ଅନେକ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ଦଳ ଛାଡ଼ିଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ପୂର୍ବତନ ମନ୍ତ୍ରୀ ଉଦୁମଲାଇ କେ ରାଧାକ୍ରିଷ୍ଣନ, ଏମସି ସମ୍ପଥ, କଦମ୍ବୁର ସି ରାଜୁ ଏବଂ ଏନଆର ଶିବପାଥି ମୁଖ୍ୟମନ୍ତ୍ରୀ ବିଜୟଙ୍କ ଦଳ 'ଟିଭିକେ' ରେ ସାମିଲ ହୋଇଛନ୍ତି। ଅନ୍ୟପଟେ, ଆଉ କିଛି ପୂର୍ବତନ ବିଧାୟକ ବିରୋଧୀ ଦଳ 'ଡିଏମକେ' ସଭାପତି ଏମକେ ଷ୍ଟାଲିନଙ୍କ ଉପସ୍ଥିତିରେ ସେହି ଦଳରେ ଯୋଗ ଦେଇଛନ୍ତି। ନିକଟରେ ଅନୁଷ୍ଠିତ ନିର୍ବାଚନ ପରେ ଏଆଇଏଡିଏମକେର ୨୫ ଜଣ ବିଦ୍ରୋହୀ ବିଧାୟକ ଦଳୀୟ ନିର୍ଦ୍ଦେଶକୁ ଅମାନ୍ୟ କରି ମୁଖ୍ୟମନ୍ତ୍ରୀ ବିଜୟଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ। ଏହାପରଠାରୁ ଦଳର ଅନେକ ନେତା ଓ କର୍ମୀ କ୍ରମାଗତ ଭାବେ ଦଳ ଛାଡୁଥିବାରୁ ସାଧାରଣ ସମ୍ପାଦକ ଏଡାପାଡି ପାଲାନିସ୍ୱାମୀଙ୍କ ପାଇଁ ଚିନ୍ତା ବଢ଼ିଯାଇଛି।



# ପୁଣି ଅଶାନ୍ତ ହେଲା ହର୍ମୁଜ୍

**ଇରାନର ଡ୍ରୋନ୍ ମାଡ଼ ପରେ ଆମେରିକାର ପାଲଟା ଆକ୍ରମଣ**

ୱାସିଂଟନ/ତେହରାନ, ୬।୬(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ସାମରିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ରଣକ୍ଷେତ୍ର ପାଲଟିଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ୍ ପ୍ରଣାଳୀ। ଆମେରିକା ସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଇରାନ ଦ୍ୱାରା ପଠାଯାଇଥିବା ଚାରୋଟି ଆତ୍ମଘାତୀ ଆକ୍ରମଣକାରୀ ଡ୍ରୋନ୍‌କୁ ଆକାଶମାର୍ଗରେ ଧ୍ୱଂସ କରିବା ପରେ ଆମେରିକା ଏହାର ପାଲଟା ଜବାବ ଦେଇଛି। ଆମେରିକୀୟ ବାହିନୀ ସିଧାସଳଖ ଇରାନ ସୀମା ଭିତରକୁ ପଶି ସେଠାକାର ଗୋରୁକ ଏବଂ କେଶମ ଦ୍ୱୀପରେ ଥିବା ଉପକୂଳବର୍ତ୍ତୀ ସାମରିକ ରାଡାର କେନ୍ଦ୍ରଗୁଡ଼ିକ ଉପରେ ଶକ୍ତ ଆକ୍ରମଣ କରି ସେଗୁଡ଼ିକୁ ନଷ୍ଟ କରିଦେଇଛି। ଆମେରିକା କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ସାମାଜିକ ଗଣମାଧ୍ୟମରେ ଏକ ବିବୃତି ଜାରି କରି ଏହି ଆକ୍ରମଣ ସମ୍ପର୍କରେ ନିଶ୍ଚିତ କରିଛି। ସେଣ୍ଟକମ୍ ପକ୍ଷରୁ କୁହାଯାଇଛି ଯେ, ଇରାନର ଏହି ଚାରୋଟି ଡ୍ରୋନ୍ ଅନ୍ତର୍ଜାତୀୟ ଜଳପଥରେ ଚଳାଚଳ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ପାଇଁ ସିଧାସଳଖ ବିପଦ ସୃଷ୍ଟି କରୁଥିଲେ। ସେଥିପାଇଁ ଆତ୍ମରକ୍ଷା ଏବଂ ଜଳପଥର ସୁରକ୍ଷା ଖାତିରରେ ଆମେରିକା ସେନା ଏହି ପଦକ୍ଷେପ ନେଇଛି। ଆଗକୁ ମଧ୍ୟ ଇରାନର ଯେକୌଣସି ଅଯଥା ଆକ୍ରମଣର ଜବାବ ଦେବାକୁ ଆମେରିକା ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସେଣ୍ଟକମ୍ ଚେତାବନୀ ଦେଇଛି। ଅପରପକ୍ଷରେ, ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଶନିବାର ସକାଳେ ହର୍ମୁଜ୍ ପ୍ରଣାଳୀ ନିକଟରେ ସେମାନଙ୍କ ସେନା ପକ୍ଷରୁ କେତେକ ଚେତାବନୀ ସୂଚକ ଗୁଳିଚାଳନା କରାଯାଇଥିଲା। ଆମେରିକାର ଯୁଦ୍ଧ ଜାହାଜଗୁଡ଼ିକ ନିଜର ସ୍ଥିତି ବଦଳାଇ ଇରାନ ସୀମା ଆଡ଼କୁ ଆସୁଥିବାରୁ ଏହାର ଜବାବରେ ଇରାନ ଏଭଳି ପଦକ୍ଷେପ ନେଇଥିବା ସେମାନଙ୍କ ସମ୍ବାଦ ସଂସ୍ଥା ପ୍ରକାଶ କରିଛି। କିନ୍ତୁ ଏହାପରେ ଆମେରିକାର ପାଲଟା ମିସାଇଲ୍ ମାଡ଼ ଇରାନର ସାମରିକ ପ୍ରସ୍ତୁତିକୁ ବଡ଼ ଝଟ୍‌କା ଦେଇଛି। ହର୍ମୁଜ ପ୍ରଣାଳୀ ହେଉଛି ସାରା ବିଶ୍ୱ ପାଇଁ ତେଲ ଏବଂ ଗ୍ୟାସ୍ ରପ୍ତାନିର ଏକ ପ୍ରମୁଖ ଚୋକପଏଣ୍ଟ ବା ସଙ୍କୁଚିତ ଜଳପଥ।


# ଜାତିସଂଘରେ ପାକିସ୍ତାନକୁ ଭାରତର ଚେତାବନୀ

**କାଶ୍ମୀର ପ୍ରସଙ୍ଗରେ ମିଥ୍ୟା ପ୍ରଚାର ବନ୍ଦ କରୁ ପାକିସ୍ତାନ**

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ମିଳିତ ଜାତିସଂଘ ମହାସଭାରେ ପୁଣି ଥରେ କାଶ୍ମୀର ପ୍ରସଙ୍ଗ ଉଠାଇ ଭାରତ ବିରୋଧରେ ବିଷୋଦ୍‌ଗାର କରିବା ପାକିସ୍ତାନ ପାଇଁ ମହଙ୍ଗା ପଡ଼ିଛି। ଶୁକ୍ରବାର ଦିନ ଜାତିସଂଘରେ ଭାରତ ପକ୍ଷରୁ ପାକିସ୍ତାନର ସମସ୍ତ ମିଥ୍ୟା ଓ ମନଗଢ଼ା ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରାଯିବା ସହ କଡ଼ା ଭାଷାରେ ଜବାବ ଦିଆଯାଇଛି। ଭାରତ ସ୍ପଷ୍ଟ କରିଛି ଯେ, ନିଜର ବ୍ୟକ୍ତିଗତ ତଥା ମନ୍ଦ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଜାତିସଂଘ ଭଳି ଏକ ସମ୍ମାନଜନକ ଅନ୍ତର୍ଜାତୀୟ ମଞ୍ଚକୁ ଅପବ୍ୟବହାର କରିବା ପାକିସ୍ତାନ ବନ୍ଦ କରୁ। ରାଷ୍ଟ୍ରସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରାଷ୍ଟ୍ରଦୂତ ପାର୍ବଥାନେନି ହରିଶ୍ ପାକିସ୍ତାନର ଅଭିଯୋଗର ଜବାବ ଦେଇ କହିଛନ୍ତି, 'ପାକିସ୍ତାନ ପକ୍ଷରୁ ଭାରତର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ପ୍ରସଙ୍ଗ ତଥା ଜମ୍ମୁ-କାଶ୍ମୀର ସମ୍ପର୍କରେ ଯେଉଁ ଅନାବଶ୍ୟକ ଟିପ୍ପଣୀ ଦିଆଯାଇଛି, ତାହାର ଉତ୍ତର ଦେବାକୁ ମୁଁ ବାଧ୍ୟ ହେଉଛି। ପାକିସ୍ତାନ



ନିଜର ସୀମିତ ରାଜନୈତିକ ସ୍ୱାର୍ଥ ପାଇଁ ଏହି ପବିତ୍ର ମଞ୍ଚକୁ ବ୍ୟବହାର କରିବାକୁ ପଛାଇ ନାହିଁ। ସୁରକ୍ଷା ପରିଷଦର ସଦସ୍ୟ ହେବା ଏକ ବଡ଼ ଦାୟିତ୍ୱ, ଏହା ମିଥ୍ୟା ଏବଂ ପକ୍ଷପାତମୂଳକ କାହାଣୀ ପ୍ରଚାର କରିବାର ସ୍ଥାନ ନୁହେଁ।' ସେ ଆହୁରି ମଧ୍ୟ ଦୃଢ଼ତାର ସହ କହିଛନ୍ତି ଯେ, ଜମ୍ମୁ ଓ କାଶ୍ମୀର ଭାରତର ଅଙ୍ଗ ଥିଲା, ଅଛି ଏବଂ ସଦାସର୍ବଦା ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ। ଏହା ବିରୋଧରେ କରାଯାଉଥିବା ଯେ, କୌଣସି ପ୍ରଚାର ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଐତିହାସିକ ସତ୍ୟତାଠାରୁ ଦୂରରେ। ଜମ୍ମୁ-କାଶ୍ମୀର ପ୍ରସଙ୍ଗକୁ ଏକ ଅନ୍ତର୍ଜାତୀୟ ବିବାଦର ରୂପ ଦେବା ପାଇଁ ପାକିସ୍ତାନ ଦୀର୍ଘ ଦିନ ହେବ ଚେଷ୍ଟା କରିଆସୁଛି। କିନ୍ତୁ ଭାରତ ଏହାର କୂଟନୈତିକ ରଣନୀତି ମାଧ୍ୟମରେ ପାକିସ୍ତାନର ଏହି ପ୍ରୟାସକୁ ବାରମ୍ବାର ଧୂଳିସାତ୍ କରିଦେଇଛି। ରାଷ୍ଟ୍ରଦୂତ ହରିଶ୍ କହିଛନ୍ତି ଯେ, ପାକିସ୍ତାନର ଖୋଲା ଆସ୍ଫାଳନ ଏବଂ ଅସାର ଦାବି ଦ୍ୱାରା ଭୂମିପୁତ୍ରଙ୍କ ବାସ୍ତବତା ଏବଂ ଇତିହାସ କଦାପି ବଦଳିବ ନାହିଁ। କାଶ୍ମୀରରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ଅଛି ଏବଂ ଏହା ଭାରତର ସାର୍ବଭୌମତ୍ୱର ଅଂଶ ଅଟେ।



# କେନ୍ଦ୍ର ଭାରତକୁ ଝଟ୍‌କା ଦେବ ମୌସୁମୀ

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ଲାଗିଛି। ସ୍ୱାଭାବିକ ସମୟଠାରୁ ତିନି ଦିନ ବିଳମ୍ବରେ କେରଳ ଛୁଇଁବା ପରେ, ଏହା କର୍ଣ୍ଣାଟକ ଓ ତାମିଲନାଡୁର ଉପକୂଳ ଅଞ୍ଚଳକୁ ସମ୍ପୂର୍ଣ୍ଣ ଆବୃତ କରି ଜୁନ୍ ୫ ତାରିଖରେ ଏହାର ସଠିକ୍ ସମୟରେ ଗୋଆରେ ପ୍ରବେଶ କରିଛି। ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ, ମୌସୁମୀ ବାୟୁ ସଠିକ୍ ସମୟରେ କିମ୍ବା ସମୟ ପୂର୍ବରୁ ମୁମ୍ବାଇରେ ପହଞ୍ଚିଯାଇପାରେ। ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ଏହା ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଛୁଇଁବାର ସମ୍ଭାବନା ରହିଛି। ଏହା ସହିତ ଆଗାମୀ ୧୦ ଦିନ ମଧ୍ୟରେ ଓଡ଼ିଶା, ବିହାର ଏବଂ ଝାଡ଼ଖଣ୍ଡର କେତେକ ଅଞ୍ଚଳରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇପାରେ। ମାତ୍ର ବଙ୍ଗୋପସାଗରରେ କୌଣସି ଶକ୍ତିଶାଳୀ ପାଣିପାଗ ନିୟାମକ ବା ଅବପାତ ସୃଷ୍ଟି ହୋଇନଥିବାରୁ, ଚଳିତ ମାସ ଶେଷ ଆଡ଼କୁ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶା ସମେତ କେନ୍ଦ୍ରୀୟ ଓ ପୂର୍ବ ଭାରତରେ ମୌସୁମୀର ଅଗ୍ରଗତି ମନ୍ଥର ହୋଇଯାଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ, ଗତକାଲି ରାଜସ୍ଥାନରେ ପ୍ରବଳ ଧୂଳିଝଡ଼ ଓ ବର୍ଷା ଯୋଗୁଁ ଭିନ୍ନ ଭିନ୍ନ ସ୍ଥାନରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ମଧ୍ୟପ୍ରଦେଶ ଓ ଛତିଶଗଡ଼ର କେତେକ ସ୍ଥାନରେ ମଧ୍ୟ ପ୍ରବଳ ଝଡ଼ବର୍ଷା ସହ ସାମାନ୍ୟ କ୍ଷୟକ୍ଷତି ଘଟିଛି। ଭାରତୀୟ ପାଣିପାଗ ବିଭାଗ ଅନୁସାରେ, ଆରମ୍ଭରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ଥିଲେ ମଧ୍ୟ ଗତ କିଛି ଦିନ ହେବ ବର୍ଷାର ପ୍ରକୋପ ବଢ଼ିବା ଯୋଗୁଁ ଏହି ନିଅଣ୍ଟିଆ ସ୍ଥିତି ବହୁଳ ଭାବେ ହ୍ରାସ ପାଇଛି। ଆଗାମୀ ଦିନରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପ୍ରାକ୍-ମୌସୁମୀ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

# ଲଣ୍ଡନରେ ଭାରତର ପ୍ରଧାନବିଚାରପତିଙ୍କୁ ଅସମ୍ମାନ

**ଭାଷଣ ବେଳେ ହଙ୍ଗାମା, ଭାରତର ନିନ୍ଦା**

ନୂଆଦିଲ୍ଲୀ୬।୬(ଏଜେନ୍ସି): ଲଣ୍ଡନର ଏକ ବିଶ୍ୱବିଦ୍ୟାଳୟରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଭାଷଣ ଚାଲିଥିବା ବେଳେ କେତେକ ଲୋକ ହଙ୍ଗାମା କରିଛନ୍ତି। ଏହି ଘଟଣାକୁ ନେଇ ବ୍ରିଟେନରେ ଥିବା ଭାରତୀୟ ଦୂତାବାସ ତୀବ୍ର ନିନ୍ଦା କରିବା ସହ ଏହାକୁ ଏକ ଅଶୋଭନୀୟ ଆଚରଣ ବୋଲି କହିଛି। ଜୁନ୍ ୪ ତାରିଖରେ ପ୍ରଧାନ ବିଚାରପତି 'କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଅନ୍ତର୍ଜାତୀୟ ଆଇନ' ବିଷୟରେ ଭାଷଣ ଦେଉଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମୟରେ କିଛି ଶ୍ରୋତା ଭାରତରେ ଅସନ୍ତୋଷ ପ୍ରକାଶର ସ୍ୱାଧୀନତା ଏବଂ ଗତ ମେ ୧୫ ତାରିଖରେ ଅଦାଲତରେ ପ୍ରଧାନ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ଏକ ବିବାଦୀୟ ବୟାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ମୁଖ୍ୟ ବିଷୟବସ୍ତୁ ବାହାରେ ଥିବାରୁ ସଞ୍ଚାଳକ ଏହି ପ୍ରଶ୍ନଗୁଡ଼ିକୁ ରୋକିବାକୁ ଚେଷ୍ଟା କରିଥିଲେ, ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ କିଛି ଲୋକ ହଙ୍ଗାମା କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ମେ ମାସରେ ଏକ ଶୁଣାଣି ବେଳେ ପ୍ରଧାନ ବିଚାରପତି ବେକାର ଯୁବକମାନଙ୍କୁ ନେଇ କକ୍ରୋଚ୍ ଅର୍ଥାତ ଅସରପା ବା ପରଜୀବୀ ଭଳି ଏକ ଶବ୍ଦ ବ୍ୟବହାର କରିଥିଲେ, ଯାହାକୁ ନେଇ ପରେ ସେ ସ୍ପଷ୍ଟୀକରଣ ମଧ୍ୟ ଦେଇଥିଲେ। ଏହି ଘଟଣାକୁ ନେଇ ଦେଶରେ ଏକ ବ୍ୟଙ୍ଗାତ୍ମକ ରାଜନୈତିକ ଗୋଷ୍ଠୀ ମଧ୍ୟ ଗଠନ ହୋଇଛି, ଯେଉଁମାନେ ଏହି ଭିଡିଓକୁ ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରୁଛନ୍ତି। ଭାରତୀୟ ଦୂତାବାସ କହିଛି ଯେ ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ, ମାତ୍ର ନିଜର ମତ ରଖିବା ବେଳେ ସଭ୍ୟତା ଓ ଶିଷ୍ଟାଚାର ବଜାୟ ରଖିବା ଉଚିତ।



# ଅନ୍ନାମଲାଇଙ୍କ ସହ ୧୦ ଘଣ୍ଟାରେ ଯୋଡ଼ି ହେଲେ ୧୦ ଲକ୍ଷ ଲୋକ

ଚେନ୍ନଇ, ୬।୬(ଏଜେନ୍ସି): ତାମିଲନାଡୁ ବିଜେପିର ପୂର୍ବତନ ସଭାପତି କେ. ଅନ୍ନାମଲାଇ ବିଜେପିରୁ ଇସ୍ତଫା ଦେବା ପରେ ନିଜର ଏକ ନୂଆ ରାଜନୈତିକ ଦଳ ଗଠନ କରିବାକୁ ସଙ୍କେତ ଦେଇଛନ୍ତି। ଖୁବଶୀଘ୍ର ଏକ ସ୍ୱାଧୀନ ଦଳ ଘୋଷଣା କରିବେ ବୋଲି ସେ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଏଥିପାଇଁ ସେ 'ୱି ଦି ଲିଡର୍ସ' ନାମକ ରାଜନୈତିକ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନର ନାମ ଘୋଷଣାର ମାତ୍ର ୧୦ ଘଣ୍ଟା ମଧ୍ୟରେ ୧୦ ଲକ୍ଷରୁ ଅଧିକ ଲୋକ ଏହି ଆନ୍ଦୋଳନ ସହ ଅନ୍‌ଲାଇନ ଜୋଡ଼ି ହୋଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପରେ ତାମିଲନାଡୁ ବିଜେପିରେ ଏକ ବଡ଼ ଧରଣର ସଙ୍କଟ ସୃଷ୍ଟି ହୋଇଛି। ଅନ୍ନାମଲାଇଙ୍କୁ ସମର୍ଥନ ଜଣାଇ ବିଜେପି ରାଜ୍ୟ ଉପସଭାପତି କାରୁ ନାଗରାଜନଙ୍କ ସମେତ ଅନେକ ବରିଷ୍ଠ ନେତା ଦଳରୁ ଇସ୍ତଫା ଦେଇଛନ୍ତି। ପୂର୍ବତନ ଆଇପିଏସ୍ ଅଧିକାରୀ ଅନ୍ନାମଲାଇ କହିଛନ୍ତି ଯେ ତାଙ୍କ ଦଳ ୨୦୩୧ ମସିହା ତାମିଲନାଡୁ ବିଧାନସଭା ନିର୍ବାଚନ ଲଢ଼ିବ ଏବଂ ରାଜ୍ୟରେ ବଂଶବାଦ ତଥା ବ୍ୟକ୍ତିଗତ ପୂଜା ପରିବର୍ତ୍ତେ ସାଧାରଣ ଜନତାଙ୍କ ପାଇଁ ପରିବର୍ତ୍ତନର ରାଜନୀତି କରିବ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ତାମିଲନାଡୁରେ ଅନୁଷ୍ଠିତ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି ମାତ୍ର ଗୋଟିଏ ଆସନ ଜିତିବାକୁ ସକ୍ଷମ ହୋଇଥିଲା। ଅନ୍ୟପଟେ ଅଭିନେତା ବିଜୟଙ୍କ ଦୁଇ ବର୍ଷର ପୁରୁଣା ଦଳ 'ତାମିଲଗା ଭେଟ୍ରି କାଜାଗାମ୍' ୧୦୮ ଟି ଆସନ ଜିତି କଂଗ୍ରେସ ସହ ମିଶି ସେଠାରେ ସରକାର ଗଠନ କରିଛି। ଏହି ନିର୍ବାଚନ ପରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ ମତଭେଦ ଯୋଗୁଁ ଅନ୍ନାମଲାଇ ଗତ ଜୁନ୍ ଦୁଇ ତାରିଖରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଅନ୍ନାମଲାଇଙ୍କ ଏହି ନୂଆ ଆନ୍ଦୋଳନ ଏବଂ ବିଜେପି ନେତାମାନଙ୍କ ଦଳ ତ୍ୟାଗ ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ କେଉଁ ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା।





# ଭାରତୀୟଙ୍କୁ ଟାର୍ଗେଟ୍ କରୁଥିବା ୧୪ ସୋସିଆଲ ମିଡିଆ ପୋଷ୍ଟ ବ୍ଲକ୍ କଲା ସିଙ୍ଗାପୁର

ସିଙ୍ଗାପୁର, ୬।୬(ଏଜେନ୍ସି): ସିଙ୍ଗାପୁର ସରକାର ନିଜ ଦେଶରେ ସାମାଜିକ ସଦ୍‌ଭାବନା ରକ୍ଷା କରିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତୀୟ ସମୁଦାୟକୁ ଟାର୍ଗେଟ୍ କରୁଥିବା ଏବଂ ଦେଶର ବହୁସଂସ୍କୃତିବାଦକୁ କ୍ଷତି ପହଞ୍ଚାଉଥିବା ୧୪ଟି ପୋଷ୍ଟକୁ ବ୍ଲକ କରିବା ପାଇଁ ସିଙ୍ଗାପୁର ପୁଲିସ ଫେସବୁକ୍, ୟୁଟ୍ୟୁବ୍ ଏବଂ ଏକ୍ସ (ଟ୍ୱିଟର) ଭଳି ପ୍ରମୁଖ ସାମାଜିକ ଗଣମାଧ୍ୟମଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ସିଙ୍ଗାପୁର ଗୃହ ମନ୍ତ୍ରଣାଳୟ ଅନୁସାରେ, ଏହିସବୁ ବିବାଦୀୟ ଭିଡିଓ ଓ ପୋଷ୍ଟଗୁଡ଼ିକ ଚୀନ୍‌ରୁ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଗତ ମେ ମାସରୁ ସେଠାକାର ଇଣ୍ଟରନେଟ୍ ମାଧ୍ୟମରେ ଏଭଳି ଭ୍ରମ ସୃଷ୍ଟି କଲା ଭଳି ତଥ୍ୟ ପ୍ରସାର କରାଯାଉଥିଲା, ଯେଉଁଥିରେ ସିଙ୍ଗାପୁର ଉପରେ ଭାରତୀୟମାନେ ପ୍ରଭାବ ବିସ୍ତାର କରୁଥିବା ନେଇ ଉତ୍ତେଜନାମୂଳକ କଥା କୁହାଯାଇଥିଲା। ଦେଶର ଗୃହ ରାଷ୍ଟ୍ରମନ୍ତ୍ରୀ ଏଡୱିନ୍ ଟୋଙ୍ଗ କହିଛନ୍ତି ଯେ, ଏହି ଭିଡିଓଗୁଡ଼ିକ ଜାତି ଆଧାରରେ ଲୋକଙ୍କୁ ବିଭାଜନ କରିବାକୁ ଚେଷ୍ଟା କରୁଛି। ସିଙ୍ଗାପୁରରେ ପ୍ରତ୍ୟେକ ସମୁଦାୟର ସମାନ ସ୍ଥାନ ରହିଛି ଏବଂ ବିଦେଶୀ ନାଗରିକଙ୍କ ଦ୍ୱାରା ଦେଶର ସାମ୍ପ୍ରଦାୟିକ ସଦ୍‌ଭାବନା ନଷ୍ଟ କରିବାକୁ ଚେଷ୍ଟା କରାଗଲେ ତାହାକୁ ବରଦାସ୍ତ କରାଯିବ ନାହିଁ।

# ମମତାଙ୍କ ପାଇଁ ସିଟ୍ ଛାଡ଼ିବାକୁ ମନାକଲେ ୟୁସୁଫ ପଠାନ!

କୋଲକାତା, ୬।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ବର୍ତ୍ତମାନ ପୁଣି ଅନ୍ୟ ବିବାଦ ଦେଖା ଦେଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ନିଜର ରାଜନୈତିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଲୋକସଭାକୁ ଯିବାକୁ ଯୋଜନା କରୁଥିବା ବେଳେ ଦଳ ମଧ୍ୟରେ ବିରୋଧାଭାଷ ଦେଖାଦେଇଛି। ବିଶେଷ କରି ବହରାମପୁର ସାଂସଦ ତଥା ପୂର୍ବତନ କ୍ରିକେଟର ୟୁସୁଫ ପଠାନ ନିଜ ପଦରୁ ଇସ୍ତଫା ଦେବାକୁ ମନା କରିଦେଇଥିବା ରିପୋର୍ଟ ପ୍ରକାଶ ପାଇଛି। ସୂତ୍ର ଅନୁଯାୟୀ, ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ନିଜ ଆସନ ଭବାନୀପୁରରୁ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ମମତା ପରାଜିତ ହୋଇଛନ୍ତି। ହେଲେ ଏହାପରେ ସେ କେନ୍ଦ୍ରୀୟ ରାଜନୀତିରେ ପ୍ରବେଶ ପାଇଁ ସଂସଦକୁ ଯିବାକୁ ମନ ବଳାଇଛନ୍ତି। ଏଥିପାଇଁ ସେ ମୁର୍ଶିଦାବାଦ ଜିଲ୍ଲାର ବହରାମପୁର ଆସନକୁ ବାଛିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ୟୁସୁଫ ପଠାନ ଏହି ଆସନରୁ କଂଗ୍ରେସର ପ୍ରଭାବଶାଳୀ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ପ୍ରାୟ ୮୫, ୦୦୦ ଭୋଟରେ ପରାସ୍ତ



କରିଥିଲେ। ବହରାମପୁରରେ ପ୍ରାୟ ୭୦ ପ୍ରତିଶତ ମୁସଲମାନ ଭୋଟର ଥିବାରୁ ଦଳ ଏହି ଆସନକୁ ମମତାଙ୍କ ପାଇଁ ସୁରକ୍ଷିତ ସୁଯୋଗ ବୋଲି ବିବେଚନା କରୁଛି। କିନ୍ତୁ ମମତାଙ୍କ ପାଇଁ ଆସନ ଖାଲି କରିବା ପ୍ରସ୍ତାବକୁ ୟୁସୁଫ ପଠାନ ସିଧାସଳଖ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡ଼ିଛି।

ସେପଟେ ଏହି ସମଗ୍ର ବିବାଦ ମଧ୍ୟକୁ ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ନାମ ମଧ୍ୟ ଟଣାଯାଇଛି। ଗଣମାଧ୍ୟମର କିଛି ରିପୋର୍ଟ ଅନୁଯାୟୀ, ୟୁସୁଫଙ୍କୁ ମନାଇବା ପାଇଁ ମମତା ଗାଙ୍ଗୁଲିଙ୍କ ସହାୟତା ନେଇଥିବା କୁହାଯାଇଛି। ତେବେ ଗାଙ୍ଗୁଲି ଏହି ଅଭିଯୋଗକୁ କଡ଼ା ଭାଷାରେ ଖଣ୍ଡନ କରିଛନ୍ତି। ସେ ଏହାକୁ ସତ୍ୟର ଅପମାନ ଏବଂ ଭିତ୍ତିହୀନ ବୋଲି କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ସେ କେବେ ହେଲେ କୌଣସି ରାଜନୈତିକ ବ୍ୟାପାରରେ ଜଡ଼ିତ ନୁହନ୍ତି ଏବଂ ଏହି ବିଷୟରେ ସେ ୟୁସୁଫ ପଠାନଙ୍କ ସହ କୌଣସି ଯୋଗାଯୋଗ କରିନାହାନ୍ତି। ଅନ୍ୟପଟେ ଟିଏମସି ବିଧାୟକ ହୁମାୟୁନ କବୀର ନିଜର ରେଜିନଗର ଆସନ ମମତାଙ୍କ ପାଇଁ ଛାଡିବାକୁ ପ୍ରସ୍ତାବ ଦେଇଥିବା ଜଣାଯାଇଛି।



# ଆରଜେଡି କର୍ମକର୍ତ୍ତା ହାତରେ ବାଡ଼ି ଧରି ଜଗିଲେ ଲାଲୁଙ୍କ ଘର

**ଜେଡ୍ ପ୍ରତ୍ୟାହାର ପରେ ୱାଇ-ସୁରକ୍ଷା ଫେରାଇଦେଲେ ଲାଲୁ**

ପାଟନା, ୬।୬(ଏଜେନ୍ସି): ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କ ପରିବାର ସରକାରଙ୍କ ଦ୍ୱାରା ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କମାଯିବା ପ୍ରତିବାଦରେ ସମସ୍ତ ସରକାରୀ ସୁରକ୍ଷା କର୍ମୀଙ୍କୁ ଫେରାଇ ଦେଇଛନ୍ତି। ବିହାର ସରକାର ଲାଲୁ ଯାଦବ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କୁ ମିଳୁଥିବା ଜେଡ ପ୍ଲସ୍ ସ୍ତରର ସୁରକ୍ଷାକୁ ପ୍ରତ୍ୟାହାର କରିଥିଲେ। ଏହାପରେ ସେମାନଙ୍କୁ ବିହାର ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ (ବିଏସ୍‌ଏପି) ଅଧୀନରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିଷ୍ପତ୍ତି ପରେ ପାଟନା ସ୍ଥିତ ୧୦ ସର୍କୁଲାର ରୋଡ ବାସଭବନରେ ମୁତୟନ ଥିବା ସମସ୍ତ ସୁରକ୍ଷା କର୍ମୀଙ୍କୁ ଲାଲୁ ଯାଦବ ଏବଂ ରାବ୍ରୀ ଦେବୀ ସେଠାରୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମଧ୍ୟ ନିଜକୁ ମିଳିଥିବା ୱାଇ ପ୍ଲସ୍ ସୁରକ୍ଷା ବ୍ୟବସ୍ଥାକୁ ଫେରାଇ ଦେଇଥିଲେ। ଏହି ଘଟଣା ପରେ ଆରଜେଡି କର୍ମକର୍ତ୍ତାମାନେ ଲାଲୁ ଯାଦବଙ୍କ ବାସଭବନ ସାମ୍ନାରେ ହାତରେ ବାଡ଼ି ଧରି ଜଗି ରହିଥିବା ଦେଖିବାକୁ ମିଳିଛି।

## ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ

# ଆୟରଙ୍କୁ ନେତୃତ୍ୱ; ସୂର୍ଯ୍ୟବଂଶୀଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଆଗାମୀ ଦିନରେ ଖେଳାଯିବାକୁ ଥିବା ଏକାଧିକ ଟି-୨୦ ପ୍ରତିଯୋଗିତା ଲାଗି ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ବିସିସିଆଇ ସିନିଅର ଚୟନ କମିଟି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଟି-୨୦ ଦଳର ନିୟମିତ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଦଳରୁ ବାଦ୍ ଦେଇଛି। ତାଙ୍କ ସ୍ଥାନରେ ଶ୍ରେୟାସ ଆୟରଙ୍କୁ ସଂକ୍ଷିପ୍ତ ଫର୍ମାଟ୍‌ରେ ଭାରତର ନୂଆ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଥମଥର ଲାଗି ଭାରତୀୟ ସିନିଅର ଦଳରେ ସାମିଲ କରାଯାଇଛି।




ଚଳିତ ମାସ ଶେଷ ଭାଗରେ ଆୟର୍ଲାଣ୍ଡ ଓ ପରେ ଇଂଲଣ୍ଡ ବିପକ୍ଷରେ ଟି-୨୦ ସିରିଜ ଖେଳିବ। ଏହି ଦୁଇଟି ସିରିଜ ଲାଗି ୧୬ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ସୂର୍ଯ୍ୟକୁମାରଙ୍କୁ ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ ଆୟରଙ୍କୁ ଟି-୨୦ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଅନ୍ୟତମ ମଧ୍ୟକ୍ରମ ବ୍ୟାଟର ତିଳକ ବର୍ମା ଉପ-ଅଧିନାୟକ ନିଯୁକ୍ତ ହୋଇଛନ୍ତି। ନିକଟରେ ଆଇପିଏଲ୍‌ରେ ବିଧ୍ୱଂସୀ ବ୍ୟାଟିଂ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ସୂର୍ଯ୍ୟବଂଶୀଙ୍କୁ ଚୟନକର୍ତ୍ତାମାନେ ନିରାଶ କରିନାହାନ୍ତି। ଆଶାନୁଯାୟୀ ତାଙ୍କୁ ପ୍ରଥମଥର ସିନିଅର ଦଳରେ ସାମିଲ କରାଯାଇଛି। ସେ ଅଭିଷେକ ଶର୍ମାଙ୍କ ସହ ଇନିଂସ ଓପନ୍ କରିବା ନିଶ୍ଚିତ ହୋଇଛି। ସେହିଭଳି ଦଳରେ ଦୁଇଜଣ ୱିକେଟ୍‌କିପର ଭାବେ ଅଭିଜ୍ଞ ସଞ୍ଜୁ ସାମସନଙ୍କ ସହ ବିସ୍ଫୋରକ ଇଶାନ କିଶାନଙ୍କୁ ନିଆଯାଇଛି। ଶୁଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର ଓ ଅକ୍ଷର ପଟେଲ ଅଲରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଅର୍ଶଦୀପ୍ ସିଂହ, ମହମ୍ମଦ ସିରାଜ, ହର୍ଷିତ ରାଣାଙ୍କ ସହ ଆଇପିଏଲ୍ ତାରକା ପ୍ରିନ୍ସ ଯାଦବ ପେସ୍ ବୋଲିଂ ଭାର ସମ୍ଭାଳିବେ। ରବି ବିଷ୍ଣୋଇ ଓ ବରୁଣ ଚକ୍ରବର୍ତ୍ତୀ ସ୍ପେଶାଲ ସ୍ପିନର ଭାବେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ କରିବେ।

ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳ ପ୍ରଥମେ ଆୟର୍ଲାଣ୍ଡ ଗସ୍ତରେ ଯାଇ ସେଠାରେ ଜୁନ ୨୬ ଓ ୨୮ରେ ଘରୋଇ ଦଳ ବିପକ୍ଷରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବ। ଏହି ଦୁଇଟି ମ୍ୟାଚ୍ ବେଲ୍‌ଫାଷ୍ଟରେ ଖେଳାଯିବ। ସେଠାରୁ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଯାଇ ପାଞ୍ଚଟି ଟି-୨୦ ମ୍ୟାଚ୍ ଘରୋଇ ଦଳ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଜୁଲାଇ ୧ରୁ ୧୧ ତାରିଖ ମଧ୍ୟରେ ଏହି ପାଞ୍ଚଟି ମ୍ୟାଚ୍ ଖେଳାଯିବ।

**ଆୟର୍ଲାଣ୍ଡ ଓ ଇଂଲଣ୍ଡ ଟି-୨୦ ସିରିଜ ଲାଗି ଘୋଷିତ ଦଳ**

ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା (ଉପ-ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶୁଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ବୈଭବ ସୂର୍ଯ୍ୟବଂଶୀ, ରବି ବିଷ୍ଣୋଇ, ମହମ୍ମଦ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂହ ଓ ପ୍ରିନ୍ସ ଯାଦବ।

## ଏସୀୟ କ୍ରୀଡ଼ା ଦଳରେ ବୁମରା

ଆଗାମୀ ଏସୀୟ କ୍ରୀଡ଼ା ଲାଗି ମଧ୍ୟ ଶନିବାର ଭାରତୀୟ ଟି-୨୦ ଦଳ ଘୋଷଣା କରାଯାଇଛି। ସେପ୍ଟେମ୍ବର ୧୯ରୁ ଜାପାନରେ ଆରମ୍ଭ ହେବାକୁ ଥିବା ଏହି ମେଗା ପ୍ରତିଯୋଗିତା ଲାଗି ଶ୍ରେୟସ ଆୟରଙ୍କୁ ମଧ୍ୟ ୧୫ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହି ଦଳରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଛି। ସେହିଭଳି ଆୟର୍ଲାଣ୍ଡ ଓ ଇଂଲଣ୍ଡ ସିରିଜରେ ସ୍ଥାନ ପାଇ ନ ଥିବା ବରିଷ୍ଠ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ କିନ୍ତୁ ଏସୀୟ କ୍ରୀଡ଼ା ଲାଗି ଦଳରେ ନିଆଯାଇଛି। ୨୦୨୩ରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତୀୟ ଦଳ ଋତୁରାଜ ଗାଏକୱାଡଙ୍କ ନେତୃତ୍ୱରେ ଚାମ୍ପିଅନ ହୋଇଥିଲା। ତେଣୁ ଏଥର ଟାଇଟଲ୍ ବଜାୟ ରଖିବାକୁ ଆୟରଙ୍କ ଦଳ ଚେଷ୍ଟା କରିବ। ଭାରତ ବ୍ୟତୀତ ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା ଓ ଆୟୋଜକ ଜାପାନ ଏଥର ଏସୀୟ କ୍ରୀଡ଼ା ଟାଇଟଲ୍ ଲାଗି ଲଢ଼େଇ କରିବେ।

**ଏସୀୟ କ୍ରୀଡ଼ା ଲାଗି ଭାରତୀୟ ଦଳ**

ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା (ଉପ-ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶୁଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ବୈଭବ ସୂର୍ଯ୍ୟବଂଶୀ, ରବି ବିଷ୍ଣୋଇ, ଯଶପ୍ରୀତ୍ ବୁମରା, ହର୍ଷିତ ରାଣା, ଅର୍ଶଦୀପ ସିଂହ।

## ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ଆରମ୍ଭ | ରାହୁଲ, ଗିଲ୍‌ଙ୍କ ଶତକ




ମୁଲାନପୁର, ୬।୬ (ଏଜେନ୍ସି): ନ୍ୟୁ ଚଣ୍ଡିଗଡ଼ସ୍ଥିତ ମହାରାଜ ଯାଦବୀନ୍ଦର ସିଂହ ଷ୍ଟାଡିୟମରେ ଶନିବାରଠାରୁ ଘରୋଇ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଅଧିନାୟକ ଶୁବମନ ଗିଲ୍ ଓ ଉପ-ଅଧିନାୟକ ଲୋକେଶ ରାହୁଲଙ୍କ ଶତକ ବଳରେ ପ୍ରଥମ ଦିନରେ ଦମ୍‌ଦାର ପ୍ରଦର୍ଶନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୮୫ ଓଭରରେ ୩ ୱିକେଟ ହରାଇ ୩୬୮ ରନ କରି ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହେଉଛି। ଖେଳ ଶେଷବେଳକୁ ଗିଲ୍ ୧୦୩ ଓ ୱିକେଟ୍‌କିପର ଋଷଭ ପନ୍ତ ୫୦ ରନ (୭୦ ବଲ୍, ୨ ଚୌକା ଓ ୩ ଛକା) କରି ଅପରାଜିତ ରହିଛନ୍ତି। ଆଇପିଏଲ୍‌ର ଫର୍ମକୁ ବଜାୟ ରଖିଥିବା ଗିଲ୍ ଏଠାରେ ଟେଷ୍ଟ କ୍ୟାରିୟରର ୧୧ତମ ଶତକ ହାସଲ କରିଛନ୍ତି। ୧୪୩ ବଲ୍‌ର ଏହି ପାଳିରେ ସେ ୧୧ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ଅସମାପ୍ତ ୪ର୍ଥ ୱିକେଟ ଭାଗୀଦାରିରେ ଗିଲ୍ ଓ ପନ୍ତ ୧୪୮ ବଲରୁ ୧୨୧ ରନ ଉଠାଇଥିଲେ। ଫଳରେ ଦଳୀୟ ସ୍କୋର ୩୫୦ ରନ ଅତିକ୍ରମ କରିଥିଲା।

ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଲୋକେଶ ରାହୁଲ ମଧ୍ୟ ୧୧ଟି ଚୌକା ମାଧ୍ୟମରେ ଠିକ୍ ୧୦୦ ରନ କରିବା ପରେ ଜିଆଉର ରହମାନ ଶାରିଫିଙ୍କ ବଲରେ ଆଉଟ୍ ହୋଇଥିଲେ। ଟେଷ୍ଟରେ ରାହୁଲଙ୍କ ଏହା ୧୨ତମ ଶତକୀୟ ପାଳି ଥିଲା। ରାହୁଲଙ୍କ ଓପନିଂ ପାର୍ଟନର ଯଶସ୍ୱୀ ଜୟସ୍ୱାଲ କିନ୍ତୁ ନିରାଶ କରିଛନ୍ତି। ପାଞ୍ଚଟି ଚୌକା ସହାୟତାରେ ୩୨ ବଲରୁ ୨୪ ରନ କରି ଜୟସ୍ୱାଲ ଆଉଟ୍ ହୋଇଥିଲେ। ତେବେ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ସୁଯୋଗ ପାଇଥିବା ସାଇ ସୁଦର୍ଶନ ୮୧ ରନର ଦର୍ଶନୀୟ ପାଳି ଖେଳି ଦଳକୁ ବଡ଼ ସ୍କୋର ଦେବାରେ ସହାୟତା କରିଥିଲେ। ୧୦୪ ବଲର ଏହି ପାଳିରେ ସୁଦର୍ଶନ ୧୩ଟି ଚୌକା ମାରିଥିଲେ। ଭ୍ରମଣକାରୀ ଆଫଗାନିସ୍ତାନ ବୋଲରମାନେ ପ୍ରଥମ ଦିବସରେ ପ୍ରଭାବଶୂନ୍ୟ ରହିଥିଲେ। ମଧ୍ୟଗତିର ବୋଲର ମହମ୍ମଦ ସଲିମ ସାଫିଙ୍କୁ ୨ଟି ଓ ରହମାନ ଶାରିଫିଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଭାରତର ବ୍ୟାଟିଂ ଲାଇନଅପ୍ ବେଶ୍ ଶକ୍ତିଶାଳୀ ଥିବାରୁ ବଳକା ୭ ୱିକେଟ୍‌ରେ ଦଳ ଏକ ବିଶାଳ ସ୍କୋର ଏଠାରେ ଠିଆ କରାଇବାର ସମ୍ଭାବନା ରହିଛି।

**ସଂକ୍ଷିପ୍ତ ସ୍କୋର**

ଭାରତର ପ୍ରଥମ ଇନିଂସ: ୩୬୮/୩, ୮୫ ଓଭର (ରାହୁଲ- ୧୦୦, ଗିଲ୍- ୧୦୩*, ସୁଦର୍ଶନ- ୮୧, ପନ୍ତ- ୫୦*, ଜୟସ୍ୱାଲ- ୨୪, ସଲିମ ସାଫି- ୨/୬୭)।

## ଫ୍ରେଞ୍ଚ ଓପନ୍ | ପ୍ରଥମ ଗ୍ରାଣ୍ଡସ୍ଲାମ୍ ଜିତିଲେ ଆନ୍ଦ୍ରିଭା

ପ୍ୟାରିସ, ୬।୬ (ଏଜେନ୍ସି): ରୁଷିଆର ଯୁବ ତାରକା ମାରିଆ ଆନ୍ଦ୍ରିଭା ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୧୨୫ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ଶନିବାର ରୋଲାଣ୍ଡ ଗାରସରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମୁକାବିଲାରେ ୮ମ ସିଡ୍ ଆନ୍ଦ୍ରିଭା ୬-୩, ୬-୨ ସିଧାସଳଖ ସେଟରେ ପୋଲାଣ୍ଡର ଯୋଗ୍ୟତା ଅର୍ଜନକାରୀ ମାଜା ଚୱାଲିସ୍କଙ୍କୁ ହରାଇଥିଲେ। ୧୯ ବର୍ଷୀୟା ଆନ୍ଦ୍ରିଭାଙ୍କ ସାମ୍ନାରେ ବିଶ୍ୱ ମାନ୍ୟତାର ୧୧୪ତମ ସ୍ଥାନରେ ଥିବା ମାଜା ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥିଲେ। ବିଜୟ ସହ ଆନ୍ଦ୍ରିଭା ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଟ୍ରଫି ହାସଲ କରିଛନ୍ତି। ସେହିଭଳି ଆନ୍ଦ୍ରିଭାଙ୍କ ବିଜୟ ସହ ଫ୍ରେଞ୍ଚ ଓପନ୍ ମହିଳା ବିଭାଗରେ ଜଣେ ନୂଆ ବିଜୟିନୀଙ୍କୁ ଦେଖିବାକୁ ମିଳିଛି। ଚାମ୍ପିଅନ ଆନ୍ଦ୍ରିଭା ଟ୍ରଫି ସହ ୩.୨ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୩୦ କୋଟି ୩୮ ଲକ୍ଷ ଟଙ୍କା) ପୁରସ୍କାର ହାସଲ କରିଛନ୍ତି। ସେହିଭଳି ରନର୍ସଅପ୍ ହୋଇଥିବା ମାଜା ୧୫ କୋଟି ୧୯ ଲକ୍ଷ ଟଙ୍କା ଘରକୁ ନେଇଛନ୍ତି।



### ଟାଇଟଲ ବଜାୟ ରଖିଲେ ଗ୍ରାନୋଲର୍ସ-ଜେବାଲୋସ୍

ଅପରପକ୍ଷରେ ପୁରୁଷ ଯୁଗଳରେ ସ୍ପେନର ମାର୍ସେଲ୍ ଗ୍ରାନୋଲର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ୍ ଯୋଡ଼ି ଟାଇଟଲ ବଜାୟ ରଖିଛନ୍ତି। ଏକପାଖିଆ ଫାଇନାଲ୍ ମ୍ୟାଚ୍‌ରେ ଏହି ଟପ୍ ସିଡ୍ ଯୋଡ଼ି ୬-୪, ୬-୨ ସିଧାସଳଖ ସେଟ୍‌ରେ ପ୍ରତିପକ୍ଷ ଦ୍ୱିତୀୟ ସିଡ୍ ଯୋଡି ଫିନଲାଣ୍ଡର ହାରି ହେଲିଓଭାରା ଏବଂ ବ୍ରିଟେନର ହେନ୍ରୀ ପ୍ୟାଟେନ୍‌ଙ୍କୁ ସହଜରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ଏଠାରେ ଟାଇଟଲ୍ ହାସଲ କରିଛନ୍ତି।

## ଆଶିଷଙ୍କ ହ୍ୟାଟ୍ରିକ; ଭାରତ ଚାମ୍ପିଅନ

**ଜୁନିଅର ଏସିଆ କପ୍ ହକି**

କାକାମିଗହରା, ୬।୬ (ଏଜେନ୍ସି): ଜାପାନରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ଷଷ୍ଠ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୪-୧ ଗୋଲ୍‌ରେ ଘରୋଇ ଜାପାନକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା। ଯୁବ ଭାରତୀୟ ଦଳ ପକ୍ଷରୁ ଝାଡ଼ଖଣ୍ଡ ତାରକା ଆଶିଷ ତାନି ପୁତ୍ରୀ ହ୍ୟାଟ୍ରିକ ଗୋଲ୍ ଦେଇ ଦଳକୁ ସ୍ୱର୍ଣ୍ଣ ପଦକ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମ୍ୟାଚର ଦ୍ୱିତୀୟ, ୨୮ତମ ଓ ୩୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚର ୩୦ତମ ମିନିଟରେ କେତନ କୁଶୱାହଙ୍କ ଷ୍ଟିକରୁ ଅନ୍ୟତମ ଗୋଲ୍‌ଟି ହୋଇଥିଲା। ବିଜୟ ସହ ଭାରତ ୩ୟଥର ଲାଗି ଜୁନିଅର ଏସିଆ କପ୍ ହକି ଟ୍ରଫି ଜିତିଛି। ଏଥିପୂର୍ବରୁ ଭାରତ ୨୦୦୧ ଓ ୨୦୧୬ରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା।



**ମହିଳା ଦଳ କାଂସ୍ୟରେ ସନ୍ତୁଷ୍ଟ**

ଅପରପକ୍ଷରେ ଭାରତୀୟ କନିଷ୍ଠ ମହିଳା ଦଳ ଏହି ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛି। ତୃତୀୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଭାରତ ୩-୦ ଗୋଲରେ କୋରିଆକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ସୁଇଟି କୁଜୁର, ସନ୍ଦୀପା କୁମାରୀ ଓ ନୌଶିନ ନାଜ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଭାରତୀୟ ଦଳ ସେମିଫାଇନାଲରେ ପରାସ୍ତ ହୋଇ ଟାଇଟଲ୍ ଦୌଡ଼ରୁ ବାଦ୍ ପଡ଼ିଥିଲା। ଜୁନିଅର ଏସିଆ କପ୍ ହକିରେ ଦୁଇ ଦୁଇଟି ପଦକ ଜିତିବା ପରେ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ସ୍ୱର୍ଣ୍ଣ ବିଜୟୀ ପୁରୁଷ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୩ ଲକ୍ଷ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୧.୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ସେହିଭଳି କାଂସ୍ୟ ପଦକ ଜିତିଥିବା ମହିଳା ଦଳର ପ୍ରତ୍ୟେକ ସଦସ୍ୟାଙ୍କୁ ୧.୫ ଲକ୍ଷ ଟଙ୍କା ଓ ସପୋର୍ଟ ଷ୍ଟାଫଙ୍କ ପାଇଁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି।

## ବୈଭବଙ୍କ ସହ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଯିବେ ପିତାମାତା

ମୁମ୍ବଇ,୬।୬(ଏଜେନ୍ସି): ୧୯୮୯ ମସିହାରେ ଯେତେବେଳେ ୧୬ ବର୍ଷୀୟ ସଚିନ ତେନ୍ଦୁଲକର ନିଜର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ଯାଇଥିଲେ, ସେତେବେଳେ ତାଙ୍କୁ ସାହସ ଦେବା ପାଇଁ ବଡ଼ ଭାଇ ଅଜିତ ସାଙ୍ଗରେ ଯାଇଥିଲେ। ଠିକ୍ ସେହିଭଳି ୩୭ ବର୍ଷ ପରେ ଆଉ ଜଣେ ବିସ୍ମୟ ବାଳକଙ୍କ ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ବଡ଼ ନିଷ୍ପତ୍ତି ନେଇଛି। ଭାରତୀୟ ସିନିଅର ଦଳରେ ସ୍ଥାନ ପାଇଥିବା ୧୫ ବର୍ଷୀୟ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ସହ ତାଙ୍କ ପିତାମାତା ମଧ୍ୟ ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତରେ ଯିବେ। ବୈଭବଙ୍କ ବୟସ ବହୁତ କମ୍ ହୋଇଥିବାରୁ ଅନ୍ତର୍ଜାତୀୟ କ୍ରିକେଟର ଚାପ ଏବଂ ବାହାର ପରିବେଶ ସହ ନିଜକୁ ଖାପଖୁଆଇ ଚଳିବାରେ ପରିବାରର ଉପସ୍ଥିତି ସହାୟକ ହେବ ବୋଲି ବିସିସିଆଇ ଅନୁଭବ କରିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ, ବୈଭବ ଜଣେ ଶିଶୁ ହୋଇଥିବାରୁ ତାଙ୍କ ପିତାମାତାଙ୍କୁ ସାଙ୍ଗରେ ଯିବାକୁ ଅନୁମତି ଦିଆଯାଇଛି। ସେମାନଙ୍କର ସମସ୍ତ ଗସ୍ତ ଖର୍ଚ୍ଚ ବୋର୍ଡ ବହନ କରିବ। ବିହାରର ଏହି ବାମହାତୀ ବ୍ୟାଟର ନିକଟରେ ଶେଷ ହୋଇଥିବା ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ୨୩୭.୩୦ ଷ୍ଟ୍ରାଇକ୍ ରେଟ୍‌ରେ ୭୭୬ ରନ୍ ସଂଗ୍ରହ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଚିନଙ୍କ ପରେ ସେ ଭାରତୀୟ ସିନିଅର ଦଳରେ ସ୍ଥାନ ପାଇଥିବା ସବୁଠାରୁ କମ୍ ବୟସ୍କ ଖେଳାଳି ହେବେ।

## ଗୀତାଞ୍ଜଳିଙ୍କ କୃତିତ୍ୱ



ଭୁବନେଶ୍ୱର, ୬।୬ (ସମିସ): ପୋଲାଣ୍ଡରେ ବିଶ୍ୱ ବେଞ୍ଚ୍ ପ୍ରେସ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ୫୦ଟି ଦେଶ ଭାଗ ନେଇଥିଲେ। ଯେଉଁଥିରେ ଓଡ଼ିଶାର ଗୀତାଞ୍ଜଳି ନାୟକ ଅଂଶଗ୍ରହଣ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଥିଲେ। ଗୀତାଞ୍ଜଳିଙ୍କ ଏହି ସଫଳତା ପାଇଁ କୋଚ୍ ତଥା ଓଡ଼ିଶା ରାଜ୍ୟ ପାୱାର ଲିଫ୍ଟିଙ୍ଗ ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।


# ୧୮ କ୍ୟାରେଟ୍ ସୁନାରେ ତିଆରି ଟ୍ରଫି

ଆଉ ଦିନ କେଇଟା ପରେ ଆରମ୍ଭ ହେବ ଫୁଟବଲ୍‌ର ମହାକୁମ୍ଭ ଫିଫା ବିଶ୍ୱକପ୍। ପ୍ରଥମଥର ଲାଗି ୩ଟି ଦେଶ ଆମେରିକାର, ମେକ୍ସିକୋ ଓ କାନାଡା ମିଳିତ ଭାବେ ବିଶ୍ୱକପ୍‌ର ୨୩ତମ ସଂସ୍କରଣକୁ ଆୟୋଜନ କରୁଛନ୍ତି। ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ଏଥର ଡିଫେଣ୍ଡିଂ ଚାମ୍ପିଅନ ଭାବେ ବିଶ୍ୱକପ୍‌ରେ ପ୍ରବେଶ କରିଛି। ଚାରିବର୍ଷରେ ଥରେ ଆୟୋଜିତ ହେଉଥିବା ବିଶ୍ୱର ଏହି ସବୁଠୁ ଲୋକପ୍ରିୟ କ୍ରୀଡ଼ାକୁ ନେଇ ଏବେ ପ୍ରଶଂସକଙ୍କ ମନରେ ନାହିଁ ନ ଥିବା ଉତ୍ସୁକତା ଦେଖାଦେଇଛି। ବିଶେଷ କରି ବିଶ୍ୱକପ୍ ସମ୍ବନ୍ଧୀୟ ଟିକିନିଖି ଖବର ଜାଣିବାକୁ ଫୁଟବଲପ୍ରେମୀ ଆଗ୍ରହ ରଖୁଛନ୍ତି। ବିଶ୍ୱକପ୍‌ରେ ପ୍ରଦାନ କରାଯାଉଥିବା ଟ୍ରଫି ସମ୍ପର୍କ କିଛିଟା ରୋଚକ ତଥ୍ୟ ଏଠାରେ ଉଲ୍ଲେଖ କରୁଛୁ।

ଚାମ୍ପିଅନ ଦଳକୁ ପ୍ରଦାନ କରାଯାଉଥିବା ଟ୍ରଫିର ଉଚ୍ଚତା ୩୭ ସେଣ୍ଟିମିଟର। ଏହି ଟ୍ରଫିଟି ୧୮ କ୍ୟାରେଟ ସୁନାରେ ନିର୍ମିତ ହୋଇଛି। ଯାହାର ଓଜନ ୬ କିଲୋଗ୍ରାମ ରହିଛି। ଏହି ଟ୍ରଫିର ଡିଜାଇନ ଦୁଇଟି ମାନବ ପ୍ରତିମୂର୍ତ୍ତି ପୃଥିବୀକୁ ଧରି ରହିଥିବା ଦର୍ଶାଉଛି। ଏହି ଚିତ୍ର ପ୍ରକୃତରେ ଦର୍ଶାଉଛି ଯେ କାହିଁକି ଫୁଟବଲ୍ ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା।

ଉଲ୍ଲେଖନୀୟ କଥା ହେଉଛି ଏହି ଟ୍ରଫିଟି ସମ୍ପୂର୍ଣ୍ଣ କଠିନ ନୁହେଁ; ଏହା ଭିତରଟା ଫମ୍ପା। ଯଦି ଏହା ସମ୍ପୂର୍ଣ୍ଣ ସୁନାରେ ତିଆରି ହୋଇଥାନ୍ତା, ତେବେ ବହୁତ ଭାରୀ ହୋଇଥାନ୍ତା। ଫଳରେ ଖେଳାଳିମାନେ ବିଜୟ ଉତ୍ସବ ପାଳନ ସମୟରେ ଏହାକୁ ସହଜରେ ଉଠାଇପାରନ୍ତେ ନାହିଁ। ଟ୍ରଫିର ମୂଳ ଭାଗରେ ମାଲାକାଇଟ୍‌ର ଦୁଇଟିସ୍ତର ରହିଛି, ଯାହା ଏକ ସବୁଜ ଅର୍ଦ୍ଧ-ମୂଲ୍ୟବାନ ଖଣିଜ ପଦାର୍ଥ। ୧୯୭୦ ମସିହାରେ ଫିଫା ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆରମ୍ଭ କରିବା ପରେ ଏହାକୁ ଇଟାଲୀୟ ମୂର୍ତ୍ତିକାର ସିଲଭିଓ ଗାଜାନିଗା ଡିଜାଇନ୍ କରିଥିଲେ। ୧୯୭୦ରେ ମେକ୍ସିକୋରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ବ୍ରାଜିଲ ଚାମ୍ପିଅନ ହୋଇଥିଲା। ତୃତୀୟ ବିଶ୍ୱକପ୍ ଟାଇଟଲ ଜିତିବା ପରେ ପୂର୍ବ ଟ୍ରଫି 'ଜୁଲ୍ସ ରିମେଟ୍ ଟ୍ରଫି'କୁ ସ୍ଥାୟୀ ଭାବରେ ବ୍ରାଜିଲକୁ ପ୍ରଦାନ କରାଯାଇଥିଲା।

**ଫିଫା ବିଶ୍ୱକପ୍**
**ଆଉ ୪ ଦିନ**




୧୯୭୪ ମସିହାରେ କିମ୍ବଦନ୍ତୀ ଡିଫେଣ୍ଡର ଫ୍ରାଞ୍ଜ ବେକେନବାଉରଙ୍କ ନେତୃତ୍ୱରେ ପଶ୍ଚିମ ଜର୍ମାନୀ ପ୍ରଥମଥର ପାଇଁ ବର୍ତ୍ତମାନ ପ୍ରଦାନ କରାଯାଉଥିବା ଟ୍ରଫି ଗ୍ରହଣ କରିଥିଲା। ବର୍ତ୍ତମାନ ରହିଥବା ବିଶ୍ୱକପ୍ ଟ୍ରଫିର ମୂଲ୍ୟ ପ୍ରାୟ ୨୫୦,୦୦୦ ଆମେରିକୀୟ ଡଲାର (୨.୩୮ କୋଟି ଟଙ୍କା) ହେବ ବୋଲି ଆକଳନ କରାଯାଇଛି। ଗତ କିଛି ମାସ ମଧ୍ୟରେ ସୁନାର ଅନ୍ତର୍ଜାତୀୟ ମୂଲ୍ୟ ବୃଦ୍ଧି ପାଇଛି, ଏବଂ ଟ୍ରଫି ତିଆରି କରିବା ପାଇଁ ଆବଶ୍ୟକ କାରିଗରୀ ବହୁତ ଅଧିକ। ତଥାପି, ଟ୍ରଫିର ପ୍ରକୃତ ମୂଲ୍ୟ ଅନେକ ଗୁଣ ଅଧିକ। ଯଦି ଆଜି ବଜାରରେ ଟ୍ରଫିକୁ ନିଲାମ କରାଯାଏ, ତେବେ ଏହାର ମୂଲ୍ୟ ୨୦ ନିୟୁତ ଡଲାର (୧୯୦ କୋଟି ୮୦ ଲକ୍ଷ ଟଙ୍କା) ଅତିକ୍ରମ କରିପାରେ ବୋଲି ଆକଳନ କରାଯାଉଛି।

ବହୁତ କମ୍ ଲୋକ ଜାଣିଥିବେ ଯେ ବିଜେତା ଦଳଗୁଡ଼ିକ ମୂଳ ତଥା ଅରିଜିନାଲ ଟ୍ରଫିକୁ ସମ୍ପୂର୍ଣ୍ଣ ଭାବେ ରଖିବାକୁ ଦିଆଯାଏ ନାହିଁ। ଫିଫା ପ୍ରକୃତ ଟ୍ରଫିର ମାଲିକାନା ବଜାୟ ରଖିଥାଏ। ଯାହାକୁ ଫାଇନାଲ୍ ଶେଷ ହେବା ପରେ ତୁରନ୍ତ ଜୁରିଚ୍‌ରେ ଥିବା ଏହାର ମୁଖ୍ୟାଳୟକୁ ଫେରାଇ ନିଆଯାଏ। ଏହା ବଦଳରେ ଚାମ୍ପିଅନ ଦେଶକୁ ଏକ ସୁନା ପ୍ଲେଟେଡ୍ ବ୍ରୋଞ୍ଜ ପ୍ରତିକୃତି ଦିଆଯାଇଥାଏ। ସେହି ଟ୍ରଫିକୁ ଧରି ଚାମ୍ପିଅନ ଦଳ ସ୍ୱଦେଶ ଫେରିଥାଏ।

## ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଉଦ୍‌ଯାପିତ

ଭୁବନେଶ୍ୱର, ୬।୬ (ସମିସ): ଏହେସାସ ତାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ବଡ଼ଗଡ଼ସ୍ଥିତ ତାଏକ୍ୱୋଣ୍ଡୋ ଟ୍ରେନିଙ୍ଗ ସେଣ୍ଟରରେ ଦ୍ୱିତୀୟ ଭୁବନେଶ୍ୱର ଜିଲ୍ଲା କ୍ୟୁରୋଜୀ ଏବଂ ପୁମସେ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ପ୍ରତିଯୋଗିତାରେ ଚାରୋଟି କ୍ଲବରୁ ପାଖାପାଖି ୭୦ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଓଡିଶା ରାଜ୍ୟ ତାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ମନମୋହନ ଭଞ୍ଜ, ସ୍ୱତନ୍ତ୍ର ଅତିଥିଭାବେ କୋଷାଧକ୍ଷ ବିବେକାନନ୍ଦ ସାମଲ, ଗେଷ୍ଟ ଅଫ ଅନର ଭାବେ କୋଚ ଗଣେଶ ଗୌଡ଼, ଜୟନ୍ତ ପଣ୍ଡା ଏବଂ ତାଏକ୍ୱୋଣ୍ଡୋ କୋଚ ତଥା ଅନ୍ତର୍ଜାତୀୟ ଖେଳାଳି ଏହେସାସ ହୋତା ପ୍ରମୁଖ ଯୋଗଦାନ କରି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ତାଏକ୍ୱୋଣ୍ଡୋ ଆସୋସିଏସନ ପକ୍ଷରୁ ଏହି ପ୍ରତିଯୋଗିତାକୁ ସମସ୍ତ ଟେକ୍ନିକାଲ ସପୋର୍ଟ କରାଯାଇଥିବା। ଭୁବନେଶ୍ୱର ଆମେଚର ତାଏକ୍ୱୋଣ୍ଡୋ ଆସୋସିଏସନ ପକ୍ଷରୁ ପ୍ରମୋଟ କରାଯାଇଛି। ଏଥିରେ ଭଲ କରିଥିବା କ୍ରୀଡ଼ାବିତଙ୍କୁ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।



## ସିଦ୍ଧାନ୍ତ ସ୍ମାରକୀ ଜୁନିଅର କ୍ରିକେଟ୍ | ଯଦୁପୁରକୁ ଜିତାଇଲେ ଆଶୁତୋଷ

ଭୁବନେଶ୍ୱର, ୬।୬ (ସମିସ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ସିଦ୍ଧାନ୍ତ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଯଦୁପର ଏକାଡେମୀ ବିଜୟୀ ହୋଇଛି। ଶନିବାର ଖେଳାଯାଇଥିବା ମ୍ୟାଚରେ ଯଦୁପୁର ୯ ୱିକେଟରେ ସନସାଇନ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସନସାଇନ ୧୧ ଓଭରରେ ୫୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରତିପକ୍ଷ ଯଦୁପୁର ପକ୍ଷରୁ ଆଶୁତୋଷ ଯାଦବ ମାରାତ୍ମକ ବୋଲିଂ କରି ୧୫ ରନରେ ୫ଟି ୱିକେଟ୍ ନେଇଥିଲେ। ଜବାବରେ ଯଦୁପର ଏକାଡେମୀ ୯.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବରିଷ୍ଠ ଖେଳାଳି ଚିତ୍ତରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଆଶୁତୋଷଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS